Follow Us
www.ekamaatra.com
ekamaatra@gmail.com
advt@ekamaatra.com
editor@ekamaatra.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ଲକ୍ଷ୍ନୌ : ପରମବୀର ଚକ୍ରରେ ଭୂଷିତ ସହିଦ ବୀର ହମିଦ୍‌ଙ୍କ ୫୨ତମ ସହିଦ ସ୍ମୃତି ଦିବସ ଅବସରରେ ତାଙ୍କର ପତ୍ନୀ ରସୁଲନ ବିବିଙ୍କୁ ସ୍ମୃତିଫଳକ ପ୍ରଦାନ କରିବା ଅବସରରେ ସେନାମୁଖ୍ୟ ବିପିନ୍ ରାୱତ ।

ବର୍ଷ-୧ ସଂଖ୍ୟା-୩୬ ୧୮ - ୨୪ ସେପ୍ଟେମ୍ବର, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-36 18th -24th September, 2017 BHUBANESWAR ₹ 5/- (8 Pages)



ଶରଦ ସରସୀ ଜଳେ ପଦ୍ମକଢ଼ ହସିଖେଳେ

## ବଂଶଧାରା ଜଳ ବିବାଦ; ଆନ୍ଧ୍ର ସପକ୍ଷରେ ରାୟ

# ନ୍ୟାୟ ମାଗୁଛି ମହାନଦୀ

**ଭୁବନେଶ୍ୱର :** ବଂଶଧାରା ନଦୀ ଜଳ ବିବାଦରେ ଓଡ଼ିଶାର ଯୁକ୍ତିକୁ ଟ୍ରିବୁନାଲରେ ଗ୍ରହଣୀୟ ନହେବା କାରଣରୁ ରାଜ୍ୟକୁ ଏକ ଶକ୍ତ ଧକ୍କା ଲାଗିଛି । ଓଡ଼ିଶାରେ ଅଭିଯୋଗକୁ ଖାରଜ କରି ଟ୍ରିବ୍ୟୁନାଲ ଆନ୍ଧ୍ର ସପକ୍ଷରେ ରାୟ ପ୍ରଦାନ କରିଛନ୍ତି । କାଟ୍ରାଗଡ଼ା ଓ ନେରେଡି ପ୍ରକଳ୍ପ ଚାଲୁ ରଖିବାକୁ ରାୟ ପ୍ରଦାନ କରିଛନ୍ତି ଟ୍ରିବ୍ୟୁନାଲ । କାଟ୍ରାଗୁଡା ପ୍ରକଳ୍ପ ପାଇଁ ସର୍ତ୍ତମୂଳକ ଅନୁମତି ଦିଆଯାଇଛି । ତେଣୁ ବଂଶଧାରା ନଦୀ ଜଳ ବିବାଦରେ ଆନ୍ଧ୍ର ପାଖରେ ହାରିଯାଇଛି ଓଡ଼ିଶା । ପକ୍ଷ ଦୁର୍ବଳ ରଖି ଓଡ଼ିଶା ଏହି ମାମଲାରେ ହାରିଯିବା ଓ ଆନ୍ଧ୍ରର ଏହି ବ୍ୟାରେଜ ନିର୍ମାଣ ଦ୍ୱାରା ଓଡ଼ିଶାର ଅନେକ ଅଞ୍ଚଳ ଜଳମଗ୍ନ ହେବା ସୁନିଶ୍ଚିତ କରିଛି । ପୋଲାଭରମ ଅବସ୍ଥା ମଧ୍ୟ ସମାନ । ସାବେରୀ ନଦୀର ତଳ ମୁଣ୍ଡରେ ଗୋଦାବରୀ ନଦୀ ଉପରେ ଆନ୍ଧ୍ରପ୍ରଦେଶ ସରକାର ନିର୍ମାଣ କରୁଥିବା ପୋଲାଭରମ ପ୍ରକଳ୍ପକୁ ଜାତୀୟ ପ୍ରକଳ୍ପ ମାନ୍ୟତା



ମିଳିସାରିଛି । ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ନବୀନ ବାବୁଙ୍କ ସରକାର ନେଉଥିବା ପଦକ୍ଷେପ ଯେ ଯଥେଷ୍ଟ ନୁହେଁ ଏହା ପ୍ରମାଣିତ ହେଉଛି । ଯଦିଓ ଏନେଇ ଗୁଡିଏ ରାଜନୈତିକ ବୟାନବାଜି ଓ ଆନ୍ଦୋଳନ କରାଯାଇଥିଲା ତଥାପି ବଂଶଧାରା ପରାଜୟର ଝଟ୍‌କା ସମସ୍ତଙ୍କୁ ଚିନ୍ତାରେ ପକାଇଛି । କାରଣ ମହାନଦୀ ପାଇଁ ଶାସକ ବିଜେଡି ଯେଭଳି ଦୀର୍ଘଦିନ ଆନ୍ଦୋଳନ ଚଳାଇ ମାମଲାକୁ ସୁପ୍ରିମ୍‌କୋର୍ଟ ପର୍ଯ୍ୟନ୍ତ ନେଇଯାଇଛି ସେଥିରୁ ରାଜ୍ୟକୁ କେତେ ଫାଇଦା ମିଳିବ ସେଇ ଚିନ୍ତା କରିବାର ସମୟ ଆସିଯାଇଛି ।

ମହାନଦୀ ମାମଲାରେ ଏ ପର୍ଯ୍ୟନ୍ତ କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟରେ ତାଙ୍କ ପକ୍ଷ ରଖିପାରିନାହାନ୍ତି । ତେଣୁ ମାମଲାର ପ୍ରାଥମିକ ଶୁଣାଣି ପୂର୍ବରୁ ହୁଏତ ଟ୍ରିବ୍ୟୁନାଲ ଗଠନ ହୋଇଯାଇଥିବ । ଏଭଳି ସ୍ଥିତିରେ ଆଶଙ୍କା ସୃଷ୍ଟି ହେଲାଣି ଯେ, ମହାନଦୀ ଜଳ ବିବାଦରେ ଅବହେଳା କାରଣରୁ ➤ ପୃ-୭

## ଯୁଦ୍ଧ ଆହ୍ୱାନ ଦେଉଛି ଉତ୍ତରକୋରିଆ



**ନ୍ୟୁୟର୍କ :** ଜାତିସଂଘ ଏବଂ ଆମେରିକାର କୌଣସି ଚେତାବନୀକୁ ଖାତିର କରୁନାହିଁ ଉତ୍ତର କୋରିଆ । ପୁଣି ଏକ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରି ଉତ୍ତରକୋରିଆ ଏକ ପ୍ରକାର ଯୁଦ୍ଧ ଆହ୍ୱାନ ଦେଉଛି । ଫଳରେ ଉତ୍ତରକୋରିଆ ସହ ଜାପାନ-ଆମେରିକା ଏବଂ ଦକ୍ଷିଣକୋରିଆ ଯେକୌଣସି ମୁହୂର୍ତ୍ତରେ ଯୁଦ୍ଧକୁ ଓହ୍ଲାଇ ପାରନ୍ତି ବୋଲି ସମ୍ଭାବନା ଦେଖାଦେଇଛି । ସମସ୍ତ ଧମକକୁ ବେଖାତିର କରି ଉତ୍ତରକୋରିଆ ଜାପାନ ଆକାଶମାର୍ଗ ଉପରେ ଦ୍ୱିତୀୟ ବାର ପୁଣି ଏକ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିଛି । ➤ ପୃ-୭

# ୧୪ ଜିଲ୍ଲାରେ ମରୁଡ଼ି ଆଶଙ୍କା

**ଭୁବନେଶ୍ୱର :** ଚଳିତ ମୌସୁମୀ ଋତୁରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ୨୫ଟି ବ୍ଲକ୍‌ରେ ୩୯%ରୁ ୫୯% କମ୍ ବର୍ଷା ହୋଇଛି, ୭୪ଟି ବ୍ଲକ୍‌ରେ ବର୍ଷା ପରିମାଣ ୧୯%ରୁ ୩୯% କମ୍ ହୋଇଥିବା ଜଣାପଡିଛି । ସେହିଭଳି ରାଜ୍ୟର ୩ଟି ବ୍ଲକ୍‌ରେ ବୃଷ୍ଟିପାତ ନିଅଣ୍ଟ ପରିମାଣ ୫୯%ରୁ ଅଧିକ । ଏଭଳି ସ୍ଥିତିରେ ଜିଲ୍ଲାପାଳଙ୍କ ଉପରେ ଦାୟିତ୍ୱ ଛାଡ଼ି ସରକାର ନିଶ୍ଚିତ ରହିବା ଘୋର ଉଦ୍‌ବେଗର ବିଷୟ । ସେହିଭଳି ଓଡ଼ିଶାରେ ଜଳସେଚନ ବ୍ୟବସ୍ଥା ଗତ ୧୭ ବର୍ଷ ମଧ୍ୟରେ ସେଭଳି ଆଖିଦୃଶିଆ ହୋଇପାରିନାହିଁ । ଚାଷୀଙ୍କ ସମସ୍ୟା ବୁଝି ମରୁଡ଼ି ଜନିତ କ୍ଷତି ଭରଣା କରିବାକୁ ଚେଷ୍ଟା କରନ୍ତୁ ବୋଲି ବିଧାନସଭାରେ ରାଜସ୍ୱ ମନ୍ତ୍ରୀଙ୍କୁ



କଡା ଭାଷାରେ ଶୁଣାଇଛନ୍ତି ବିରୋଧୀ ଦଳ । ଓଡ଼ିଶାର ୧୪ ଜିଲ୍ଲାରେ ମରୁଡି ଆଶଙ୍କା ଦେଖା ଦେଇଥିବା ବେଳେ ସରକାର ଜିଲ୍ଲାପାଳଙ୍କୁ ଏ ସଂକ୍ରାନ୍ତରେ ରିପୋର୍ଟ ମାଗିଛନ୍ତି । କିନ୍ତୁ ଗତ ଗୁରୁବାର ପଶ୍ଚିମ ଓଡ଼ିଶାର ୬ଟି ଜିଲ୍ଲାରେ ମରୁଡ଼ି ଉଗ୍ରରୂପ ଧାରଣ କରିଥିବା କହିଛନ୍ତି । ➤ ପୃ-୭

## ପିଲାଙ୍କୁ ଜଗିବ ସିସି କ୍ୟାମେରା



**ଭୁବନେଶ୍ୱର :** ନିକଟରେ ହରିୟାଣାର ରିୟାନ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ଜଣେ ନିରୀହ ୭ ବର୍ଷର ଛାତ୍ରଙ୍କୁ ସ୍କୁଲ ପରିସରରେ ଯେଭଳି ହତ୍ୟା କରାଗଲା ତାହା ଘୋର ଉଦ୍‌ବେଗର ବିଷୟ । ଏହାକୁ ନେଇ ସାରାଦେଶର ସ୍କୁଲମାନଙ୍କରେ ବିଶେଷ ଚିନ୍ତା ପ୍ରକଟ କରାଯାଇଛି । ବିଦ୍ୟାଳୟ କର୍ତ୍ତୃପକ୍ଷମାନେ ଏନେଇ ତୁହାକୁତୁହା ଆଲୋଚନା କରୁଥିଲା ବେଳେ ପିଲାମାନଙ୍କୁ ସ୍କୁଲ ପଠାଉଥିବା ଅଭିଭାବକମାନେ ମଧ୍ୟ ଚିନ୍ତିତ ହୋଇପଡିଛନ୍ତି । ଏହି ଘଟଣା ପରେ ସିବିଏସଇ କର୍ତ୍ତୃପକ୍ଷ ନୂଆ ମାର୍ଗଦର୍ଶିକା ଜାରି କରିଥିବାବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ ମଧ୍ୟ ବିଦ୍ୟାଳୟର ସୁରକ୍ଷା ନେଇ ଅନୁରୂପ କେତେକ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ରାଜ୍ୟବ୍ୟାପୀ ସମସ୍ତ ସ୍କୁଲର ନିରାପତ୍ତା ବ୍ୟବସ୍ଥାକୁ ଛାତ୍ରଛାତ୍ରୀଙ୍କ ଲାଗି ସୁଦୃଢ କରିବା ଏବଂ ଏଭଳି କୌଣସି ଅଘଟଣର ମୁକାବିଲା କରିବା ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ରଞ୍ଜନା ଚୋପ୍ରାଙ୍କ ପକ୍ଷରୁ ଏକ ନୂତନ ମାର୍ଗଦର୍ଶିକା ଜାରି କରାଯାଇଛି । ➤ ପୃ-୭

## ହଜିଗଲେ ୧୦ଲକ୍ଷ ଟଙ୍କା

**ଭୁବନେଶ୍ୱର :** ରାଜ୍ୟରେ କେତେକ ଚାଷୀ କୃଷି ଋଣ ନେଇ କୃଷି କାର୍ଯ୍ୟରେ ବିନିଯୋଗ କରୁନଥିବା ଜଣାପଡ଼ିଛି । କୃଷିକାର୍ଯ୍ୟ ପାଇଁ ଋଣ ନେଇ ତାହା ଅଣକୃଷି କାର୍ଯ୍ୟରେ ବିନିଯୋଗ କରାଯାଉଥିବା ପ୍ରମାଣିତ ହେଲେ ସଂପୃକ୍ତ ଚାଷୀଙ୍କ ଠାରୁ ବାଣିଜ୍ୟିକ ଋଣ ହିସାବରେ ବିବେଚନା କରାଯାଇ ୧୨% ସୁଧ ଆଦାୟ କରାଯିବ । ଏଥିନେଇ ବିଭାଗ ପକ୍ଷରୁ ଆଗାମୀ ଦିନରେ ଏଭଳି ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଥିବା ସମବାୟ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି । ଏଭଳି କ୍ଷେତ୍ରରେ ସଂପୃକ୍ତ ଚାଷୀଙ୍କୁ କୃଷି ଋଣ ପ୍ରଦାନ କରାଯିବ ନାହିଁ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଗତବର୍ଷ ରାଜ୍ୟର ୧୯ଲକ୍ଷ ଚାଷୀ ଫସଲ ଋଣ ନେଇଥିଲେ । ➤ ପୃ-୭

## ବିଏମ୍‌ସିର ଦଶହରା ଭେଟି

# ପ୍ରତି ୱାର୍ଡକୁ ୫ଲକ୍ଷ




**ଭୁବନେଶ୍ୱର :** ଆଉ ମାତ୍ର ଅଳ୍ପଦିନ ପରେ ଶାରଦୀୟ ଦଶହରାରେ ଚମକିବ ରାଜଧାନୀ । ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ପ୍ରତ୍ୟେକ ୱାର୍ଡ ପାଇଁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ସ୍ମାର୍ଟସିଟିର ୬୭ ୱାର୍ଡକୁ ୫ ଲକ୍ଷ ଟଙ୍କା ଲେଖାଏଁ ମିଳିବ । ଏହି ଅର୍ଥରେ ସହରର ଖୋଲା ମ୍ୟାନହୋଲ୍ ମରାମତି ଏବଂ ଖାଲଖମା ରାସ୍ତାର ପୁନଃରୁଦ୍ଧାର ହେବ ବୋଲି ବିଏମ୍‌ସି ପକ୍ଷରୁ କହିଛନ୍ତି ମେୟର ଅନନ୍ତ ନାରାୟଣ ଜେନା । ଏଥିସହିତ ଚଳିତ ବର୍ଷ ଦୁର୍ଗାମୂର୍ତ୍ତି ବିସର୍ଜନ ପାଇଁ ୪ଟି ଅସ୍ଥାୟୀ ପୋଖରୀ ଖୋଳାଯିବାକୁ ସ୍ଥିର ହୋଇଛି । କଟକ ରାସ୍ତା ପଟରେ ଥିବା କୂଆଖାଇ ନଦୀର ଉଭୟ ପାର୍ଶ୍ୱରେ ଦୁଇଟି ପୋଖରୀ ଏବଂ ଟଙ୍କପାଣି ରୋଡ୍ ଓ ➤ ପୃ-୭

## ଭାରତ-ଜାପାନ ବନ୍ଧୁତା : ଦୌଡିବ ବୁଲେଟ୍ ଟ୍ରେନ୍

**ଅହମ୍ମଦାବାଦ :** ଭାରତ-ଜାପାନ ସମ୍ପର୍କରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାପାନର ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ବହୁ ପ୍ରତୀକ୍ଷିତ ଓ ବହୁ ଚର୍ଚ୍ଚିତ ଭାରତର ପ୍ରଥମ ବୁଲେଟ୍ ଟ୍ରେନ୍ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ୧.୧ ଲକ୍ଷ କୋଟି ଟଙ୍କାର ଏହି ପ୍ରକଳ୍ପ ଭାରତ-ଜାପାନ ଭିତ୍ତିଭୂମି ସହଯୋଗ ପ୍ରକଳ୍ପ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି । ସାବରମତୀ ଷ୍ଟେସନରେ ଆୟୋଜିତ ଏହି ଭବ୍ୟ ସମାରୋହରେ ମୋଦି କହିଲେ, ଦେଶର ବିକାଶରେ ଏହି ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ଏକ ମାଇଲ୍ ଖୁଣ୍ଟ ଭାବେ ବିବେଚିତ ହେବ ଏବଂ ଗରିବ ଜନସାଧାରଣଙ୍କ ସଶକ୍ତିକରଣରେ ଏହା ବିଶେଷ ସହାୟକ ହେବ । ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ୨୦୨୨ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ବୁଲେଟ୍ ଟ୍ରେନ୍‌ରେ ଅହମଦାବାଦ୍‌ରୁ ମୁମ୍ବାଇ ଯିବା ପାଇଁ ମାତ୍ର ୨ ଘଣ୍ଟା ସମୟ ଲାଗିବ ବୋଲି ସେ କହିଛନ୍ତି । ଏହି ଅବସରରେ ଆବେ କହିଲେ, ଭାରତ ସୁଦୃଢ଼ ହେବା ଜାପାନ ଚାହେଁ । ଏଥିରେ



ଜାପାନର ମଧ୍ୟ ଫାଇଦା ହେବ । ଆଜି ସେହି ଉଜ୍ଜ୍ୱଳ ଭବିଷ୍ୟତକୁ ଦୂରରୁ ଲକ୍ଷ୍ୟ କରିହେଉଛି ବୋଲି ସେ କହିଥିଲେ । ଆବେ କହିଥିଲେ, ଜାପାନର ସିଙ୍କାନସେନ୍ ଟେକ୍ନୋଲୋଜି ତାଙ୍କ ଦେଶର ଅର୍ଥନୀତି ବଦଳାଇଦେବା ସହ ଲୋକଙ୍କର ➤ ପୃ-୭

# ଛାଡ଼ପତ୍ର : ଆଉ ଅପେକ୍ଷା କରିବାକୁ ପଡିବନି ୬ମାସ

**ନୂଆଦିଲ୍ଲୀ :** ଏଣିକି ଆଉ ମାସ ମାସ ଧରି ଅପେକ୍ଷା କରିବାକୁ ପଡିବନାହିଁ ସହମତି ଭିତ୍ତିରେ ଛାଡପତ୍ରଦେବାକୁ ଚାହୁଁଥିବା ଦମ୍ପତିଙ୍କୁ । କାରଣ ହିନ୍ଦୁ ବିବାହ ଆଇନ ଅନୁସାରେ ସହମତି ଭିତ୍ତିରେ ଛାଡପତ୍ର ଚାହୁଥିବା ଦମ୍ପତି ୬ମାସ ଅପେକ୍ଷା କରିବା ବାଧ୍ୟତାମୂଳକ ନୁହେଁ ବୋଲି ସୁପ୍ରିମ୍‌କୋର୍ଟ ଏହି ରାୟ ଦେଇଛନ୍ତି । ବିଚାରପତି ଆଦର୍ଶ କୁମାର ଗୋୟଲ ଓ ବିଚାରପତି ୟୁୟୁ ଲଳିତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଉଭୟ ପକ୍ଷ ମଧ୍ୟରେ



ଯଦି ବୁଝାମଣାର କୌଣସି ଅସୁବିଧା ନାହିଁ ତେବେ ଛାଡପତ୍ର ପାଇବା ଲାଗି ହିନ୍ଦୁ ବିବାହ ଆଇନ ୧୯୫୫ର ଧାରା ୧୩ଖ (୨)ରେ ୬ ମାସ ଅପେକ୍ଷା କରିବାର ଯେଉଁ ସମୟ ରଖାଯାଇଛି ତାହା ଆଉ ଦରକାର ହେବନାହିଁ । ଏ କ୍ଷେତ୍ରରେ କୋର୍ଟ ୬ମାସ ଅପେକ୍ଷାର ସମୟକୁ ଛାଡ କରି ଦେଇପାରିବେ । ୧୯୭୬ରେ ହିନ୍ଦୁ ବିବାହ ଆଇନରେ ଧାରା ୧୩-ଖ ସାମିଲ କରାଯାଇଥିଲା । ଏହି ଧାରା ଅନୁସାରେ ସହମତି ଭିତ୍ତିରେ ଛାଡପତ୍ର ଦିଆନିଆ ହେଲେ ତାହା ଚୂଡାନ୍ତ ହେବାକୁ ୧୮ ମାସର ସମୟ ରହିଥିଲା । ୧୩-ଖ (୧) ଧାରା ଅନୁସାରେ ନ୍ୟାୟତଃ ୧ ବର୍ଷ ଅଲଗା ରହିବା ପରେ ଦମ୍ପତି ଛାଡପତ୍ର ପିଟିସନ ଦାଖଲ କରୁଥିଲେ । ତା'ପରେ ୧୩-ଖ(୨) ଧାରା ଅନୁସାରେ ସେମାନଙ୍କୁ ଆଉ ୬ମାସ ସମୟ ମିଳୁଥିଲା । ଏହି ସମୟ ଭିତରେ ସେମାନେ ପରସ୍ପର ଯଦି ଏକାଠି ହେବାକୁ ଚାହିଁବେ କିମ୍ବା ବୁଝାମଣା କରିପାରିବେ ତେବେ ପୁଣିଥରେ ଏକାଠି ହୋଇପାରୁଥିଲେ । ➤ ପୃ-୭



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି। ଶନି ଓ ରବିବାର ବହୁତ ଶୁଭ ଅଟେ। ଗୃହରେ ଶାନ୍ତି ବଜାୟ ରହିବ।

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ଗୃହରେ ଶାନ୍ତି ବଜାୟ ରହିବ। ସପ୍ତାହଟି ଭଲରେ କଟିବା ସହିତ ସମସ୍ତ କାର୍ଯ୍ୟ ସମ୍ପନ୍ନ ହେବ।

ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।

ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ।

ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ଗୃହରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି।

ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବାର ଜଣାପଡେ।

ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ପରିବାରରେ ଅଶାନ୍ତି ଦେଖାଦେବ। ତେଣୁ ଜଗିରଖି ଚଳିବାକୁ ହେବ।

ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ବିଭିନ୍ନ ଦିଗରୁ ଅର୍ଥଲାଗ ରହିଛି। ଦୂରଯାତ୍ରା ଗମନ କରିପାରନ୍ତି।

ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧


# ବଙ୍କର ନିର୍ମାଣ ହେଲେ ଘର ଛାଡିବେନି ସୀମାନ୍ତ ଗାଁର ଲୋକ



**ନୌସେରା :** ଜମ୍ମୁ-କଶ୍ମୀରର ଏଲ୍‌ଓସି ନିକଟରେ ବସବାସ କରୁଥିବା ଜନସାଧାରଣ ପାକିସ୍ତାନୀ ସେନାର ବାରମ୍ବାର ଅସ୍ତ୍ର ବିରତି ଉଲ୍ଲଂଘନରେ ଅତିଷ୍ଠ ହୋଇପଡ଼ିଲେଣି ସ୍ଥାନୀୟ ବାସିନ୍ଦା। ଏଥିପାଇଁ ସେମାନେ ଘର ଛାଡ଼ି ପଳାୟନ କରିବାକୁ ବାଧ ହେଉଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂହ ଏଲ୍‌ଓସି ନିକଟବର୍ତ୍ତୀ ଅଞ୍ଚଳ ପରିଦର୍ଶନ କଲାବେଳେ ଅଞ୍ଚଳବାସୀ ଏହି ଅସୁବିଧା ସମ୍ପର୍କରେ ତାଙ୍କୁ ଅବଗତ କରିଛନ୍ତି। ଯଦି ସେମାନଙ୍କ ଲାଗି ସ୍ୱତନ୍ତ୍ର ଭାବେ ବଙ୍କରର ବ୍ୟବସ୍ଥା କରାଯିବ, ତାହାହେଲେ ସେମାନେ ଘର ଛାଡ଼ି ଯିବେନି ବୋଲି କହିଛନ୍ତି। ଏଲ୍‌ଓସି ନିକଟରେ ପ୍ରାୟ ୨୩ଟି ଗାଁ ରହିଛି। ସେଠାରେ ୫୦୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ବିଶେଷକରି ରାଜୌରୀ ଜିଲ୍ଲାର ନୌସେରା ସେକ୍ଟରରେ ଏହି ଗାଁ ଗୁଡ଼ିକ ରହିଛି। ଏହି ସେକ୍ଟରରେ ପାକ୍ ସେନା ଭାରତୀୟ ପୋଷ୍ଟକୁ ଲକ୍ଷ୍ୟ କରି ଅଧିକାଂଶ ସମୟରେ ଗୁଳିଗୋଳା ମାଡ଼ କରୁଥିବାରୁ ଅନେକ ସମୟରେ ବ୍ୟାପକ ଧନଜୀବନ ନଷ୍ଟ ହେଉଛି। ନିକଟରେ ପାକ୍ ସେନାର ଗୁଳି ମାଡ଼ରେ ୫ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିଲା ବେଳେ ୫ ଜଣ ଆହତ ହୋଇଥିଲେ। ଘର ଛାଡ଼ି ପଳାଇଆସିଥିବା ଜନସାଧାରଣଙ୍କ ପାଇଁ ସରକାର ନୌସେରାରେ ୬ଟି ରିଲିଫ୍ କ୍ୟାମ୍ପ ପ୍ରତିଷ୍ଠା କରିଛନ୍ତି। ଗତକାଲି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ଏଥିମଧ୍ୟରୁ ଗୋଟିଏ କ୍ୟାମ୍ପ୍ ପରିଦର୍ଶନ କଲାବେଳେ ସ୍ଥାନୀୟ ଜନସାଧାରଣ ସେମାନଙ୍କ ଏ ପ୍ରକାର ଅସୁବିଧା ସମ୍ପର୍କରେ ତାଙ୍କୁ ଅବଗତ କରିଥିଲେ। ଜନ୍‌ଗଡର ଜଣେ ବାସିନ୍ଦା ପୁରୁଷୋତ୍ତମ କୁମାର ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ କହିଥିଲେ, 'ସୀମାରେ ରହୁଥିବା ପ୍ରତି ଲୋକଙ୍କ ପାଇଁ ସରକାର ଯଦି ବଙ୍କର୍ ନିର୍ମାଣ କରନ୍ତେ, ତାହାହେଲେ କେହି ଆଉ ଘର ଛାଡ଼ନ୍ତେ ନାହିଁ।' ଉଲ୍ଲେଖଯୋଗ୍ୟ ଯେ, ସୀମାନ୍ତ ଅଞ୍ଚଳରୁ ପଳାୟନ କରୁଥିବା ଲୋକଙ୍କ ସମନ୍ୱୟ କମିଟିର ପୁରୁଷୋତ୍ତମ ସଭାପତି ଅଛନ୍ତି। ସୀମାନ୍ତ ଗ୍ରାମର ସରପଞ୍ଚ ବାହାଦୂର ଚୌଧୁରୀ କୁହନ୍ତି, 'ପ୍ରତି ପରିବାର ପାଇଁ ସେମାନଙ୍କ ଘରେ ବଙ୍କର୍ ତିଆରି କରାଯାଉ।' ନୌସେରା ବିଧାୟକ ରବୀନ୍ଦ୍ର ରାଇନା ମଧ୍ୟ ଲୋକଙ୍କ ଏହି ଯଥାର୍ଥ ଦାବିକୁ ଦୃଢ଼ ସମର୍ଥନ କରିଛନ୍ତି। ସେ କହିଛନ୍ତି, ଅଞ୍ଚଳବାସୀଙ୍କ ପାଇଁ ନିରାପଦ ସ୍ଥଳ ନିରୂପିତ ହେବା ଦରକାର। ସ୍ୱରାଷ୍ଟ୍ର ମନ୍ତ୍ରୀ ନୌସେରା ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ଅବସ୍ଥା ହୃଦୟଙ୍ଗମ କରିଥିବାରୁ ସେ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଲ୍‌ଓସିରେ ବାରମ୍ବାର ପାକ୍ ସେନା ଗୁଳିମାଡ଼ କରୁଥିବାରୁ ନୌସେରା ସେକ୍ଟରରେ ୫ଟି ସ୍କୁଲରେ ଆଶ୍ରୟ ନେଇଥିବା ଜନସାଧାରଣ ୪ ମାସ ପରେ ବି ଘରକୁ ଫେରିବାକୁ ରାଜି ହେଉନାହାନ୍ତି।

### ଭାରତ-ବେଲାରଷ୍ ମଧ୍ୟରେ ୧୦ ରାଜିନାମା

# ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ବିକାଶକୁ ପ୍ରାଧାନ୍ୟ



**ନୂଆଦିଲ୍ଲୀ :** ଭାରତ ଓ ବେଲାରୁଷ୍ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ନେଇ ୧୦ଟି ରାଜିନାମା ସ୍ୱାକ୍ଷରିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବେଲାରୁଷ୍‌ର ରାଷ୍ଟ୍ରପତି ଏଜି ଲୁକାସେଙ୍କୋଙ୍କ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ବିସ୍ତୃତ ଆଲୋଚନା ହେବା ପରେ ରାଜିନାମାଗୁଡ଼ିକରେ ସ୍ୱାକ୍ଷର କରାଯାଇଛି। ବାଣିଜ୍ୟ କ୍ଷେତ୍ରରେ ସହଯୋଗ ଏବଂ ପୁଞ୍ଜି ନିବେଶ ନେଇ ଦୁଇ ଦେଶ ପରସ୍ପରକୁ ସହଯୋଗ କରିବାକୁ ରାଜି ହୋଇଛନ୍ତି। ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅଧୀନରେ ପ୍ରତିରକ୍ଷା କ୍ଷେତ୍ରରେ ବିକାଶ ଓ ବିନିର୍ମାଣକୁ ଅଗ୍ରାଧିକାର ଦେବାକୁ ଦୁଇ ଦେଶ ଏକମତ ହୋଇଛନ୍ତି। ଭାରତ ଗସ୍ତରେ ଆସିଥିବା ବେଲାରୁଷ୍ ରାଷ୍ଟ୍ରପତି ଲୁକାସେଙ୍କୋ ମୋଦିଙ୍କ ସହ ଆଲୋଚନା କରିବା ପରେ ଦୁଇ ଦେଶ ମଧ୍ୟରେ ପ୍ରତିନିଧି ସ୍ତରୀୟ ଆଲୋଚନା ହୋଇଥିଲା। ପରେ ଦୁଇ ନେତା ମିଳିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବିଭିନ୍ନ ପ୍ରସଙ୍ଗରେ ଦୂରଦୃଷ୍ଟି ସମ୍ପନ୍ନ ଆଲୋଚନା ହୋଇଛି। ଆଞ୍ଚଳିକ ତଥା ବିଶ୍ୱସ୍ତରୀୟ ବିକାଶ ଉପରେ ପ୍ରାଧାନ୍ୟ ଦିଆଯାଇଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ୨୦୧୫ରେ ଭାରତ ବେଲାରୁଷ୍‌କୁ ୧୦୦ ନିୟୁତ ଡଲାର ଋଣ ପ୍ରଦାନ କରିଥିଲା। ତା'ର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଭାରତ ଓ ବେଲାରୁଷ୍‌ର କମ୍ପାନୀଗୁଡ଼ିକ ମଧ୍ୟରେ ଅଧିକ ସହଯୋଗ ଲାଗି ରାଜିନାମା ହୋଇଛି। ତୈଳ ଓ ପ୍ରାକୃତିକ ବାଷ୍ପ, ଭାରି ଯନ୍ତ୍ରପାତି କ୍ଷେତ୍ରରେ ମଧ୍ୟ ସହଯୋଗ କରାଯିବ। ଏହି ଅବସରରେ ବେଲାରୁଷ୍ ରାଷ୍ଟ୍ରପତି ଲୁକାସେଙ୍କୋ ତାଙ୍କ ଦେଶରେ ନିବେଶ ପାଇଁ ଭାରତୀୟ କମ୍ପାନୀଗୁଡ଼ିକୁ ଆମନ୍ତ୍ରଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଦୁଇ ନେତା ଭାରତ-ବେଲାରୁଷ୍ କୂଟନୈତିକ ସମ୍ପର୍କର ୨୫ ବର୍ଷ ପୂର୍ତ୍ତିରେ ଏକ ସ୍ମାରକୀ ଡାକ ଟିକଟ ଉନ୍ମୋଚନ କରିଥିଲେ। ପୂର୍ବରୁ ବେଲାରୁଷ୍ ରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତି ଭବନରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ସମାରୋହରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଉପସ୍ଥିତ ଥିଲେ। ବେଲାରୁଷ୍ ରାଷ୍ଟ୍ରପତି ବେଲାସେଙ୍କୋ ଜାତିର ଜନକ ମହାତ୍ମା ଗାନ୍ଧିଙ୍କ ସମାଧି ପୀଠକୁ ଯାଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଜେଟ୍‌ଲି ସବୁଠୁ ଧନୀ

**ନୂଆଦିଲ୍ଲୀ :** ଗତ ଦୁଇ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପତ୍ତିରେ ମୋଟ ୪୨% ବୃଦ୍ଧି ପାଇଛି। କିନ୍ତୁ ମୋଦିଙ୍କ ମନ୍ତ୍ରୀମାନେ ଏକ୍ଷେତ୍ରରେ ତାଙ୍କଠାରୁ ଆଗରେ ରହିଛନ୍ତି। ଗ୍ରାମୀଣ ବିକାଶ ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କ ସମ୍ପତ୍ତି ୨୦୧୫ରୁ ୨୦୧୭ ମଧ୍ୟରେ ସର୍ବାଧିକ ବୃଦ୍ଧି ପାଇଛି। ତୋମାରଙ୍କ ସମ୍ପତ୍ତି ୨୦୧୪-୧୫ରେ ୫୩ ଲକ୍ଷ ଟଙ୍କା ଥିବା ବେଳେ ୨୦୧୬-୧୭ରେ ତାହା ୮୯ ଲକ୍ଷ ଟଙ୍କା ରହିଛି। ଏହିଭଳି ଭାବେ ଦୁଇ ବର୍ଷରେ ତାଙ୍କ ସମ୍ପତ୍ତିରେ ପ୍ରାୟ ୬୭% ବୃଦ୍ଧି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୋଟ ସମ୍ପତ୍ତି ୪୧.୮% ବୃଦ୍ଧି ସହ ୧.୪୧ କୋଟିରୁ ୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସମ୍ପତ୍ତିରେ ବୃଦ୍ଧି କ୍ଷେତ୍ରରେ ମୋଦି ନିଜ କ୍ୟାବିନେଟ୍ ସହଯୋଗୀମାନଙ୍କ ମଧ୍ୟରେ ୩ୟ ସ୍ଥାନରେ ରହିଛନ୍ତି। ପିଏମ୍‌ଓ ୱେବ୍‌ସାଇଟ୍‌ରେ ଜାରି ତଥ୍ୟ ମୁତାବକ, ଗତ ଦୁଇ ବର୍ଷ ମଧ୍ୟରେ ମାନବ ସମ୍ବଳ ବିକାଶ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କ ସମ୍ପତ୍ତିରେ ବୃଦ୍ଧି ପରିବର୍ତ୍ତେ ୫୦% ହ୍ରାସ ହୋଇଛି। ଜାଭଡେକରଙ୍କ ସମ୍ପତ୍ତି ୨୦୧୪-୧୫ରେ ୧.୧୧ କୋଟି ଟଙ୍କା ଥିବା ବେଳେ ୨୦୧୬-୧୭ରେ ୫୬ ଲକ୍ଷ ଟଙ୍କାକୁ ହ୍ରାସ ପାଇଛି। ଜାଭଡେକରଙ୍କ ବ୍ୟତୀତ ଖାଦ୍ୟ ଓ ଉପଭୋକ୍ତା ମନ୍ତ୍ରୀ ରାମବିଳାସ ପାସୱାନ, ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଓ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲିଙ୍କ ସମ୍ପତ୍ତିରେ ହ୍ରାସ ହୋଇଛି। ତେବେ ୧୪ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ଅର୍ଥମନ୍ତ୍ରୀ ଜେଟ୍‌ଲି ହେଉଛନ୍ତି ସବୁଠାରୁ ଧନୀ। ତାଙ୍କର ମୋଟ ସମ୍ପତ୍ତି ପରିମାଣ ୬୭.୭ କୋଟି ଟଙ୍କା ରହିଛି। ଜେଟ୍‌ଲି, ପ୍ରଧାନମନ୍ତ୍ରୀ ମୋଦିଙ୍କ ତୁଳନାରେ ୫୦ ଗୁଣ ଅଧିକ ଧନୀ। ଜେଟ୍‌ଲିଙ୍କ ପତ୍ନୀଙ୍କ ନିକଟରେ ୧୦୦.୯୭ କୋଟି ଟଙ୍କାର ସମ୍ପତ୍ତି ରହିଛି। ସେହିପରି କେନ୍ଦ୍ର ସାଂଖ୍ୟିକ ମନ୍ତ୍ରୀ ସଦାନନ୍ଦ ଗୌଡାଙ୍କ ସମ୍ପତ୍ତିରେ ମଧ୍ୟ ୪୨.୩% ବୃଦ୍ଧି ହୋଇଛି। ତାଙ୍କ ସମ୍ପତ୍ତି ପରିମାଣ ୪.୬୫ କୋଟି ତୁଳନାରେ ୬.୬୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହାଛଡା ଇସ୍ପାତ ମନ୍ତ୍ରୀ ଚୌଧୁରୀ ବୀରେନ୍ଦ୍ର ସିଂହଙ୍କ ସମ୍ପତ୍ତି ୯.୮୫ କୋଟି ଟଙ୍କା ରହିଥିବା ବେଳେ ବିଦେଶ ମନ୍ତ୍ରୀ ସୁଷମା ସ୍ୱରାଜଙ୍କ ସମ୍ପତ୍ତି ୧୭.୪% ବୃଦ୍ଧି ହୋଇ ୫.୩୪ କୋଟି ଟଙ୍କା ରହିଛି। ଭି କେ ସିଂହଙ୍କ ସମ୍ପତ୍ତି ୧୨.୫% ବୃଦ୍ଧି ସହ ୭୮ ଲକ୍ଷ ଟଙ୍କା ରହିଥିବା ବେଳେ ବିମାନ ଚଳାଚଳ ମନ୍ତ୍ରୀ ଗଜପତି ରାଜୁଙ୍କ ସମ୍ପତ୍ତି ୭.୮୦ କୋଟି, ମନ୍ତ୍ରୀ ମୁଖ୍‌ତାର ଅବ୍ବାସ ନକ୍‌ଭିଙ୍କ ସମ୍ପତ୍ତି ୧.୦୭ କୋଟି ଟଙ୍କା ରହିଛି।

## ଶଶିକଳା ଓ ଦିନାକରନ୍ ବହିଷ୍କୃତ

**ଚେନ୍ନାଇ :** ତାମିଲନାଡୁରେ ଶାସକ ଏଆଇଏଡିଏମ୍‌କେ ପକ୍ଷରୁ ଏକ ପ୍ରସ୍ତାବ ପାରିତ କରାଯାଇ ଭିକେ ଶଶିକଳାଙ୍କୁ ଦଳ ମହାସଚିବ ପଦରୁ ବହିଷ୍କାର କରାଯାଇଛି। ଶଶିକଳାଙ୍କୁ ଦଳରୁ ମଧ୍ୟ ବହିଷ୍କାର କରାଯାଇଛି। ଏଥିସହିତ ଉପମହାସଚିବ ପଦରୁ ଶଶିକଳାଙ୍କ ପୁତୁରା ଟିଟିଭି ଦିନାକରନ୍‌ଙ୍କୁ ମଧ୍ୟ ହଟାଯାଇଛି। ପନିରସେଲ୍‌ଭମ୍ ଓ ପଲାନିସ୍ୱାମୀଙ୍କ ଗୋଷ୍ଠୀ ପକ୍ଷରୁ ଆଜି ଆୟୋଜିତ ସାଧାରଣ ପରିଷଦ ବୈଠକରେ ଏହି ପ୍ରସ୍ତାବ ପାରିତ କରାଯାଇଛି। ସାଧାରଣ ପରିଷଦ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଦିବଂଗତ ଅମ୍ମା ବା ଜୟଲଳିତା ଦଳର ପଦାଧିକାରୀଭାବେ ଯେଉଁମାନଙ୍କୁ ନିଯୁକ୍ତ କରିଥିଲେ ସେମାନେ ପଦରେ ରହିବେ। ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ ଜୟଲଳିତା ଚିର କାଳ ପାଇଁ ଦଳର ମହାସଚିବ ଭାବେ ବିବେଚିତ ହେବେ। ବୈଠକରେ ଅସ୍ଥାୟୀ ମହାସଚିବ ପଦ ଶେଷ କରିବା ଲାଗି ସମସ୍ତଙ୍କ ମଧ୍ୟରେ ସହମତି ପ୍ରକାଶ ପାଇଛି। ସାଧାରଣ ପରିଷଦ ପକ୍ଷରୁ ପଲାନିସ୍ୱାମୀ ଓ ପନିର୍‌ସେଲ୍‌ଭମ୍‌ଙ୍କ ନେତୃତ୍ୱରେ ଦଳର ଦୁଇ ଗୋଷ୍ଠୀର ବିଲୟକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ସେହିପରି ଦଳର କହିବା ଅନୁସାରେ, ଶଶିକଳାଙ୍କୁ ହଟାଯାଇଥିବାରୁ ୨୬ ଡିସେମ୍ବର ୨୦୧୬ରୁ ସେ ନେଇଥିବା ସମସ୍ତ ନିଷ୍ପତ୍ତି ରଦ୍ଦ ହେଉଛି। ଏହି ନିଷ୍ପତ୍ତି ମଧ୍ୟରେ ଶଶିକଳାଙ୍କ ଦ୍ୱାରା ପୁତୁରା ଦିନାକରନଙ୍କୁ ଉପମହାସଚିବ ନିଯୁକ୍ତି ମଧ୍ୟ ସାମିଲ ରହିଛି। ତେଣୁ ଏବେ ଦିନାକରନଙ୍କ କୌଣସି ନିଷ୍ପତ୍ତି ମଧ୍ୟ ଦଳ ଉପରେ ଲାଗୁ ହେବ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଏଆଇଏଡିଏମ୍‌କେ ପ୍ରମୁଖ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ ଜୟଲଳିତାଙ୍କ ନିଧନ ପରେ ଡିସେମ୍ବର ୨୦୧୬ରେ ଶଶିକଳାଙ୍କୁ ଦଳର ମହାସଚିବ ନିଯୁକ୍ତ କରାଯାଇଥିଲା।

## ଅଧିକ ଶକ୍ତିଶାଳୀ ହେବ ଖଣି ଆଇନ୍

**ନୂଆଦିଲ୍ଲୀ :** 'ନ୍ୟାସନାଲ ମିନେରାଲ ପଲିସି ୨୦୦୮' ଅଧୀନରେ ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଛତିଶଗଡ଼ ଓ ଝାଡ଼ଖଣ୍ଡ ପରି ରାଜ୍ୟରେ ଖଣି ଦୁର୍ନୀତିର ରହସ୍ୟ ଉନ୍ମୋଚନ ହେବା ପରେ ଏହାକୁ ନେଇ ସମ୍ପୃକ୍ତ ରାଜ୍ୟଗୁଡ଼ିକ ଏହି ପଲିସିକୁ ଅଧିକ ଶକ୍ତିଶାଳୀ କରିବାର ଆବଶ୍ୟକତା ଉପଲବ୍ଧି କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଦିଲ୍ଲୀର ଶାସ୍ତ୍ରୀ ଭବନରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ୨୦୦୮ ପଲିସିର ପ୍ରତ୍ୟେକ ଅନୁଚ୍ଛେଦକୁ ଅନୁଧ୍ୟାନ କରି ଓଡ଼ିଶା ମଧ୍ୟ ତା'ର ପକ୍ଷ ରଖିବ। ଅଗଷ୍ଟ ୨ରେ ଓଡ଼ିଶା ସମେତ ଅନ୍ୟାନ୍ୟ କେତେକ ରାଜ୍ୟରେ ହୋଇଥିବା ଖଣି ଦୁର୍ନୀତି ସମ୍ପର୍କରେ ସୁପ୍ରିମ କୋର୍ଟ କଡ଼ା ସମାଲୋଚନା କରିଥିଲା। 'ନ୍ୟାସନାଲ ମିନେରାଲ ପଲିସି ୨୦୦୮'କୁ ସୁପ୍ରିମ କୋର୍ଟ ଦାନ୍ତ ବିହୀନ ଆଇନ ବୋଲି ଉଲ୍ଲେଖ କରିବା ସହ ଏଭଳି ପଲିସି ଦ୍ୱାରା ପ୍ରଦୂଷଣରୁ ରକ୍ଷା କରିବା ଅସମ୍ଭବ ବୋଲି ମତ ରଖିଥିଲେ। ସରକାରଙ୍କ ପଲିସିକୁ ସୁପ୍ରିମ କୋର୍ଟର ଏଭଳି ଭର୍ତ୍ସନା ପରେ ଖଣି ବିଭାଗ ଦ୍ୱାରା ଏକ କମିଟି ଗଠିତ ହୋଇଛି। ଖଣି ବିଭାଗର ଅତିରିକ୍ତ ସଚିବ ଡ. କେ ରାଜେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠିତ ହୋଇଛି। ଓଡ଼ିଶା ସମେତ ତେଲେଙ୍ଗାନା, ଛତିଶଗଡ଼ ପରି ୧୨ଟି ରାଜ୍ୟକୁ ମଧ୍ୟ କମିଟିରେ ସ୍ଥାନ ଦିଆଯାଇଛି। ସେହିପରି ଇସ୍ପାତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, କୋଇଲା ଓ ରାଜସ୍ୱ ପରି ମନ୍ତ୍ରଣାଳୟର ଯୁଗ୍ମ ସଚିବ ସ୍ତରର ୨୯ଜଣଙ୍କୁ ଏହି କମିଟିରେ ସଦସ୍ୟ ଭାବରେ ସ୍ଥାନ ଦିଆଯାଇଛି। ଦୀର୍ଘ ୩ଘଣ୍ଟା କାଳ ଉପସ୍ଥିତ ସମସ୍ତ ସଦସ୍ୟ ୨୦୦୮ ପଲିସିର ପ୍ରତିଟି ଅନୁଚ୍ଛେଦକୁ ନେଇ ମାରାଥନ ଆଲୋଚନା କରିଥିଲେ। ପଲିସିକୁ ସମ୍ପୂର୍ଣ୍ଣ ତର୍ଜମା କରିବା ପରେ ଓଡ଼ିଶା ମଧ୍ୟ ନିଜ ପକ୍ଷ ରଖିବ ବୋଲି ଓଡ଼ିଶା ଖଣି ନିର୍ଦ୍ଦେଶକ ଦୀପକ ମହାନ୍ତି ମତପ୍ରକାଶ କରିଛନ୍ତି। ୨୦୦୮ ପଲିସିକୁ ଅନୁଧ୍ୟାନ କରିବକୁ କେନ୍ଦ୍ର ଖଣି ମନ୍ତ୍ରଣାଳୟ ପକ୍ଷରୁ ନୋଟିସ ଜାରି କରାଯାଇ ଥିଲା। ଏହି ନୋଟିସ ଅନୁଯାୟୀ ଡିସେମ୍ବର ୩୧ ସୁଦ୍ଧା କମିଟି ତା'ର ଚୂଡ଼ାନ୍ତ ରାୟ ମନ୍ତ୍ରଣାଳୟ ସମ୍ମୁଖରେ ଉପସ୍ଥାପନ କରିବ। ଏହି ପରିପ୍ରେକ୍ଷୀରେ ଓଡ଼ିଶାକୁ ମଧ୍ୟ ସେପ୍ଟେମ୍ବର ୨୬ ସୁଦ୍ଧା ରାଜ୍ୟର ସାମାଜିକ, ଅର୍ଥନୈତିକ ଓ ପରିବେଶକୁ ଧ୍ୟାନ ଦେଇ ନିଜ ପକ୍ଷ ରଖିବ। ଏପରି କି ଖଣିଜ ସାମଗ୍ରୀ ଉତ୍ତୋଳନ ସମ୍ପର୍କରେ ମଧ୍ୟ ବଳିଷ୍ଠ ନୀତି ଅବଲମ୍ବନ କରିବ ଏହି କମିଟି। ଖଣି ନିଲାମ ହେବା ପୂର୍ବରୁ ବୈଜ୍ଞାନିକ ପଦ୍ଧତିରେ ଏଥିରେ ଥିବା ଖଣିଜ ଦ୍ରବ୍ୟର ଅନୁପାତ ମଧ୍ୟ ଆକଳନ କରାଯିବ।

# ଆସିପାରେ ଗୋଟିଏ ଟିକସ ସ୍ଲାବ୍




**ନୂଆଦିଲ୍ଲୀ :** ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) ଅଧୀନରେ ଥିବା ୪ ଥାକିଆ ଟିକସ ସ୍ଲାବ କମାଇବାକୁ ସରକାର ଯୋଜନା କରୁଛନ୍ତି। ୧୮% ହାରର ଗୋଟିଏ କିମ୍ବା ଦ୍ୱୈତ ଟିକସ ସ୍ଲାବ୍ (୧୨% ଓ ୧୮%) ବ୍ୟବସ୍ଥା ପ୍ରଚଳନ ପାଇଁ ବିଚାର କରାଯାଉଛି। ଜିଏସ୍‌ଟିକୁ କେବଳ ୨ମାସ ଟପିଥିବା ବେଳେ ସରକାର ଏଭଳି ଏକ ଯୋଜନା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି ବିଭିନ୍ନ ଉତ୍ପାଦ ଓ ସେବା ଉପରେ ଟିକସ ହାର ଛାଡ଼ କିମ୍ବା ହ୍ରାସ ପାଇଁ ବାରମ୍ବାର ଦାବି ନକରିବାକୁ କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାଦ୍ୱାରା ଜିଏସ୍‌ଟିର ଦୀର୍ଘମିଆଦୀ ଲକ୍ଷ୍ୟ ହାସଲ ପ୍ରଭାବିତ ହେବାର ଆଶଙ୍କା ରହିଥିବା କହିଛନ୍ତି। ଏନେଇ କେନ୍ଦ୍ର ସରକାର ରାଜ୍ୟଗୁଡିକୁ କହିଛନ୍ତି ଯେ ୨୮% ଟିକ ସ୍ଲାବରେ ଥିବା ଦ୍ରବ୍ର ଓ ସେବାର ଜିଏସ୍‌ଟି ହାର ବାରମ୍ବାର ସଂଶୋଧନ ଦାବି ଉଠାଇବାରୁ ନିବୃତ୍ତ ରୁହବ। ଏନେଇ ପରିଷଦର ସଦସ୍ୟଙ୍କୁ ଏକ ସ୍ୱତନ୍ତ୍ର ନିୟମାବଳି ଜାରି କରାଯାଇଛି। ଏଥିରେ କୁହାଯାଇଛି, ବିନା କୌଣସି ସମୀକ୍ଷାରେ ରାଜ୍ୟ ଗୁଡିକ ଅନେକ ସଂଖ୍ୟକ ସଂଶୋଧନ ଦାବି କରୁଛନ୍ତି। ଏଣୁ ସେମାନେ ଏଭଳି ଦାବିରୁ ବିରତ ରୁହନ୍ତୁ। ଗତ ବୈଠକରେ ଜିଏସ୍‌ଟି ପରିଷଦ ପାଖାପାଖି ୪୦ଟି ସାମଗ୍ରୀର ଟିକସ ହାର ହ୍ରାସ କରିଛି। କିନ୍ତୁ ଏହା ମଧ୍ୟରୁ ଅଧିକାଂଶ ସାମଗ୍ରୀ ସର୍ବସାଧାରଣଙ୍କ ଦ୍ୱାରା ବ୍ୟବହୃତ ହୋଇଥାଏ। ଦେଶର କୋଟି କୋଟି ସାଧାରଣ ଜନତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ୪ ଥାକିଆ ଜିଏସ୍‌ଟି ଢାଞ୍ଚା ଚୂଡାନ୍ତ କରିଛନ୍ତି। ଏଥିରେ ୧୨% ଓ ୧୮% ଭଳି ୨ଟି ଷ୍ଟାଣ୍ଡାର୍ଡ ଟିକସ ହାର ରହିଛି। ତେବେ ଏତେ ସଂଖ୍ୟକ ଟିକସ ସ୍ଲାବ ରଖିଥିବା କାରଣରୁ ସରକାରଙ୍କୁ ବହୁ ଅର୍ଥନୀତିଜ୍ଞଙ୍କ ଦ୍ୱାରା ସମାଲୋଚନାର ଶିକାର ହେବାକୁ ବି ପଡିଛି। ଏହା ଏକ ଆଦର୍ଶ ଜିଏସ୍‌ଟି ନୁହେଁ ବୋଲି ବହୁ ଅର୍ଥନୀତିଜ୍ଞ ମତପୋଷଣ କରିଛନ୍ତି। ତେବେ ସରକାରଙ୍କ ମତରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଜିଏସ୍‌ଟିରୁ ୪ ଥାକିଆ ଟିକସ ସ୍ଲାବକୁ ହ୍ରାସ କରାଯାଇପାରିବ ନାହିଁ। ଏଥିରେ କୋଟି କୋଟି ସାଧାରଣ ଜନତାଙ୍କ ସ୍ୱାର୍ଥ ନିହିତ ରହିଛି। କିନ୍ତୁ ଆଗାମୀ ଦିନରେ ସରକାର ଜିଏସ୍‌ଟିରେ ଗୋଟିଏ କିମ୍ବା ୨ଟି ଟିକସ ସ୍ଲାବ ବ୍ୟବସ୍ଥା ପ୍ରଚଳନ କରିବାର ସମ୍ଭାବନା ରହିଛି। ଯଦି ଗୋଟିଏ ଟିକସ ସ୍ଲାବ ଲାଗୁ ହୁଏ, ତେବେ ସବୁ ଦ୍ରବ୍ୟ ଓ ସେବା ଉପରେ ୧୮% ଟିକସ ବ୍ୟବସ୍ଥା ଲୁଗୁହେବ। ଅପରପକ୍ଷରେ ଯଦି ୨ ଥାକିଆ ଟିକସ ବ୍ୟବସ୍ଥା ଲାଗୁ ହୁଏ, କିଛି ସାମଗ୍ରୀରେ ୧୨% ଟିକସ ଲାଗିବାକୁ ଥିବା ବେଳେ ଅନ୍ୟ ସାମଗ୍ରୀରେ ୧୮% ଟିକସ ଲାଗୁ ହେବାର ସମ୍ଭାବନା ରହିଛି।

ଏକମାତ୍ର
ଅନୁସନ୍ଧାନ ପରେ ଖବର




ଭୁବନେଶ୍ୱର, ୧୮ - ୨୪ ସେପ୍ଟେମ୍ବର, ୨୦୧୭
Bhubaneswar, 18th -24th September, 2017
ପରିକ୍ରମା

# ବାଇକ୍ ଆମ୍ବୁଲାନ୍ସ ଗଡ଼ିଲା

**ରାୟଗଡ଼ା :** ରାୟଗଡା ଦୁର୍ଗମ ଅଂଚଳରେ ପହଂଚି ପାରୁନି ଚାରି ଚକିଆ ଆମ୍ବୁଲାନ୍ସ । ଏଥିପାଇଁ ରୋଗୀ ଏବଂ ଗର୍ଭବତୀଙ୍କୁ ଖଟିଆ, ଭାରରେ ବୋହି ଆଣିବାକୁ ପଡିଛି । ଗତ ଅଗଷ୍ଟ ମାସରେ କଲ୍ୟାଣସିଂହପୁର ବ୍ଲକ ଅଂଚଳରେ ବାରମ୍ବାର ଏଭଳି ଦୟନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । ଫଳରେ ଜିଲ୍ଲାର ଦୁର୍ଗମ ଅଂଚଳ ପାଇଁ ବାଇକ୍ ଆମ୍ବୁଲାନ୍ସ ସେବା ଆରମ୍ଭ ପାଇଁ ପ୍ରଶାସନ ପକ୍ଷରୁ ଯୋଜନା ହୋଇଥିଲା । ଫଳରେ ଆଜି ଏହି ବାଇକ୍ ଆମ୍ବୁଲାନ୍ସ ସେବାକୁ ଲୋକାର୍ପଣ କରିଛନ୍ତି ଦକ୍ଷିଣାଂଚଳ ରାଜସ୍ୱ କମିସନର ପି. ଆପାଙ୍ଗା । ଆଦିବାସୀ ବହୁଳ ଅଂଚଳରେ ମାତୃ ଓ ଶିଶୁ ମୃତ୍ୟୁହାର ଉଦବେଗଜନକ ରହିଥିଲା । ରାୟଗଡା ଜିଲ୍ଲାପାଳ ଏଥିପାଇଁ ଆମ ସଙ୍କଳ୍ପ ଯୋଜନାର ପରିକଳ୍ପନା କରିଥିଲେ । ଫଳରେ ବର୍ଷକ ମଧ୍ୟରେ ୫୦ ପ୍ରତିଶତ ମୃତ୍ୟୁହାର କମାଇ ରାଜ୍ୟ ପାଇଁ ଉଦାହରଣ ସୃଷ୍ଟି କରିପାରିଛନ୍ତି । ଆଜି ସ୍ଥାନୀୟ କୃଷ୍ଣଚନ୍ଦ୍ର ନଗର ଭବନ ପରିସରରେ ଆମ ସଙ୍କଳ୍ପର ପ୍ରଥମ ବାର୍ଷିକ ଉତ୍ସବ ଏବଂ ଦୁର୍ଗମ ଅଂଚଳ ପାଇଁ ବାଇକ ଆମ୍ବୁଲାନ୍ସ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଆରଡିସି, କହିଥିଲେ ଯେ ଜିଲ୍ଲାପାଳ ଗୁହାପୁନମ ତାପସ କୁମାରଙ୍କ ତତ୍ୱାବୋଧନରେ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ, ଅଂଗନୱାଡି କର୍ମୀ ଓ ଆଶାକର୍ମୀଙ୍କ ଦଳଗତ ଉଦ୍ୟମ କାରଣରୁ ଜିଲ୍ଲାରେ ମା ଓ ଶିଶୁ ମୃତ୍ୟୁହାର କମିବା ସମ୍ଭବ ହୋଇଛି । ସମସ୍ତଙ୍କୁ ଦକ୍ଷିଣାଂଚଳ ରାଜସ୍ୱ କମିଶନର ଶ୍ରୀ ଆପାଂଗ ସାଧୁବାଦ ଜଣାଇ ଉକ୍ତ ଉଦ୍ୟମ ଜାରି ରହିଲେ ଆସନ୍ତା ଥରକୁ ସଫଳତା ଶତ ପ୍ରତିଶତ ହୋଇପାରିବ ବୋଲି ଆଶାବ୍ୟକ୍ତ କରିଥିଲେ । ସେହିଭଳି ବିଭିନ୍ନ ସମସ୍ୟାରେ ଗଣମାଧ୍ୟମ ସାକାରାତ୍ମକ ଭୁମିକା ଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ । ଆମ ସଙ୍କଳ୍ପର ପରିକଳ୍ପନା ରାଜ୍ୟର ଅନ୍ୟ ଜିଲ୍ଲା ଗୁଡିକ ପାଇଁ ପ୍ରରଣା ହେବ ବୋଲି କରିଥିଲେ । ଜିଲ୍ଲାପାଳ ଗୁହାପୁନମ ତାପସ କୁମାର ଆମ ସଙ୍କଳ୍ପର ଅଭିମୁଖ୍ୟ ଓ ସଫଳତା ଉପରେ ସନ୍ତୋଷବ୍ୟକ୍ତ କରି କହିଥିଲେଯେ ଅଧିକ ସଂଖ୍ୟାରେ ମା ଘର ଖୋଲି ମା ମାନଙ୍କ ଯତ୍ନ ନେଇ ଡାକ୍ତରଖାନାରେ ଗର୍ଭବତୀଙ୍କୁ ପ୍ରସବ କରାଇବା ଫଳରେ ମା ଓ ଶିଶୁ ମୃତ୍ୟୁହାର କମିବା ସମ୍ଭବ ହୋଇପାରିଛି । ଆମ ସଙ୍କଳ୍ପ ନାମରେ ଏକ ମୋବାଇଲ୍ ଆପ ବ୍ୟବସ୍ଥା କରାଯିବା ସଂପର୍କରେ ଜିଲ୍ଲାପାଳ ସୂଚନା ଦେଇଥିଲେ । ଆମ ସଙ୍କଳ୍ପ କେବଳ ମା ଓ ଶିଶୁ ମୃତ୍ୟୁହାର ରୋକିବାରେ ସୀମିତ ନରଖି ଦୁର୍ଗମ ଅଂଚଳରେ ଯୋଗାଯୋଗ କ୍ଷେତ୍ରରେ ଉନ୍ନତି, ରାସ୍ତାଘାଟ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଓ ଲୋକ ପ୍ରତିନିଧିଙ୍କ ସହ ଆଲୋଚନା କରି ଯୋଜନା ପ୍ରସ୍ତୁତ କରାଯାଇଛି । ଆମ ସଙ୍କଳ୍ପ ପରିକଳ୍ପନା କରିବା ବର୍ଷକ ମଧ୍ୟରେ ନିରାପଦ ମାତୃତ୍ୱ ପାଇଁ ଜିଲ୍ଲାରେ ୧୪ ଟି ଅତିରିକ୍ତ ପ୍ରସବ ଗୃହ ସ୍ଥାପନ, ଗୁଣପୁର ଓ ପଦ୍ମପୁର ଅଂଚଳରେ ମା ଘର ସ୍ଥାପନ, ଶିଶୁ ମାନଙ୍କ ପାଇଁ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ୫ ରୁ ୧୦ ଶଯ୍ୟାକୁ ବୃଦ୍ଧି କରାଯିବା ସହ ଦୁର୍ଗମ ଅଂଚଳ ପାଇଁ ୩ ଲକ୍ଷ ୭୧ ହଜାର ବ୍ୟୟରେ ଦୁଇଟି ବାଇକ ଆମ୍ବୁଲେନସ୍ର ଆଜି ବ୍ୟବସ୍ଥା କରାଯାଇଛି । ଗୋଟିଏ କଲ୍ୟାଣସିଂହପୁର ବ୍ଲକର ମାଝିଗୁଡା ଓ ପାର୍ସାଲି ଅଂଚଳ ଲୋକଙ୍କ ପାଇଁ ଏବଂ ଆଉ ଗୋଟିଏ ଗୁଣପୁର ବ୍ଲକ ପୁଟାସିଂ ଅଂଚଳ ପାଇଁ ରହିବା ନେଇ ଜିଲ୍ଲାପାଳ ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ରୂପେ ରାଜ୍ୟସବା ସାଂସଦ ଏନ ଭାସ୍କର ରାଓ ଓ କୋରାପୁଟ ସାଂସଦ ଝିନ୍ନ ହିକକା ଯୋଗଦେଇ ଜିଲ୍ଲାର ମାତୃ ଓ ଶିଶୁ ମୃତ୍ୟୁହାର କମେଇବା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ଉଦ୍ୟମ କରିଥିବା ଜିଲ୍ଲା ପ୍ରଶାସନଙ୍କୁ ପ୍ରଶଂସା କରି ଜିଲ୍ଲାର ବିକାଶରେ ତାଙ୍କର ଗଠନ ମୂଳକ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅପର ପକ୍ଷରେ ରୋଗୀଙ୍କୁ ସହାୟତା ପାଇଁ ନିୟମ ପ୍ରତିବନ୍ଧକ ଥିଲେ ମଧ୍ୟ ବେନିୟମ କରି ମଧ୍ୟ ସହାୟତା କରିବାକୁ ପ୍ରସ୍ତୁତ ବୋଲି ରାଜ୍ୟସଭା ସାଂସଦ ଶ୍ରୀ ରାଓ ଦୃଢୋକ୍ତି ପ୍ରକାଶ କରିଥିଲେ । ସିଡିଏମଓ ସରୋଜ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ ଅବସରରେ ଜିଲ୍ଲାରେ ଉଦବେଗଜନକ ସ୍ଥିତିରେ ଥିବା ମାତୃ ଓ ଶିଶୁ ମାତୃହାର ଆମ ସଙ୍କଳ୍ପ ଦ୍ୱାରା କମିପାରିଛି । ଗତ ବର୍ଷ ୪୭ ଜଣଙ୍କ ପ୍ରସବକାଳୀନ ମୃତ୍ୟୁ ଘଟିଥିବା ବେଳେ ଚଳିତ ବର୍ଷ ୧୦କୁ ଖସି ଆସିଛି ବୋଲି ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଡ. ବିନୋଦ ମିଶ୍ର ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ. କମଳାକାନ୍ତ ଦାଶ ଜିଲ୍ଲା ପ୍ରଶାସନର ପରିକଳ୍ପନାର ସଫଳତା ପାଇଁ ଜିଲ୍ଲାପାଳ, ସିଡିଏମଓ, ଡାକ୍ତର, ଏନଏମ, ଅଂଗନୱାଡି କର୍ମୀ ଓ ଆଶାକର୍ମୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ ଏନଏମ, ଅଂଗନୱାଡି କର୍ମୀ ଓ ଆଶା କର୍ମୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଗୁଣପୁର ଶିକ୍ଷୟିତ୍ରୀ ବେବିରାଣୀ ନନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଶେଷରେ ଏଡିଏମଓ ଶକ୍ତି ପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପିଡି ଡିଆରଡିଏ ମଧୁସୂଦନ ମିଶ୍ର, ଗୁଣପୁର ଉପ-ଜିଲ୍ଲାପାଳ ବସନ୍ତ କୁମାର ସାହୁ, ଆଇଟିଡିଏ ପ୍ରକଳ୍ପ ପ୍ରାଶାସକ ମୂରଲୀଧର ସ୍ୱାଇଁ, ଏଡିଏମଓ ବିଏଲଏନ ପୃଷ୍ଟି, ଏଡିଏମଓ ବରଦାକାନ୍ତ ମିଶ୍ର ଓ ଡିପିଏମ ରାଜେଶ ପଟନାୟକ, ଜିଲ୍ଲାର ସମସ୍ତ ବିଡିଓ, ସ୍ୱାସ୍ଥ୍ୟ ବିଭାଗ ଆଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବ୍ରାହ୍ମଣୀ ତଟବର୍ତ୍ତୀ ଜିଲ୍ଲାରେ ଜଳ ସଙ୍କଟ !

## ଉପର ମୁଣ୍ଡରେ ୧୮ ପ୍ରକଳ୍ପ

**ଭୁବନେଶ୍ୱର :** ମହାନଦୀ ଉପରମୁଣ୍ଡରେ ଛତିଶଗଡ଼ ସରକାରଙ୍କ ପ୍ରକଳ୍ପ ଯୋଗୁଁ ଓଡ଼ିଶାରେ ଜଳସମସ୍ୟା ଜଳଜଳ ଦିଶୁଛି । ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଅନ୍ୟପକ୍ଷରେ ଝାଡ଼ଖଣ୍ଡ ସରକାର ଉପରମୁଣ୍ଡରେ ବ୍ୟାରେଜ୍ ନିର୍ମାଣ ଯୋଗୁଁ ରାଜ୍ୟର ଦ୍ୱିତୀୟ ବୃହତ୍ତମ ନଦୀ ବ୍ରାହ୍ମଣୀ ତଟବର୍ତ୍ତୀ ଜିଲାଗୁଡ଼ିକରେ ଜଳସଙ୍କଟ ଦେଖାଯିବା ଆଶଙ୍କା ସୃଷ୍ଟି ହୋଇଛି । ବ୍ରାହ୍ମଣୀର ଦୁଇ ମୁଖ୍ୟ ଜଳସ୍ରୋତ ତଥା ଉପନଦୀ ଶଙ୍ଖ ଓ କୋଏଲ ଉପରେ ଛତିଶଗଡ଼ ସରକାର ୧୮ଟି ପ୍ରକଳ୍ପ ନିର୍ମାଣ କରିଛନ୍ତି । ଏଥି ମଧ୍ୟରୁ ୧୫ଟିର କାମ ଶେଷ ହୋଇଛି । ବିଧାନସଭାରେ ଦିଲୀପ ରାୟଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଏହି ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ଝାଡ଼ଖଣ୍ଡ ସରକାର ବ୍ରାହ୍ମଣୀ ନଦୀ ଉପତ୍ୟକାରେ ସିମ୍‌ଡ଼େଗା, ଗୁମଲା, ରାଞ୍ଚି, ଲୋହରଡ଼େଗା,ପଶ୍ଚିମ ସିଂହଭୂମ



ଜିଲାଗୁଡ଼ିକରେ ଏହି ପ୍ରକଳ୍ପଗୁଡ଼ିକ ନିର୍ମାଣ କରିଛନ୍ତି । ସ୍ଥଳବିଶେଷରେ ପ୍ରକଳ୍ପଗୁଡ଼ିକର ଉଚ୍ଚତା ୧୭ ମିଟରରୁ ୩୯ ମିଟର ପର୍ଯ୍ୟନ୍ତ କରାଯାଇଛି । ସବୁଠାରୁ ଛୋଟ ସେତୁ ଛିଣ୍ଡାର ଦୈର୍ଘ୍ୟ ୧୨୧.୩୪ ମିଟର ହୋଇଥିବାବେଳେ କାଟ୍ରି ଡ୍ୟାମ୍‌ର ଦୈର୍ଘ୍ୟ ୧୮୯୦ ମିଟର । କେବଳ ଉପର ଶଙ୍ଖ ଭିନ୍ନ ଅନ୍ୟ ପ୍ରକଳ୍ପଗୁଡ଼ିକ ଜଳସେଚନ ନିମନ୍ତେ ନିର୍ମାଣ କରାଯାଇଥିବା ସୂଚନା ମିଳିଛି । ସବୁଠାରୁ ପୁରାତନ ପ୍ରକଳ୍ପ ୧୯୫୭ ମସିହାରେ ନିର୍ମାଣ ହୋଇଥିଲା ଏବଂ ସର୍ବଶେଷ ପ୍ରକଳ୍ପ ରାମରେଖା ୨୦୧୦ରେ ଶେଷ ହୋଇଛି । ଏହାବ୍ୟତୀତ ଲରୁଆ, ତପକରା, ଗୁଛାଓପା, ଧନଶିଙ୍ଗଟୋଲି, ଜୟପୁର, ଲାଟ୍ରାଟୁ, ମଶାରିଆ, ନନ୍ଦିନୀ ଓ ପରାସ ଡ୍ୟାମ୍ ନିର୍ବାଣ କରାଯାଇଛି । ଏହାଛଡ଼ା ପଶ୍ଚିମ ସିଂହଭୂମି ଜିଲାରେ ସତ୍‌ପୋଟ୍‌କା, ଗୁମ୍‌ଲା ଜିଲାରେ କାନ୍ସ ଓ ରାଞ୍ଚି ଜିଲାରେ ବାସୁକୀ ଡ୍ୟାମ ନିର୍ମାଣାଧୀନ ରହିଛି । ସେହିପରି ରାଉରକେଲା ନିକଟରେ ବ୍ରାହ୍ମଣୀରେ ବ୍ୟାରେଜ ନିର୍ମାଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଉରକେଲା ନିକଟବର୍ତ୍ତୀ ବୈକୁଣ୍ଠର ଘାଟଠାରେ କୋଏଲ୍ ନଦୀରେ ୪୪୬ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ବ୍ୟାରେଜ୍ ଓ ସେତୁ ପ୍ରକଳ୍ପ ନିର୍ମାଣ କରିବା ବ୍ୟବସ୍ଥା ହୋଇଥିଲା । ମାତ୍ର ଏଥିପାଇଁ ଅତ୍ୟଧିକ ଜମି ଅଧିଗ୍ରହଣ କରିବାକୁ ପଡୁଥିବାରୁ ଏହାକୁ ବାତିଲ କରି ଏହାର ତଳମୁଣ୍ଡରେ ହମିରପୁରଠାରେ ପିକ୍‌ଅପ୍ ୱେୟାର କରିବା ପାଇଁ ପ୍ରସ୍ତାବ ଅଛି । ଇତିମଧ୍ୟରେ ଏହାର ପ୍ରାରମ୍ଭିକ ଅନୁସନ୍ଧାନ କାର୍ଯ୍ୟ ଶେଷ ସହିତ ନକ୍ସା କାମ ହାତକୁ ନିଆଯାଇଛି । ଏହାର ନିର୍ମାଣ ଖର୍ଚ୍ଚ ଓ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ସମୟର ତଥ୍ୟ ଆବଶ୍ୟକୀୟ ନକ୍ସା ସମାପ୍ତ ପରେ ଜଣାପଡ଼ିବ ।

# ୨୦୧୮ ସୁଦ୍ଧା ସବୁ ଗାଁକୁ ବିଜୁଳି

## ଯୁଦ୍ଧକାଳୀନ ଭିତ୍ତିରେ କାମ ସାର : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଆସନ୍ତା ୨୦୧୮ ଜୁନ୍ ସୁଦ୍ଧା ରାଜ୍ୟର ସବୁ ଗାଁକୁ ବିଜୁଳି ସଂଯୋଗ କରାଯିବ । ସଚିବାଳୟରେ ଏକ ଉଚ୍ଚସ୍ତରୀୟ ବୈଠକରେ ଗ୍ରାମ୍ୟ ବିଦ୍ୟୁତିକରଣକୁ ସମୀକ୍ଷା କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ଏହି କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସମ୍ପ୍ରତି ରାଜ୍ୟର ମୋଟ ୪୭୬୭୭ଟି ଗ୍ରାମ ମଧ୍ୟରୁ ୪୬୯୨୭ଟି ଗାଁକୁ ବିଜୁଳି ସଂଯୋଗ କରାଯାଇଛି । ଅବଶିଷ୍ଟ ୭୫୦ଟି ଗାଁରେ ବିଦ୍ୟୁତ୍ ସଂଯୋଗ ହୋଇପାରି ନାହିଁ । ଯେଉଁ ଗାଁଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ କରାଯାଇ ପାରିନାହିଁ ଡ଼ିସେମ୍ବର ସୁଦ୍ଧା ତାହାର କାର୍ଯ୍ୟ ଶେଷ କରିବାକୁ ଶକ୍ତି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏନ୍‌ଟିପିସି, ପିଜିସିଆଇଏଲ୍, ଓପିଟିସିଏଲ୍ ଓ ଓରେଡ଼ା ଆଦି ସଂସ୍ଥାଗୁଡ଼ିକୁ ଏଥିପାଇଁ ନିୟୋଜିତ କରାଯାଇଛି । ଅନୁରୂପ ଭାବରେ ଆଂଶିକ ବିଦ୍ୟୁତ୍ ସଂଯୋଗ ହୋଇଥିବା ୨୮୧୬୫ଟି ଗାଁ ମଧ୍ୟରୁ ୭୮୫୬ଟି ବସତିକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି ଓ ଅବଶିଷ୍ଟ ୨୦୩୦୯ଟି ଗାଁକୁ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ଚାଲୁ ରହିଛି । ସାଧାରଣ ଲୋକଙ୍କ ବିକାଶ ଓ ସେମାନଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ନିଜର ଅଙ୍ଗୀକାରବଦ୍ଧ ଏବଂ ଏ କ୍ଷେତ୍ରରେ ଯେତେ ସମସ୍ୟା ରହିଥିଲେ ମଧ୍ୟ ତାହାକୁ ଦୂର କରି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ବିଦ୍ୟୁତିକରଣ ହୋଇ ନ ଥିବା ଗାଁକୁ ଡ଼ିସେମ୍ବର ସୁଦ୍ଧା ଓ ଆଂଶିକ ବିଦ୍ୟୁତିକରଣ ହୋଇଥିବା ଗାଁକୁ ଜୁନ୍ ୨୦୧୮ ସୁଦ୍ଧା ବିଜୁଳି ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଯେଉଁ ଦୁର୍ଗମ ଗ୍ରାମଗୁଡ଼ିକୁ ବିଦ୍ୟୁତ୍ ତାର ସଂଯୋଗ ସମ୍ଭବ ହେବ ନାହିଁ, ସେଠାରେ ସୌରଶକ୍ତି ଆଲୋକ ଯୋଗାଇବା ନିମନ୍ତେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ କହିଛନ୍ତି । ବୈଠକରେ ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଉନ୍ନୟନ କମିଶନର ଆର. ବାଲାକ୍ରିଷ୍ଣନ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ରାଜେଶ ବର୍ମା, ଶକ୍ତି ବିଭାଗ ସଚିବ ହେମନ୍ତ ଶର୍ମା, ବିଜ୍ଞାନ ଓ କାରିଗରୀ ବିଭାଗ ସଚିବ ବୀର ବିକ୍ରମ ଯାଦବ, ଓରେଡ଼ା ନିର୍ଦ୍ଦେଶିକା ରୁପା ମିଶ୍ର ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରଣ ଦେବ ଆମାଜନ୍ : ୧୧୨ ଷ୍ଟାର୍ଟଅପ୍ ଆର୍ଥିକ ସହାୟତା ପାଇଁ ଚିହ୍ନଟ

**ଭୁବନେଶ୍ୱର :** ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ୧୧୨ଟି ଷ୍ଟାର୍ଟଅପ୍ ପ୍ରକଳ୍ପକୁ ରାଜ୍ୟ ଅଣୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ବିଭାଗ ପକ୍ଷରୁ ଷ୍ଟାର୍ଟଅପ୍ ଓଡ଼ିଶା ଯୋଜନାରେ ସାମିଲ୍ ପାଇଁ ଚିହ୍ନଟ କରାଯାଇଛି । ଏବେ ଆଉ ୧୯ଟି ଷ୍ଟାର୍ଟଅପ୍ ଆବେଦନ ମଞ୍ଜୁରୀ ଅପେକ୍ଷାରେ ରହିଛି । ମନୋନୀତ ହୋଇଥିବା ଷ୍ଟାର୍ଟଅପ୍‌ଙ୍କୁ ୧ ହଜାର ଆମେରିକୀୟ ଡଲାର୍ ସହାୟତା ଦେବା ପାଇଁ ଆମାଜନ୍ ୱେବ୍ ସର୍ଭିସ୍ ସହମତି ପ୍ରକାଶ କରିଛି । ସୋମବାର ଏମ୍‌ଏସ୍‌ଏମ୍‌ଇ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ଏଲ୍.ଏନ୍ ଗୁପ୍ତାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପରୋକ୍ତ ନିଷ୍ପତ୍ତି ହୋଇଛି । ସୂଚନା ଅନୁସାରେ ମନୋନୀତ ଷ୍ଟାର୍ଟଅପ୍ ମଧ୍ୟରୁ ୭ଟିକୁ ମାସିକ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯିବ । ଏହାକୁ ମିଶାଇ ଏବେ ମୋଟ ୧୫ଟି ଷ୍ଟାର୍ଟଅପ୍ ସରକାରୀ ସହାୟତା ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସେହିପରି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗୋଟିଏ ଷ୍ଟାର୍ଟଅପ୍ ପିଛା ୪ ଲକ୍ଷ ଟଙ୍କାର ଆର୍ଥିକ ପ୍ୟାକେଜ୍ ଦେବାକୁ ଟାସ୍କ ଫୋର୍ସ ପକ୍ଷରୁ ନିଷ୍ପତ୍ତି ହୋଇଛି । ତେବେ ବର୍ତ୍ତମାନର ଯୋଗ୍ୟତା ଅର୍ଜନ ନିୟମକୁ କୋହଳ କରାଯିବା ସହ ଉତ୍ପାଦ ଉନ୍ନୟନ, ଗୁଣବତ୍ତା ବୃଦ୍ଧି ଏବଂ ବ୍ୟବସାୟୀକରଣ ପାଇଁ ମାସିକ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଷ୍ଟାର୍ଟଅପ୍ କାଉନ୍‌ସିଲ୍‌କୁ ସୁପାରିସ କରାଯାଇଛି । ନୂଆ ବିଚାରଧାରାକୁ ନେଇ ଚାଲିଥିବା ଷ୍ଟାର୍ଟଅପ୍ ଏହି ସୁବିଧା ପାଇ ପାରିବେ । ଅପରପକ୍ଷେ ଭୁବନେଶ୍ୱର-ଅନୁଗୋଳ ନେଟ୍‌ୱାର୍କ ଗଠନ ଏବଂ ଯଥାଶୀଘ୍ର ଏହାକୁ ଏକ ସୋସାଇଟି ଭାବେ ପଞ୍ଜିକୃତ କରିବା ପାଇଁ ମଧ୍ୟ ଆଜିର ବୈଠକରେ ଆଲୋଚନା ହୋଇଛି । ଓଡ଼ିଶା ଷ୍ଟାର୍ଟଅପ୍ ଇନିସିଏଟିଭ୍‌ରେ ସାମିଲ୍ ହୋଇଥିବା ଷ୍ଟାର୍ଟଅପ୍ ପାଇଁ ଆମାଜନ୍ ୱେବ୍ ସର୍ଭିସ୍ ୧ ହଜାର ଆମେରିକୀୟ ଡଲାର୍‌ର ଋଣ ପ୍ରଦାନ ପାଇଁ ସହମତି ପ୍ରକାଶ କରିଛି । ସେହିପରି ଜୋହୋ ନାମକ ସଂସ୍ଥା ଏହି ୧୫ଟି ଷ୍ଟାର୍ଟଅପ୍ ପାଇଁ ଆବଶ୍ୟକ ବୈଷୟିକ ସହାୟତା ମଧ୍ୟ ଯୋଗାଇ ଦେଇଛି । ଏହି ବୈଠକରେ ଦକ୍ଷତା ବିକାଶ ବିଭାଗର ଶାସନ ସଚିବ ସଞ୍ଜୟ କୁମାର ସିଂହ, ମିଲ୍କ୍ ମନ୍ତ୍ରାର ପରିଚାଳନା ନିର୍ଦ୍ଦେଶକ ଶ୍ରୀକୁମାର ମିଶ୍ର, ଆଇଆଇଟି ଭୁବନେଶ୍ୱରର ପ୍ରଫେସର ଅଙ୍କୁଶ ଶର୍ମା, ଟିଆଇଇର ସଭାପତି ରାଜୀବ ସାହୁ, ଏନ୍‌ଆଇଟି ରାଉରକେଲାର ଡ. ରୋହିଣୀ ଶର୍ମା, ଆଇଏମ୍‌ଏମ୍‌ଟିର ଡ. ଏସ୍.ଏମ୍ ମୁସ୍ତାକିମ୍, ୟୁସିସିଆଇର ରମେଶ ମହାପାତ୍ର, ଏମ୍‌ଏସ୍‌ଏମ୍‌ଇ ବିଭାଗ ଅତିରିକ୍ତ ସଚିବ ବି.ବି ବେହେରା, ଆଇଇଡି ସିଇଓ ଡ. ସମରେନ୍ଦ୍ର ସାହୁ, ଶିଳ୍ପ ନିର୍ଦ୍ଦେଶକ ନିରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# କର୍ମଚାରୀଙ୍କୁ ମିଳିବ ବର୍ଦ୍ଧିତ ଦରମା

**ଭୁବନେଶ୍ୱର :** ସପ୍ତମ ବେତନ କମିଶନ ଆଧାରରେ ସରକାରୀ କର୍ମଚାରୀଙ୍କୁ ଚଳିତମାସ ଦରମା ଦେବା ପାଇଁ ରାଜ୍ୟ ଅର୍ଥ ବିଭାଗ ଏକ ନିର୍ଦ୍ଦେଶନାମା ଜାରି କରିଛି । ପୂଜା ଛୁଟି ଯୋଗୁ ଚଳିତମାସର ଦରମା ୨୬ତାରିଖରେ କର୍ମଚାରୀଙ୍କୁ ଦେବା ପାଇଁ ସରକାର ପୂର୍ବରୁ ଘୋଷଣା କରିଥିବାରୁ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗୀୟ ମୁଖ୍ୟ ଓ ଜିଲ୍ଲାପାଳଙ୍କୁ ଚିଠି କେଉଁ ଆଧାରରେ କର୍ମଚାରୀମାନେ ବର୍ଦ୍ଧିତ ଦରମା ପାଇବେ ତାହା ଉଲ୍ଲେଖ କରିଛନ୍ତି । ଅର୍ଥ ସଚିବ ତୁହିନ୍‌କାନ୍ତ ପାଣ୍ଡେଙ୍କ ଅନୁସାରେ ୨୦୧୬ ଜାନୁୟାରୀ ୧ ତାରିଖରେ ଜଣେ ସରକାରୀ କର୍ମଚାରୀଙ୍କ ମୂଳଦରମା ଓ ଗ୍ରେଡ୍ ପେ ଯାହା ଥିବ ସେ ତା'ର ୨.୫୭ଗୁଣ ସହ ୪ପ୍ରତିଶତ ମହଙ୍ଗା ଭତ୍ତା ପାଇବେ । ଅଗଷ୍ଟ ମାସର ଦରମାରେ ଅନ୍ୟାନ୍ୟ ଭତ୍ତା ଭାବେ ଜଣେ କର୍ମଚାରୀ ଯାହା ପାଇଥିବେ ଚଳିତମାସ ମଧ୍ୟ ସେୟା ପାଇବେ । ଅର୍ଥାତ୍ ଜଣେ କର୍ମଚାରୀ ୨୦୧୬ ଜାନୁୟାରୀ ୧ ତାରିଖରେ ମୂଳଦରମା ଓ ଗ୍ରେଡ୍ ପେ ଯାହା ପାଉଥିବେ ଚଳିତ ସେପ୍ଟେମ୍ବର ମାସର ଦରମାରେ ସେ ତା'ର ୨.୫୭ଗୁଣ ଅଧିକ ସହ ୪ ପ୍ରତିଶତ ମହଙ୍ଗା ଭତ୍ତା ଓ ଅଗଷ୍ଟ ମାସ ସହ ସମାନ ଅନ୍ୟାନ୍ୟ ଭତ୍ତା ପାଇବେ ।

# ରେକର୍ଡ଼ ରୁମ୍ ଦାୟିତ୍ୱରେ ରହିବେ ଅତିରିକ୍ତ ତହସିଲଦାର

**ଭୁବନେଶ୍ୱର :** ତହସିଲ୍‌ସ୍ତରରେ ରାଜସ୍ୱ କାର୍ଯ୍ୟର ସୁପରିଚାଳନା ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଜନସାଧାରଣଙ୍କୁ ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ତହସିଲଦାର୍ ଏବଂ ଅତିରିକ୍ତ ତହସିଲ୍‌ଦାରଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ମହେଶ୍ୱର ମହାନ୍ତିଙ୍କ ଅନୁମୋଦନ କ୍ରମେ ବିଭାଗୀୟ ପ୍ରମୁଖ ସଚିବ ଡ଼ ଚନ୍ଦ୍ରଶେଖର କୁମାର ଉପରୋକ୍ତ ନିର୍ଦ୍ଦେଶ ଜାରି କରିଛନ୍ତି । ଏଣିକି ଅତିରିକ୍ତ ତହସିଲଦାର୍‌ମାନେ ରେକର୍ଡ ରୁମ୍ ଦାୟିତ୍ୱରେ ରହିବେ । ସ୍ୱତ୍ୱାଧିକାର (ରେକର୍ଡ ଅଫ୍ ରାଇଟ୍ସ) ସଂଶୋଧନ ଏବଂ ଭୂଲେଖରେ ତଥ୍ୟ ଅପ୍‌ଲୋଡ୍ କରିବା ସହ ଏ ସମ୍ପର୍କିତ ଦାୟିତ୍ୱ ଅତିରିକ୍ତ ତହସିଲଦାର୍‌ଙ୍କ ଉପରେ ନ୍ୟସ୍ତ କରାଯାଇଛି । ସ୍ୱତ୍ୱାଧିକାର ସଂଶୋଧନ ପାଇଁ ଆବେଦନ ପତ୍ର ରେକର୍ଡ ରୁମ୍‌ରେ ଗ୍ରହଣ କରାଯିବାର ୩ ଦିନ ମଧ୍ୟରେ ତାହାର ସଂଶୋଧନ କାର୍ଯ୍ୟ ଶେଷ ହେବ । ତେବେ ଯଦି କୌଣସି ତହସିଲ୍‌ରେ ଏକାଧିକ ଅତିରିକ୍ତ ତହସିଲଦାର ନିଯୁକ୍ତି ପାଇଥାନ୍ତି ତେବେ ଉପ ଜିଲାପାଳଙ୍କ ଅନୁମୋଦନକ୍ରମେ ଜଣେ ଅତିରିକ୍ତ ତହଦିଲଦାର ରେକର୍ଡ ରୁମ୍ ଦାୟିତ୍ୱରେ ରହିବେ । ଏଥିସହ ଉପ ଜିଲାପାଳଙ୍କ ଅନୁମୋଦନକ୍ରମେ ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କ ମଧ୍ୟରେ ଆର.ଆଇ ସର୍କଲ୍‌ର ଦାୟିତ୍ୱ ସମାନୁପାତିକ ଭାବେ ବଣ୍ଟନ କରାଯିବ । ବିଭିନ୍ନ ରାଜସ୍ୱ ଆଇନ ଓ ନିୟମ ଅଧୀନରେ ଅତିରିକ୍ତ ତହସିଲଦାରମାନଙ୍କୁ ତହସିଲଦାର ଭାବେ ଅନ୍ତର୍ଭୁକ୍ତ କରାଯାଉଥିବାରୁ ସେମାନେ ରାଜସ୍ୱ ସର୍କଲ୍‌ର ରାଜସ୍ୱ ମାମଲାଗୁଡ଼ିକର ଶୁଣାଣି କରିପାରିବେ ବୋଲି ଜଣା ପଡିଛି । ସେହିପରି ଅନେକ କ୍ଷେତ୍ରରେ ଅତିରିକ୍ତ ତହସିଲଦାରଙ୍କ କୌଣସି ଆର.ଆଇ ସର୍କଲ୍‌ର ଦାୟିତ୍ୱ ଆବଣ୍ଟନ କରାଯାଇ ନଥିବାରୁ ତହସିଲସ୍ତରରେ ଅନେକ ରାଜସ୍ୱ ମାମଲା ପଡି ରହିଛି । ଓଡ଼ିଶା ରାଜସ୍ୱ ସେବା କ୍ୟାଡର୍ ପ୍ରଚଳନ ହେବା ପରେ ଏହି ବର୍ଗର ଅଧିକାରୀମାନେ ତହସିଲସ୍ତରରେ ଅତିରିକ୍ତ ତହସିଲଦାର ଭାବେ ନିଯୁକ୍ତି ପାଉଛନ୍ତି । ଏଣିକି ସେମାନଙ୍କୁ ପଡି ରହିଥିବା ମାମଲାର ଶୁଣାଣି ପ୍ରକ୍ରିୟାରେ ନିୟୋଜିତ କରିବାରେ ନିୟୋଜିତ କରାଯିବ । ପ୍ରତି ମାସରେ ଜିଲାସ୍ତରରେ ହେଉଥିବା ରାଜସ୍ୱ ବୈଠକରେ ରାଜସ୍ୱ ଅଧିକାରୀଙ୍କ ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରମୁଖ ରାଜସ୍ୱ ଆଇନ, ନିୟମ ଓ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିବା ପାଇଁ ପରାମର୍ଶ ଦିଆଯାଇଛି ।

# ୨୦ ରାଜ୍ୟରେ ଶାଖା ଖୋଲିବ 'କିସ୍'

**ଭୁବନେଶ୍ୱର :** ବିଶ୍ୱର ପ୍ରଥମ ଆଦିବାସୀ ଜନଜାତି ଶିକ୍ଷା ପ୍ରତିଷ୍ଠାନ 'କିସ୍' ଭାରତ ସରକାରଙ୍କ ମାନବ ସମ୍ବଳ ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଥିବାରୁ କଲକାତାରେ ପ୍ରତିଷ୍ଠାନର ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତଙ୍କୁ ବିଭିନ୍ନ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିମାନେ ସମ୍ବର୍ଦ୍ଧିତ କରିଥିଲେ । କଲକାତାର ପାର୍କ ହୋଟେଲଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଡକ୍ଟର ସାମନ୍ତ କହିଥିଲେ ଯେ 'କିସ୍' ଡିମେଡ୍ ବିଶ୍ୱବିଦ୍ୟାଳୟ ଅଧିନରେ ଡିନୋଗୋ କ୍ୟାଟଗୋରୀରେ ମାନ୍ୟତା ପାଇଛି । ମୂଳତଃ ଆଦିବାସୀ ସନ୍ତାନଙ୍କୁ ଶିକ୍ଷାର ମୂଳ ସ୍ରୋତରେ ପହଞ୍ଚାଇବା ପାଇଁ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଛି । ପ୍ରଥମ ପର୍ଯ୍ୟାୟରେ ସାତଟି ନୂତନ ବିଭାଗ ଆଦିବାସୀ ସଂସ୍କୃତି, ଦର୍ଶନ ଏବଂ ଆଧ୍ୟାତ୍ମିକତା, ସ୍ୱଦେଶୀ ଜ୍ଞାନ, ବିଜ୍ଞାନ ପ୍ରଯୁକ୍ତି, ଆଦିବାସୀ ବିଜ୍ଞାନ, ଆଦିବାସୀ ଭାଷା ଓ ସାହିତ୍ୟ, ଆଦିବାସୀ ଐତିହ୍ୟ, ଆଦିବାସୀ ସୁପରିଚାଳନା ଶିକ୍ଷା ଇତ୍ୟାଦି ଦିଆଯିବ । ଜନଜାତି ଆଇନ୍ ଓ ଅଧିକାର ବିଷୟରେ ମଧ ଶିକ୍ଷା ପ୍ରଦାନର ବ୍ୟବସ୍ଥା ହୋଇଛି । ଯାହାଦ୍ୱାରା ଆଦିବାସୀ ଜନଜାତିର ଛାତ୍ରଛାତ୍ରୀମାନେ ଗବେଷଣା ଓ ଅନୁସନ୍ଧାନ କ୍ଷେତ୍ରରେ ପ୍ରୋତ୍ସାହନ ଓ ସୁଯୋଗ ପାଇପାରିବେ । ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଡକ୍ଟର ସାମନ୍ତ କହିଥିଲେ ଯେ ୨୭ହଜାର ଆଦିବାସୀ ଛାତ୍ରଛାତ୍ରୀଙ୍କୁ କିସ୍ ଶିକ୍ଷା ପ୍ରତିଷ୍ଠାନ ମାଗଣାରେ ଶିକ୍ଷା ଦେଉଛି । ଏହି ଶିକ୍ଷା ପ୍ରତିଷ୍ଠା ୧୯୯୨-୯୩ ମସିହାରେ ୧୨୫ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଆରମ୍ଭ କରିଥିଲା । କେଜିରୁ ପିଜି ପର୍ଯ୍ୟନ୍ତ ସଫଳତାର ସହ ଶିକ୍ଷା ପ୍ରଦାନ ପାଇଁ ଦକ୍ଷ ଶିକ୍ଷକ ନିଯୁକ୍ତି ଦିଆଯାଇଛି । କିସ୍ ବିଶ୍ୱବିଦ୍ୟାଳୟ କେବଳ ଆଦିବାସୀ ଶିକ୍ଷା, ଗବେଷଣା, କଳା, ସଂସ୍କୃତି, ଭାସ୍କର୍ଯ୍ୟ, ଐତିହ୍ୟ ଓ ଭାଷା ଉପରେ ଗବେଷଣା କାର୍ଯ୍ୟ କରିବ । ପ୍ରତିଷ୍ଠାନଟି ଆବାସିକ ଓ ନିଶୁଳ୍କ । ଡକ୍ଟର ସାମନ୍ତ କହିଥିଲେ ଯେ ଭାରତର ୨୦ଟି ରାଜ୍ୟ ଓ ଓଡ଼ିଶାର ୩୦ଟି ଜିଲାରେ କିସ୍‌ର ଗୋଟିଏ ଲେଖାଁ ଶାଖା ଖୋଲାଯିବ ।

## ଇନ୍ଦିରାଆବାସକୁ ନେଇ ଉଦ୍‌ବେଗ


# ଘର ପାଉନାହାନ୍ତି ଯୋଗ୍ୟ ହିତାଧିକାରୀ

**ଭୁବନେଶ୍ୱର :** ଶାସକ ଓ ବିରୋଧୀ ବିଜୁ ପକ୍କା ଘର ଓ ଇନ୍ଦିରା ଆବାସ ଦୁର୍ନୀତି ନେଇ ଗୃହରେ ଏକାଧିକ ଅଭିଯୋଗ ଉଠାଇଥିଲେ । ଶାସକ ଦଳର ବିଧାୟକ ସମୀର ଦାସ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ ଯେ ବହୁ ଯୋଗ୍ୟ ହିତାଧିକାରୀ ଚାଳ ଘରେ ରହୁଥିଲେ ବି ଘର ପାଉନାହାନ୍ତି । ଘର ନିର୍ମାଣ କରିବା ପରେ ବି ହିତାଧିକାରୀ ବିଲ୍ ପାଉନାହାନ୍ତି । ପ୍ରମିଳା ମଲ୍ଲିକ ଏସଇସିସି ତାଲିକାରେ ଯୋଗ୍ୟ ଲୋକ ବଞ୍ଚିତ ହେଉଥିବା ନେଇ ଅଭିଯୋଗ କରିଥିଲେ । ବିଧାୟକ ଅତନୁ ସବ୍ୟସାଚୀ ନାୟକ କହିଥିଲେ ଯେ ୫୦ବର୍ଷରୁ ଅଧିକ କାଳ ଥିବା ବାଂଲାଦେଶୀ ଶରଣାର୍ଥୀଙ୍କ ମଧ୍ୟରୁ ଅନେକଙ୍କୁ ପଟ୍ଟା ମିଳିନାହିଁ, ପଟ୍ଟା ମିଳିଥିଲେ ବି ଘର ମିଳୁନି । ଜିଓ ଟ୍ୟାଗିଂ ବ୍ୟବସ୍ଥା ନଥିବାରୁ ଯୋଗ୍ୟ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଛନ୍ତି । ସେହିପରି କଂଗ୍ରେସର ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତି ଅଭିଯୋଗ କରିଥିଲେ ଯେ କୋରାପୁଟରେ ଆଜି ସୁଦ୍ଧା ଜାଗା ପାଇଁ ପଟ୍ଟା ମିଳୁ ନାହିଁ । ଜିଆରଏସଙ୍କୁ ପିସି ନଦେଲେ ବିଲ୍ ହେଉନି । କଂଗ୍ରେସ ବିଧାୟକ ଦେବେନ୍ଦ୍ର ଶର୍ମା ଅଭିଯୋଗ କରିଥିଲେ ଯେ କେତେକ ସ୍ଥାନରେ କାର୍ଯ୍ୟାଦେଶ ଦେବାର ୩ମାସ ପରେ ଟଙ୍କା ମିଳୁନି ଆଉ କେତେକ ସ୍ଥାନରେ କାର୍ଯ୍ୟଦେଶ ମିଳି ନଥିଲେ ବି ଟଙ୍କା ମିଳିନି । ଗୃହରେ ସଦସ୍ୟଙ୍କ ଉଦବେଗକୁ ଲକ୍ଷ୍ୟ କରି ଏହାର ଉତ୍ତରରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ କହିଥିଲେ ଯେଉଁଠି ଏସଇସିସିରେ ଯୋଗ୍ୟ ଲୋକଙ୍କୁ ଅନ୍ତର୍ଭୁକ୍ତ କରାଯାଇ ନାହିଁ ସେଠାରେ ତଦନ୍ତ ଆରମ୍ଭ ହୋଇଛି । ଘର ନିର୍ମାଣ ପରେ ତୁରନ୍ତ ଟଙ୍କା ଦେବାର ବ୍ୟବସ୍ଥା ହେଉଛି । ଯେଉଁଠି ଜିଆରଏସ ଦୁର୍ନୀତି ଅଭିଯୋଗ ହେଉଥିବ ସେଠାରୁ ଅଭିଯୋଗ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏଥିପାଇଁ ବିଧାୟକ ବି ସୁପାରିସ କରିପାରିବେ । ଯେଉଁଠି




ପଟ୍ଟା ମିଳିନାହିଁ ସେଠାରେ ତହସିଲଦାରଙ୍କ ଜରିଆରେ ଏ ବ୍ୟବସ୍ଥା କରାଯିବ । ମହାକାଳପଡ଼ାରେ ପଟ୍ଟା ପାଇଁ ସେ ରାଜସ୍ୱ ମନ୍ତ୍ରୀଙ୍କୁ ଅବଗତ କରାଇବେ । ଆଳିରେ ଯେଉଁ ସମସ୍ୟା ଦେଖାଦେଇଛି ସେ ବିଷୟରେ ସେ ଜିଲାପାଳଙ୍କ ସହ କଥା ହୋଇ ସମାଧାନ ବାଟ ବାହାର କରିବେ । ଆରମ୍ଭ କାଳରୁ କେଉଁ ବ୍ଲକର କେତେ ସଂଖ୍ୟାରେ ବିଜୁ ପକ୍କା ଘର, ମୋ କୁଡ଼ିଆ ଯୋଜନାରେ ଘର ଯୋଗାଇଦିଆଯାଇଛି ବୋଲି ବିଧାୟକ ଚନ୍ଦ୍ରଶେଖର ମାଝିଙ୍କ ମୂଳ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ ମୋ କୁଡ଼ିଆ ଯୋଜନା ୨୦୦୮-୦୯ରୁ ଆରମ୍ଭ ହୋଇ ୨୦୧୪-୧୫ରେ ବିଜୁ ପକ୍କା ଘର ଯୋଜନାରେ ରୂପାନ୍ତରିତ ହୋଇଛି । ୨୦୦୮-୦୯ରେ ୨୮,୫୬୬, ୨୦୦୯-୧୦ରେ ୧୭,୧୪୨, ୨୦୧୦-୧୧ରେ ୧୨,୮୩୫, ୨୦୧୧-୧୨ରେ ୧୨,୬୭୬, ୨୦୧୨-୧୩ରେ ୧୮,୮୫୦, ୨୦୧୩-୧୪ରେ ୧୮,୧୮୮, ୨୦୧୪-୧୫ରେ ୪୫,୯୮୭ ଏବଂ ୨୦୧୫-୧୬ରେ ୯୩,୬୫୦ ଏହିପରି ମୋଟ ୨,୫୭,୯୮୪ ଘର ୨୦୧୫- ୧୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଯୋଗାଇଦିଆଯାଇଛି । ଚଳିତ ଆର୍ଥିକ ବର୍ଷରେ ୯,୭୦,୬୭୯ ଗୃହ ନିର୍ମାଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଧାର୍ଯ୍ୟ ଲକ୍ଷ୍ୟ ଥିବା ଗୃହ ମଧ୍ୟରୁ ଚଳିତବର୍ଷ ୧,୨୧,୯୨୮ ଘର ସମ୍ପୂର୍ଣ୍ଣ ହୋଇଛି । ଏଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ)ରେ ୭୮୬୩୨ ଘର ନିର୍ମାଣ ହୋଇଥିବାବେଳେ ୧୭,୩୮୧ ଇନ୍ଦିରା ଆବାସ ,୨୦,୧୫୧ ବିଜୁ ପକ୍କା ଘର, ୪,୯୦୭ ବିଜୁ ପକ୍କା ଘର(ଖଣି) ଏବଂ ୮୫୭ ନିର୍ମାଣ ଶ୍ରମିକ ପକ୍କା ଘର ସମ୍ପୂର୍ଣ୍ଣ ହୋଇଛି । କେନ୍ଦ୍ରର ୬୦ପ୍ରତିଶତ ଓ ରାଜ୍ୟର ୪୦ପ୍ରତିଶତ ଅନୁଦାନରେ ନିର୍ମାଣ ହେଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ସମ୍ପୂର୍ଣ୍ଣ ରାଜ୍ୟ ଅଂଶଧନରେ ନିର୍ମାଣ ହେଉଥିବା ବିଜୁ ପକ୍କା ଘର ଯୋଜନାରେ ୧୧,୦୨୫ ଓ ନିର୍ମାଣ ଶ୍ରମିକ ପକ୍କା ଘର ଯୋଜନାରେ ୨୯୯ ଏହିପରି ମୋଟ ୩,୫୧,୮୨୨ଟି ଗୃହ ଯୋଗାଇଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଅନ୍ଧକୁ ଦୁନିଆ ଦେଖାଯାଏ ନାହିଁ, କାମାନ୍ଧକୁ ବିବେକ ଦେଖାଯାଏ ନାହିଁ, ଅହଂକାରୀକୁ ନିଜଠୁ ଶ୍ରେଷ୍ଠ ଦେଖାଯାଏନାହିଁ ଏବଂ ସ୍ୱାର୍ଥପରକୁ ନିଜର କୌଣସି ଦୋଷ ଦେଖାଯାଏ ନାହିଁ : ଚାଣକ୍ୟ





# ସମ୍ପାଦକୀୟ

## ସବୁ ନିଜ ଚିନ୍ତା

ଭାରତ ଭଳି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ଖାଦ୍ୟ, ଗୃହ, ବସ୍ତ୍ର ସହିତ ଶିକ୍ଷା ଓ ସ୍ୱାସ୍ଥ୍ୟ ପରି ମୌଳିକ ସୁବିଧା ସମସ୍ତଙ୍କ ପାଇଁ ଆବଶ୍ୟକ । ସମସ୍ତଙ୍କୁ ସମାନ ସୁବିଧା, ସୁଯୋଗ ପ୍ରଦାନ କରିବା ହିଁ ଗଣତନ୍ତ୍ରର ମୂଳ ଲକ୍ଷ୍ୟ । ହେଲେ ସ୍ୱାଧୀନତାର ଦୀର୍ଘବର୍ଷ ପରେ ଏହା ଦେଶର ସବୁ ନାଗରିକଙ୍କୁ ସମାନ ଭାବେ ମିଳିପାରିଛି କି ? ବୋଧହୁଏ ଏହାର ଉତ୍ତର ନା ରହିବ । ଏବେବି ଦେଶ ଭିତରେ ଥିବା ବିଭିନ୍ନ ରାଜ୍ୟର ଲୋକେ ଅପପୁଷ୍ଟିର ଶିକାର ହେବା ସହ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ରହିଛନ୍ତି । ଦିନକୁ ଦିନ ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢ଼ୁଛି ଓ ବେରୋଜଗାରୀ ଭଳି ସମସ୍ୟା ଆଜି ବି ବିଭିନ୍ନ ପରିବାରକୁ ଚିନ୍ତାଗ୍ରସ୍ତ କରିପକାଉଛି । ଶିକ୍ଷା ଓ ସ୍ୱାସ୍ଥ୍ୟସେବା ପ୍ରାୟତଃ ଘରୋଇକରଣ ପାଲଟିଯାଇଛି । ଏହି ସେବା ପାଇବା ପାଇଁ ପ୍ରଚୁର ଅର୍ଥର ଆବଶ୍ୟକତା ପଡୁଛି । ଉଚ୍ଚଶିକ୍ଷା କ୍ଷେତ୍ରକୁ ବାଦ ଦିଅନ୍ତୁ, ନିଜ ପିଲାକୁ ଗୋଟିଏ ଭଲ ସ୍କୁଲରେ ପାଠ ପଢ଼ାଇବା ଆଜିକାଲି ଅତ୍ୟନ୍ତ ମହଙ୍ଗା ସାବ୍ୟସ୍ତ ହୋଇଛି । ଏହା ବିରୋଧରେ ସ୍ୱର ଉଠାଇବା ସାଧାରଣଲୋକଙ୍କ ପକ୍ଷେ ସହଜ ନୁହେଁ । କାରଣ ସାଧାରଣଲୋକଙ୍କ ସ୍ୱର ଏବେ ରାଜନୀତି ପାଖରେ ବନ୍ଧା ପଡିଛି ।

ଦେଶରେ ସାଧାରଣଲୋକ ନିଜର ସ୍ୱାର୍ଥ ହାସଲ କରିବାକୁ ହେଲେ ବ୍ୟକ୍ତିଗତ କଣ୍ଠସ୍ୱର ଅପେକ୍ଷା ସାଂଗଠନିକ ସ୍ୱରର ଆବଶ୍ୟକତା ହେଉଛି । ଏହି ସାଂଗଠନିକ ଦାବି ପୂରଣ ପାଇଁ ଆନ୍ଦୋଳନର ଆବଶ୍ୟକତା ପଡିଥାଏ । ଏହାରି ପଛରେ ଥାଏ କୌଣସି ନା କୌଣସି ରାଜନୈତିକ ଦଳର ସମର୍ଥନ । ତେଣୁ ଆନ୍ଦୋଳନ ଦଳଗତ ବା ରାଜନୈତିକ ପ୍ରସଙ୍ଗ ପାଲଟିଯିବା ଫଳରେ ସରକାର ମଧ୍ୟ ଏହାକୁ ଏତେ ସହଜରେ ଗ୍ରହଣ ନକରି ଏହା ରାଜନୈତିକ ରୂପ, ରଙ୍ଗ କହି ଏଡାଇ ଯିବାକୁ ବସନ୍ତି । ହେଲେ ସେଥିରେ ସ୍ୱାର୍ଥ ହାସଲ ଅପେକ୍ଷା ସାଧାରଣ ଲୋକଙ୍କ ସ୍ୱର ମଉଳିଯାଏ । ସମସ୍ୟା ସହ ଯୁଝୁଥିବା ମଣିଷ ପୁଣି ସେଇ ସମସ୍ୟା ଭିତରକୁ ଟାଣି ହୋଇଯାଏ ଏବଂ ତା'ର ଦାବି ସେମିତି ଅପୂରଣୀୟ ହୋଇ ଯନ୍ତ୍ରଣା ବଢୁଥାଏ । ଦୃଢ଼ ଦାବି ପଛରେ ରହିଥିବା ବ୍ୟକ୍ତିମାନେ ପାଣିଚିଆ ହୋଇଯିବା ଦ୍ୱାରା ସାଂଗଠନିକ ମୁଖିଆମାନେ ଏହାକୁ ପ୍ରସଙ୍ଗ କରି ନିଜର ଫାଇଦା ଉଠାଇ ଚାଲିଥିବା ଜଣାପଡେ । ହେଲେ ଯଥାର୍ଥ ଦାବିର ଯଥାର୍ଥ ଉତ୍ତର ସାଧାରଣ ଲୋକଙ୍କ ପାଇଁ ଅପହଞ୍ଚ ହୋଇପଡେ ।

ସର୍ବଦା ଫାଇଦାରେ ରହୁଥିବା ଗୋଷ୍ଠୀ ବା ସଂଗଠନ ସରକାରଙ୍କ ସ୍ତୁତିଗାନ କରୁଥିଲା ବେଳେ ଅପରପକ୍ଷରେ ନ୍ୟାୟ ପାଉନଥିବା ଲୋକଙ୍କ ମନରେ ତୀବ୍ର ଅସନ୍ତୋଷ ଦାନା ବାନ୍ଧୁଥାଏ । କିନ୍ତୁ ସେତେବେଳେ ଏହି ଅସନ୍ତୋଷକୁ ପ୍ରଶମିତ କରିବା ଦାୟିତ୍ୱ ନେବାକୁ କେହି ଆଗଭର ହୁଅନ୍ତିନାହିଁ । ଯେତେବେଳେ ପ୍ରସଙ୍ଗ ଭିତ୍ତିକ ସମର୍ଥନ ଲୋଡାହୁଏ କେବଳ ସେତିକି ବେଳେ ଏମାନଙ୍କୁ ଖୋଜାପଡେ ବା ଏମାନଙ୍କ ଦାବି ଯଥାର୍ଥ ବୋଲି ସାମୟିକ ସ୍ୱର ଉଠିଥାଏ । ତେଣୁ ତେଲିଆ ମୁଣ୍ଡରେ ତଲ ଭଳି ଧନୀଲୋକ ସମସ୍ତ ସୁବିଧା ସୁଯୋଗର ହକ୍‌ଦାର ପାଲଟିଯାଆନ୍ତି ଓ ଗରିବଟିଏ ନ୍ୟାୟ ପାଇବାକୁ ବାର ଦୁଆର ହେଉଥାଏ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଦାବି ଉପସ୍ଥାପନ ଓ ନ୍ୟାୟ ପାଇବାକୁ ବହୁପ୍ରକାର ବ୍ୟବସ୍ଥା ଥିଲେ ବି ବାସ୍ତବ କ୍ଷେତ୍ରରେ ସମସ୍ତଙ୍କୁ ସମାନ ନ୍ୟାୟ ମିଳିଥାଏ କି ? ଏମିତି ଅନେକ ଘଟଣା ଓ ଅନେକ ପ୍ରସଙ୍ଗ ଆଜି ବି ଆମ ଦେଶରେ ଅସମାହିତ ହୋଇରହିଛି । ସମାନ ପାଠ ପଢ଼ି ଜଣେ ସରକାରୀ ବୃତ୍ତିରେ ଯୋଗ ଦେଉଥିଲା ବେଳେ ଆଉଜଣେ ଏହାର ସୁଯୋଗ ପାଇବାରୁ ମଧ୍ୟ ବଞ୍ଚିତ ହେଉଛି । ସୁଯୋଗ ହାସଲ କରିଥିବା ବ୍ୟକ୍ତି ବ୍ୟବସ୍ଥାର ପ୍ରଶଂସା କରୁଥିଲା ବେଳେ ସୁଯୋଗ ହରାଇଥିବା ବ୍ୟକ୍ତି ମନେ ମନେ ଆତ୍ମଗ୍ଲାନୀରେ ଘାଣ୍ଟି ହେଉଥାଏ । ଯୋଗ୍ୟତା ଅନୁସାରେ ସମସ୍ତଙ୍କୁ କାମ ନିଶ୍ଚିତ ନହେବାରୁ ଏ ପ୍ରକାର ଅସନ୍ତୋଷ ସାମାଜିକ ବ୍ୟବସ୍ଥା ଭିତରେ ପ୍ରତିଫଳିତ ହେଉଛି । ଏହି ଅବ୍ୟବସ୍ଥାର ଫାଇଦା ପାଆନ୍ତି ରାଜନୈତିକ ନେତାମାନେ । ବେକାରଙ୍କୁ ଚାକିରୀ ଦେବା ପରିବର୍ତ୍ତେ ଏମାନଙ୍କୁ କର୍ମୀ ଭାବେ ଆଦର କରାଯାଉଛି । ବେକାରଟିଏ ସେତିକିବେଳେ ନିଜର ଭବିଷ୍ୟତ ଚିନ୍ତା ଛାଡି ରାଜନେତାଙ୍କ ଗୋଡାଣିଆ ପାଲଟିଯାଉଛି । ଏମିତି ଅନେକ ଦୃଷ୍ଟାନ୍ତ ଆଜିକାଲି ଦେଖିବାକୁ ମିଳେ । ହେଲେ ବ୍ୟବସ୍ଥାରେ ସମାନତା ପ୍ରକାଶ ପାଇନାହିଁ । ସରକାରୀ ଚାକିରୀଆମାନେ ତାଙ୍କ ପାଉଣା ଚିନ୍ତା କଲା ବେଳେ ମନ୍ତ୍ରୀ, ବିଧାୟକମାନେ ବି ନିଜ ପାଉଣା କଥା ଚିନ୍ତା କରନ୍ତି, ହେଲେ ସାଧାରଣଲୋକଙ୍କ କଥା ପଛରେ ପଡିଯାଏ । ଏହାର ଭିତରେ ଚାଷୀ, ମୂଲିଆ, ସ୍ୱେଚ୍ଛାସେବୀ, ସାମ୍ବାଦିକ ଓ ବିଭିନ୍ନ ଅବହେଳିତ ବର୍ଗ ବି ରହିଛନ୍ତି । ଦେଶ ହେଉ କି ରାଜ୍ୟ ଏକଥା ସମସ୍ତେ ଜାଣନ୍ତି, ବୁଝନ୍ତି ହେଲେ ଫଳ କିଛି ଫଳେ ନାହିଁ । ଏହା ଦୁର୍ଭାଗ୍ୟ ନୁହେଁ ତ ଆଉ କ'ଣ ?

## ଚୀନ୍‌କୁ ଜାପାନ ଚିନ୍ତା

**।। ତାରକ ମହାନ୍ତି ।।**

ନିକଟରେ ଭାରତ-ଜାପାନ ମିଳିତ ଘୋଷଣାନାମା ପ୍ରକାଶ ପରେ ଛାନିଆ ହୋଇଯାଇଛି ଚୀନ୍ । ଚୀନ୍‌ର ମୁକାବିଲା ପାଇଁ ଏସିଆର ଅନ୍ୟତମ ମହାଶକ୍ତି ଜାପାନକୁ ନିଜର ବଡ ସାମରିକ ଶକ୍ତି ଭାବେ ଭାରତ ଗ୍ରହଣ କରିବାକୁ ନେଇ ଚୀନ୍ ଗଣମାଧ୍ୟମରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଚୀନ୍‌ର ଦାଦାଗିରିକୁ ପ୍ରତିହତ କରିବା ଦିଗରେ ଜାପାନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ଭାରତ ଗସ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଜାପାନ ପ୍ରଧାନମନ୍ତ୍ରୀଙ୍କ ସମ୍ପର୍କ ମଜଭୁତ ହେବା ଦ୍ୱାରା ଚୀନ୍ ହତାଶାଭାବ ପ୍ରକଟ କରିଥିବା ଜଣାପଡିଛି । ଏହାର କାରଣ ଚୀନ୍‌ର ବାରମ୍ବାର ଯୁଦ୍ଧ ଧମକକୁ ଡରିନଯାଇ ଭାରତ ନିଜର ଗୁରୁତ୍ୱପୂର୍ଣ୍ଣ ବେସାମରିକ ପରମାଣୁ କାର୍ଯ୍ୟକ୍ରମ ନେଇ ଜାପାନ ଠାରୁ ସହମତି ପାଇଛି । ବିଶ୍ୱର ଏହି ୨ ପ୍ରମୁଖ ରାଷ୍ଟ୍ରଙ୍କ ମିଳିତ ଆଲୋଚନା ପ୍ରତିରକ୍ଷା ସାମଗ୍ରୀର ମିଳିତ ଉତ୍ପାଦନ ପ୍ରସଙ୍ଗ ମଧ୍ୟ ଚୀନ୍‌କୁ ଅଡୁଆ ଲାଗୁଛି । ଶକ୍ତିଶାଳୀ ଯୁଦ୍ଧ ବିମାନ ଓ ମାନବ ରହିତ ଯାନ ଉତ୍ପାଦନ ନେଇ ଭାରତ-ଜାପାନ ଭାଗିଦାରୀତା ଚୀନ୍‌କୁ ଘୋର ଚିନ୍ତାରେ ପକାଇଛି ।

ସେହିଭଳି ଆତଙ୍କବାଦ ବିରୋଧରେ ଭାରତ-ଜାପାନ ଏକଜୁଟ ହେବା ଦ୍ୱାରା ପାକିସ୍ତାନକୁ ସମର୍ଥନ କରୁଥିବା ଚୀନ୍ ଭାରତର ଆଭିମୁଖ୍ୟକୁ ନେଇ ମଧ୍ୟ ବିଶେଷ ଚିନ୍ତା ପ୍ରକଟ କରୁଛି । ସୀମା ଆରପଟୁ ଭାରତ ବିରୋଧରେ ପାକିସ୍ତାନ ଚଳାଇଥିବା ଆତଙ୍କବାଦକୁ ଦମନ କରିବା ଦିଗରେ ପ୍ରଧାନମନ୍ତ୍ରୀ ମୋଦି ଯେଭଳି ପଦକ୍ଷେପ ନେଉଛନ୍ତି ତାହା ମଧ୍ୟ ଡ୍ରାଗନକୁ ବ୍ୟଥିତ କରୁଛି । ଏ କ୍ଷେତ୍ରରେ ବିଶ୍ୱରୁ ଆତଙ୍କବାଦ ବିଲୋପନ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପାକିସ୍ତାନକୁ କଡା ଚେତାବନୀ ଦେଇ ଭାରତର ଦାବିକୁ ଯଥୋଚିତ ସମ୍ମାନ ଦେବା ଦ୍ୱାରା ଏଥିରେ ଚୀନ୍ ମଧ୍ୟ ନିଜର ଅସନ୍ତୋଷ ଜାହିର କରୁଥିବା ଜଣାପଡୁଛି । ପାକିସ୍ତାନ ଭିତ୍ତିକ ଜୈଶ ଓ ଲସ୍କର ଆତଙ୍କବାଦୀ ଗୋଷ୍ଠୀଙ୍କୁ ଦମନ କରିବା କ୍ଷେତ୍ରରେ ଭାରତର ଆଭିମୁଖ୍ୟ ଯେ କଠୋର ଏହା ଚୀନ୍ ବେଶ୍ ବୁଝି ଗଲାଣି । ଏ ଭିତରେ ଭାରତରେ ବୁଲେଟ୍ ଟ୍ରେନ୍ ଚଳାଇବା କ୍ଷେତ୍ରରେ ଜାପାନ ଭାରତକୁ ୮୮ ହଜାର କୋଟି ଟଙ୍କା ଋଣ ସହାୟତା ପ୍ରଦାନ କରିବା ଘୋଷଣାନାମା ଚୀନ୍‌କୁ ବିବ୍ରତ କରି ପକାଇଛି । କାରଣ ଡ୍ରାଗନ୍ ଦେଶ ଚାହେଁନାହିଁ ଯେ ଭାରତ ଜାପାନ ସହାୟତାରେ ବୁଲେଟ୍ ଟ୍ରେନ୍ ପ୍ରଚଳିତ କରୁ । ତେଣୁ ଡ୍ରାଗନ୍‌ର ଭାରତ ବିରୋଧୀ ସମସ୍ତ ଦୁଃସାହସିକ ପଦକ୍ଷେପ ଫେଲ୍ ମାରୁଥିବାରୁ ଏଥିନେଇ ସେ ନୂଆ ନୂଆ କୌଶଳ ଅବଲମ୍ବନ କରିବାକୁ ଯାଉଛି । ଡୋକଲାମ ଘଟଣାରେ ଭାରତର କୂଟନୈତିକ ବିଜୟ ଡ୍ରାଗନ୍ ପାଇଁ ଅନେକ ସମସ୍ୟା ଆଣିଦେଇଛି । ତେଣୁ ବେଜିଂର ବଡଭାଇ ପଣିଆ ଆଉ କାଏମ ରହିବ ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି ।

# ନୟାଗଡ଼ ଜିଲ୍ଲା ଓ ପ୍ରଥମ ନିର୍ବାଚିତ ବିଧାୟକ



ସତ୍ୟବାଦୀ ବଳିଆରସିଂହ

୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେଲା । ବ୍ରିଟିଶ ଶାସିତ ଭାରତରେ ଥିବା ୫୬୫ଟି ଦେଶୀୟ ରାଜା ମହାରାଜାମାନଙ୍କୁ ସାର୍ବଭୌମ କ୍ଷମତା ଦିଆଗଲା । ସେମାନେ ପ୍ରଥମେ ଭାରତ କିମ୍ବା ପାକିସ୍ତାନ କେଉଁ ଦେଶରେ ମିଶିବେ ସେ ନେଇ ଟାଳଟୁଳ ନୀତି ଅବଲମ୍ବନ କଲେ । କିନ୍ତୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ଓଡ଼ିଶାର ହରେକୃଷ୍ଣ ମହାତାବ୍‌ଙ୍କ ନେତୃତ୍ୱରେ ଓଡ଼ିଶାରୁ ହିଁ ପ୍ରଥମେ ଗଡ଼ଜାତ ମିଶ୍ରଣ ଆରମ୍ଭ ହୋଇଥିଲା । ସାରା ଦେଶରେ ପ୍ରଥମେ ନୀଳଗିରି ରାଜ୍ୟ ତା୧୭.୧୨.୧୯୪୭ରେ ଓଡ଼ିଶାରେ ମିଶ୍ରଣ ହୋଇଥିବା ବେଳେ ତା୧/୧/୧୯୪୮ରେ ୨୪ଟି ଗଡ଼ଜାତ ଓଡ଼ିଶାରେ ମିଶିଥିଲା । ତା୧.୧.୧୯୪୯ ମସିହା ଅର୍ଥାତ ବର୍ଷକ ପରେ ମୟୁରଭଞ୍ଜ ଓଡ଼ିଶାରେ ମିଶିଲା । ପରେ ଷଢ଼େଇକଳା ଓ ଖରସୁଆଁ ଓଡ଼ିଶାରୁ ଯାଇ ବିହାରରେ ମିଶିଥିଲା । ଏହି ଗଡ଼ଜାତମାନଙ୍କ ମଧ୍ୟରୁ ରଣପୁର, ନୟାଗଡ଼, ଖଣ୍ଡପଡ଼ା ଓ ଦଶପଲ୍ଲା ତା୧.୧.୧୯୪୮ରେ ଓଡ଼ିଶାରେ ମିଶିବା ସହିତ ଏହା "ନୟାଗଡ଼ ସବ୍ ଡିଭିଜନ" ରୂପେ ମାନ୍ୟତା ପାଇଲା । ଅବିଭକ୍ତ ପୁରୀ ଜିଲା ମଧ୍ୟରେ ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ତିନୋଟି ସବ୍ ଡିଭିଜନ ଥିଲା । ସେତେବେଳେ ଭୁବନେଶ୍ୱର କେବଳ ତହସିଲ ରୂପେ ଖୋର୍ଦ୍ଧା ସବ୍ ଡିଭିଜନ୍ ମଧ୍ୟରେ ଥିଲା । ନୟାଗଡ଼ ସବ୍ ଡିଭିଜନ୍ ତା୧.୪.୧୯୯୩ ରୁ ଏକ ଜିଲାରେ ପରିଣତ ହୋଇଛି । ତଦନାନ୍ତୀନ ଢ଼େଙ୍କାନାଳ ଜିଲାରେ ଥିବା ହିନ୍ଦୋଳ, ପାଲଲହଡ଼ା, ତାଳଚେର ଓ ଆଠମଲ୍ଲିକର ରାଜାମାନେ ଓଡ଼ିଶାରେ ନିଜ ନିଜ ରାଜ୍ୟ ମିଶ୍ରଣ ପୂର୍ବରୁ ସବ୍ ଡିଭିଜନ୍ ମାନ୍ୟତା ଦାବି କରିବାରୁ ସେ ଅଂଚଳ ଗୁଡ଼ିକ ସବ୍ ଡିଭିଜନ୍‌ରେ ପରିଗଣିତ ହେଲା । ରଣପୁର ରାଜମାତା ବସନ୍ତ ମଂଜରୀ ଦେବୀ ରଣପୁରକୁ ଏକ ସବ୍ ଡିଭିଜନ୍ କରିବା ପାଇଁ ଦାବି କରିଥିଲେ । କିନ୍ତୁ ଡ. ହରେକୃଷ୍ଣ ମହତାବ ଏହି ଦାବିକୁ ଗ୍ରହଣ କରିନଥିଲେ । ଯଦି ଏହି ଦାବି ଗ୍ରହଣ ହୋଇଥାନ୍ତା ହୁଏତ ନୟାଗଡ଼ ଜିଲାର ନୟାଗଡ଼ ଓ ରଣପୁର ଦୁଇଟି ସବ୍ ଡିଭିଜନ୍ ରହିଥାନ୍ତା । ଏବେ ଖଣ୍ଡପଡ଼ା ଓ ଦଶପଲ୍ଲା ନିଜ ନିଜ ଅଂଚଳକୁ ସବ୍ ଡିଭିଜନ୍ ହେବା ପାଇଁ ବାରମ୍ବାର ଦାବି କରିଆସୁଛନ୍ତି । ନୟାଗଡ଼ ଜିଲାକୁ ରଣପୁର, ଖଣ୍ଡପଡ଼ା ଓ ଦଶପଲ୍ଲା ଏବଂ ସଦର ସବ୍ ଡିଭିଜନ୍‌କୁ ନେଇ ୪ଟି ସବ୍ ଡିଭିଜନ୍‌ରେ ପରିଣତ କରାଯିବା ଯଥାର୍ଥ ହେବ ବୋଲି ମତ ପ୍ରକାଶ ପାଉଛି ।


ଆଜି ନୟାଗଡ଼ ଜିଲାରେ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ । ତାହା ହେଲା ରଣପୁର, ନୟାଗଡ଼, ଖଣ୍ଡପଡ଼ା ଓ ଦଶପଲ୍ଲା । ଏହି ୪ଟି ଗଡ଼ଜାତରେ ପ୍ରଜାମଣ୍ଡଳ ଗଠିତ ହୋଇ ରାଜ ଶାସନକୁ ଦୋହଲାଇ ପକାଇଥିଲା । ରଣପୁର ପ୍ରଜା ଆନ୍ଦୋଳନରେ ଅର୍ଜୁନ ରାଉତ, ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା ଶହୀଦ ହେଲେ । ନୟାଗଡ଼ରେ ଭାରତ ଛାଡ଼ ଆନ୍ଦୋଳନ ବେଳେ କଷ୍ଟି ଡାକୁଆ ପୋଲିସ ଗୁଳିରେ ଶୀକାର ହୋଇ ଶହୀଦ ହେଲେ । ଶ୍ରୀଧର ଦାଶ, ଲକ୍ଷ୍ମଣ ମହାରଣା, ଶୁକ୍ରୁ ବେହେରା, ବାଞ୍ଛାନିଧି ସେନାପତି, ଆନନ୍ଦ ଚନ୍ଦ୍ର ନନ୍ଦ ପ୍ରମୁଖ ନୟାଗଡ଼ରେ ପ୍ରଜାମଣ୍ଡଳର ନେତୃତ୍ୱ ନେଇଥିଲେ । ଦଶପଲ୍ଲାରେ ଗୋବିନ୍ଦ ଚନ୍ଦ୍ର ମିଶ୍ର ଓ ଖଣ୍ଡପଡ଼ାରେ ଅନ୍ତର୍ଯ୍ୟାମୀ ସାହୁ, ରଘୁନାଥ ସିଂହ ସାମନ୍ତ ପ୍ରଜାମଣ୍ଡଳର ନେତୃତ୍ୱ ନେଇଥିଲେ । କିନ୍ତୁ ଭାରତର ପ୍ରଥମ ଗଣତାନ୍ତ୍ରିକ ନିର୍ବାଚନ ୧୯୫୧-୫୨ରେ ହୋଇଥିବା ବେଳେ ଉପରୋକ୍ତ ୪ଟି ଯାକ ନିର୍ବାଚନ ମଣ୍ଡଳୀରୁ କେବଳ ରାଜନ୍ୟବର୍ଗରୁ ପ୍ରାର୍ଥୀମାନେ ନିର୍ବାଚିତ ହୋଇଥିଲେ । ପ୍ରଜାମଣ୍ଡଳର ନେତାମାନେ ପରାଜୟ ବରଣ କରିବା ଚିନ୍ତାର କାରଣ ଥିଲା । ୪ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ନୟାଗଡ଼ ଓ ଖଣ୍ଡପଡ଼ାରୁ ରାଜାମାନେ ଦଳୀୟ ପ୍ରାର୍ଥୀମାନଙ୍କୁ ବହୁ ଭୋଟ ପଛରେ ପକାଇ ସ୍ୱାଧୀନ ଭାବେ ଜୟଯୁକ୍ତ ହୋଇଥିଲେ । ଏହି ନିର୍ବାଚନ ମଣ୍ଡଳୀର ପ୍ରଥମ ନିର୍ବାଚିତ ପ୍ରାଥୀମାନଙ୍କ ସମ୍ପର୍କରେ ସମ୍ୟକ ସୂଚନା ଦେଉଅଛି ।

**ରଣପୁର (ନିର୍ବାଚନ ମଣ୍ଡଳୀ କ୍ର.ନଂ.-୯୧) :**

୧୯୫୧-୫୨ ପ୍ରଥମ ସାଧାରଣ ନିର୍ବାଚନରେ ରାଜମାତା ବସନ୍ତ ମଂଜରୀ ଦେବୀ କଂଗ୍ରେସ ଦଳର ପ୍ରାର୍ଥୀ ଭାବେ ୧୪, ୫୯୯ ଖଣ୍ଡ ଭୋଟ ପାଇ ଜୟଯୁକ୍ତ ହୋଇଥିଲେ । ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ କମ୍ୟୁନିଷ୍ଟ ପ୍ରାର୍ଥୀ ଗଙ୍ଗାଧର ମିଶ୍ର ୬,୨୭୬ ଖଣ୍ଡ ଭୋଟ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ରାଧାମୋହନ ପାଣି ୧,୨୯୩ ଖଣ୍ଡ ଭୋଟ ପାଇଥିଲେ । ସେ ହରେକୃଷ୍ଣ ମହତାବଙ୍କ ମନ୍ତ୍ରିମଣ୍ଡଳରେ ସ୍ୱାସ୍ଥ୍ୟ ବିଭାଗର ଉପମନ୍ତ୍ରୀ ଓ ପରେ ସେହି ବିଭାଗର କ୍ୟାବିନେଟ ମନ୍ତ୍ରୀ ହୋଇଥିଲେ । ସେ ଓଡ଼ିଶାର ପ୍ରଥମ ମହିଳା ମନ୍ତ୍ରୀ । ସେ ରଣପୁର ରାଜାଙ୍କର ଚନ୍ଦପୁର ଠାରେ ରାଜ ପ୍ରାସାଦକୁ ସ୍ୱାସ୍ଥ୍ୟ ବିଭାଗକୁ ପ୍ରଦାନ କରି ସେଠାରେ ପ୍ରତିଷ୍ଠା କରିଥିଲେ ଏସିଆର ଦ୍ୱିତୀୟ ବୃହମ ଯକ୍ଷ୍ମା ହସ୍ପିଟାଲ । ୧୭୨ ଏକର ପରିମିତ ଏହି ଟି.ବି. ହସ୍ପିଟାଲ ଏବେ ସାଧାରଣ ହସ୍ପିଟାଲ ହୋଇଚି । ବେଳେ ବେଳେ ଏହି ସ୍ଥାନରେ ଏକ ସରକାରୀ ମେଡିକାଲ କଲେଜ କରିବା ପାଇଁ କ୍ଷୀଣ ସ୍ୱର ଉଠୁଛି କିନ୍ତୁ ପ୍ରବଳ ଦାବି ନାହିଁ । ବସନ୍ତ ମଂଜରୀ ସ୍ୱାସ୍ଥ୍ୟ ନିବାସ କେବେ ସରକାରୀ ମେଡିକାଲ କଲେଜ ହେବ ତାହା ଦେଖିବାକୁ ବାକି ରହିଲା । ରଣପୁରର ପ୍ରଥମ ବିଧାୟିକା ବସନ୍ତ ମଂଜରୀ ଦେବୀ ଦ୍ୱିତୀୟ ସାଧାରଣ ନିର୍ବାଚନରେ ରଣପୁରରୁ କଂଗ୍ରେସ ପ୍ରାର୍ଥୀ ଭାବେ ଜୟଯୁକ୍ତ ହୋଇଥିଲେ । ଚତୁର୍ଥ ସାଧାରଣ ନିର୍ବାଚନରେ ତାଙ୍କ ପୁତ୍ର ରାଜା ବ୍ରଜେନ୍ଦ୍ର ଚନ୍ଦ୍ର ସିଂହଦେଓ ବୀରବର ବଜ୍ରଧର ନରେନ୍ଦ୍ର ମହାପାତ୍ର କଂଗ୍ରେସ ପ୍ରାର୍ଥୀଭାବେ ନିର୍ବାଚିତ ହୋଇ ବିଧାୟକ ହୋଇଥିଲେ । ସେ ୧୯୬୨ ମସିହାରେ ଭାରତ ଚୀନ ଯୁଦ୍ଧ ସମୟରେ ରଣପୁର ରାଜାଙ୍କର ଥିବା ସୁନା ସିଂହାସନ ଓ ରୂପା ସିଂହାସନ ଦାନ କରିଥିଲେ ଯାହା ଏବେ ଓଡ଼ିଶା ସରକାରଙ୍କ ଭୁବନେଶ୍ୱର ମ୍ୟୁଜିୟମ୍‌ରେ ଅଛି ।

**ନୟାଗଡ଼ (ନିର୍ବାଚନ ମଣ୍ଡଳୀ କ୍ର.ନଂ.୯୩) :-**

୧୯୫୧-୫୨ ସାଧାରଣ ନିର୍ବାଚନରେ ନୟାଗଡ଼ ବିଧାନସଭାରୁ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦିତା କରି ବିପୁଳ ଭୋଟ ବ୍ୟବଧାନରେ ଜୟଯୁକ୍ତ ହୋଇଥିଲେ । ସେ ଥିଲେ ନୟାଗଡ଼ର ପ୍ରଥମ ବିଧାୟକ । ଦ୍ୱିତୀୟ ବିଧାନସଭା ନିର୍ବାଚନରେ ମଧ୍ୟ ସେ ସ୍ୱାଧୀନ ଭାବେ ଜୟଯୁକ୍ତ ହୋଇଥିଲେ । ପ୍ରଥମ ସାଧାରଣ ନିର୍ବାଚନରେ ଓଡ଼ିଶାର ୧୪୦ଟି ବିଧାନସଭାରୁ ୨୩ ଜଣ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ । ଅବିଭକ୍ତ ପୁରୀ ଜିଲାର ୫ଟି ସ୍ଥାନରୁ ସ୍ୱାଧୀନ ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ । ନୟାଗଡ଼ ଭଳି ଖଣ୍ଡପଡ଼ାରୁ ରାଜା ହରିହର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ, ବାଣପୁରରୁ ପଣ୍ଡିତ ଗୋଦାବରୀଶ ମିଶ୍ର, ସତ୍ୟବାଦୀରୁ ପଣ୍ଡିତ ନୀଳକଣ୍ଠ ଦାଶ ଓ ବ୍ରହ୍ମଗିରିରୁ ବିଶ୍ୱନାଥ ପରିଡ଼ା ସ୍ୱାଧୀନ ଭାବେ ନିର୍ବାଚିତ ହୋଇଥିଲେ । ନୟାଗଡ଼ର ପ୍ରଥମ ବିଧାୟକ ରାଜା କୃଷ୍ଣଚନ୍ଦ୍ର ସିଂହ ମାନଧାତା ସ୍ୱାଧୀନ ପ୍ରାର୍ଥୀଭାବେ ୧୩,୬୪୨ ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ କଂଗ୍ରେସ ପ୍ରାର୍ଥୀ ତଥା ଗଡ଼ଜାତ ପ୍ରଜା ଆନ୍ଦୋଳନର ସମ୍ପାଦକ ଶ୍ରୀଧର ଦାଶ ୩,୦୦୯ ଖଣ୍ଡ ଭୋଟ ପାଇଥିଲେ । ସୋସିଆଲିଷ୍ଟ ପ୍ରାର୍ଥୀ ସୋମନାଥ ପଟ୍ଟନାୟକ ୧,୪୭୮ ଖଣ୍ଡ ଭୋଟ ପାଇଥିଲେ । ନୟାଗଡ଼ରୁ ୧ମ ଓ ୨ୟ ଦୁଇଥର ସ୍ୱାଧୀନ ପ୍ରାର୍ଥୀଭାବେ ନିର୍ବାଚିତ ହୋଇଥିବା ରାଜା କୃଷ୍ଣଚନ୍ଦ୍ର ଜଣେ ଋଷି ପ୍ରତିମ ବ୍ୟକ୍ତି ଥିଲେ । ରାଜା କୃଷ୍ଣଚନ୍ଦ୍ରଙ୍କ ସରଳ ଜୀବନ ଯାପନ ଓ ଦାନଶୀଳ ମନୋଭାବ ଉପରେ ସମାଜର ପୂର୍ବତନ ସମ୍ପାଦକ ରାଧାନାଥ ରଥ ତାଙ୍କ ଜୀବନୀ ଗ୍ରନ୍ଥରେ ବିଶଦ ଆଲୋଚନା କରିଛନ୍ତି । ଏହି ବଂଶରେ ରାଜାଙ୍କ ଭାଇ ବୃନ୍ଦାବନ ଚନ୍ଦ୍ର ଦେବ ଓ ଦାୟାଦ ହେମେନ୍ଦ୍ର ଚନ୍ଦ୍ର ରାଜନୀତି କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ ।



**ଖଣ୍ଡପଡ଼ା ( ନିର୍ବାଚନ ମଣ୍ଡଳୀ କ୍ର.ନଂ. ୯୪) :**

ରଣପୁର ଓ ନୟାଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ସମ୍ପ୍ରତି ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ ହୋଇଥିବାବେଳେ ଖଣ୍ଡପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ମଧ୍ୟରେ ସ୍ଥାନ ପାଇଛି । ୧୯୫୧-୫୨ ପ୍ରଥମ ସାଧାରଣ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜା ହରିହର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ ତାଙ୍କର ଏକମାତ୍ର ପ୍ରାର୍ଥୀ ପ୍ରଜାମଣ୍ଡଳର ସମ୍ପାଦକ କଂଗ୍ରେସ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ସାହୁଙ୍କୁ ବହୁ ଭୋଟରେ ପରାସ୍ତ କରି ଜୟଯୁକ୍ତ ହୋଇଥିଲେ । ସ୍ୱାଧୀନ ପ୍ରାର୍ଥୀ ରାଜା ହରିହର ସିଂହ ମର୍ଦ୍ଦରାଜ ୧୪,୩୨୩ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ଅନ୍ତର୍ଯ୍ୟାମୀ ସାହୁ ୩,୧୪୯ ଖଣ୍ଡ ଭୋଟ ପାଇଥିଲେ । ଦ୍ୱିତୀୟ ସାଧାରଣ ନିର୍ବାଚନରେ ରାଜା ହରିହର ସିଂହ ମର୍ଦ୍ଦରାଜ କଂଗ୍ରେସ ପ୍ରାର୍ଥୀଭାବେ ୧୩,୮୫୫ ଖଣ୍ଡ ଭୋଟ ପାଇ ଜୟଯୁକ୍ତ ହୋଇଥିଲେ ଓ ତାଙ୍କର ଏକମାତ୍ର ପ୍ରତିଦ୍ୱନ୍ଦୀ ଗଣତନ୍ତ୍ର ପରିଷଦ ପ୍ରାର୍ଥୀ ଲକ୍ଷ୍ମୀ ନାରାୟଣ ଜଗଦ୍ଦେବ ମାତ୍ର ୩,୫୯୬ ଖଣ୍ଡ ଭୋଟ ପାଇଥିଲେ । ଏଥର ହରିହର ସିଂହ ମର୍ଦ୍ଦରାଜ ଓଡ଼ିଶା ମନ୍ତ୍ରିମଣ୍ଡଳରେ ପୂର୍ତ୍ତ ଓ ପରିବହନ ବିଭାଗ ମନ୍ତ୍ରୀ ହୋଇଥିଲେ । ଏହି ନିର୍ବାଚନ ମଣ୍ଡଳୀର ବିଶେଷତ୍ୱ ଏହି ଯେ ଓଡ଼ିଶାର ସମସ୍ତ ନିର୍ବାଚନ ମଣ୍ଡଳୀ ଅପେକ୍ଷା ଏଠାରୁ ସର୍ବାଧିକ ପ୍ରାର୍ଥୀ ଅଦ୍ୟାବଧି ସ୍ୱାଧୀନ ଭାବେ ନିର୍ବାଚିତ ହୋଇଥିଲେ । ରାଜା ମର୍ଦ୍ଦରାଜଙ୍କ ପୁତ୍ର ବିଭୁତି ଭୂଷଣ ସିଂହ ମର୍ଦ୍ଦରାଜ ବିଧାନ ସଭାରେ ଉପ ବାଚସ୍ପତି ହୋଇଥିଲେ । ବିଭୂତି ଭୁଷଣ ସିଂହଙ୍କ ପୁତ୍ର ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ ମଧ୍ୟ ବି.ଜ.ଦ. ପ୍ରାର୍ଥୀଭାବେ ବିଧାୟକ ହୋଇଥିଲେ । ଖଣ୍ଡପଡ଼ା ରାଜନ୍ୟ ପରିବାରରୁ ତିନି ପୀଢ଼ି ବିଧାନସଭାକୁ ନିର୍ବାଚିତ ହେବା ଏକ ରେକର୍ଡ଼ ଅଟେ ଯାହା ପାଟଣା ଓ କଳାହାଣ୍ଡି ରାଜ ପରିବାରରେ ଦେଖିବାକୁ ମିଳେ ।

**ଦଶପଲ୍ଲା - (ନିର୍ବାଚନ ମଣ୍ଡଳୀ କ୍ର.ନଂ. ୯୫) :**

୧୯୯୧-୯୨ ସାଧାରଣ ନିର୍ବାଚନରେ ରାଜ ବାହାଦୁର କିଶୋର ଚନ୍ଦ୍ର ଦେଓଭଂଜ କଂଗ୍ରେସ ପ୍ରାର୍ଥୀଭାବେ ନିର୍ବାଚିତ ହୋଇଥିଲେ । ସେ ୧୫,୯୪୭ ଖଣ୍ଡ ଭୋଟ ପାଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ବୃନ୍ଦାବନ ଚନ୍ଦ୍ର ସିଂହ ୬,୪୩୩, ସ୍ୱାଧୀନ ପ୍ରାର୍ଥୀ ଅନନ୍ତ ଚରଣ କହଁର ୧,୯୬୫ ଓ ସୋସିଆଲିଷ୍ଟ ପ୍ରାର୍ଥୀ ନରସିଂହ ପଟ୍ଟନାୟକ ୧,୯୦୯ ଖଣ୍ଡ ଭୋଟ ପାଇଥିଲେ । ରାଜା କିଶୋର ଚନ୍ଦ୍ର ଦେଓ ଭଞ୍ଜ ମଧ୍ୟ ଦ୍ୱିତୀୟ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀଭାବେ ଜୟଯୁକ୍ତ ହୋଇଥିଲେ । ସେ ଓଡ଼ିଶା ମନ୍ତ୍ରିମଣ୍ଡଳରେ ପରିବହନ ବିଭାଗ ମନ୍ତ୍ରୀ ହୋଇଥିଲେ । ସେତେବେଳେ କେବଳ ଜଟଣୀ ଠାରେ ରୋଡ଼ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟ ଥିଲା । ତାଙ୍କ ଉଦ୍ୟମରେ ଦଶପଲ୍ଲା ଠାରେ ଟ୍ରାନ୍ସପୋର୍ଟ କାର୍ଯ୍ୟାଳୟ ଖୋଲା ଯାଇଥିଲା । ସେତେବେଳେ ଘରୋଇ ବସ ଅଧିକ ସଂଖ୍ୟାରେ ନଥିବାରୁ ଲୋକମାନେ ଓ.ଆର୍.ଟି. ବସ୍‌ରେ ଯାତାୟାତ ପାଇଁ ନିର୍ଭର କରୁଥିଲେ । ରାୟପୁର ରାଜକୁମାର କଲେଜରୁ ପାଠ ପଢ଼ିଥିବା ରାଜା କିଶୋର ଚନ୍ଦ୍ର ଜଣେ ବିଦ୍ୱାନ ଥିଲେ । ସେ ରାୟପୁରରୁ ପାଠ ପଢ଼ି ରାଜ ଶାସନରେ ଯୋଗ ଦେବା ପରେ ଦେଖିଲେ ଦେଓ୍ୱାନ ଭାବଗ୍ରାହୀ ବିଶ୍ୱାଳ ଜଣେ ପ୍ରଜା ପୀଡ଼କ ବ୍ୟକ୍ତି । ସେ ଲାଂଚୁଆ କର୍ମଚାରୀଙ୍କୁ ଭଲ ପାଉଥିବା ବେଳେ ସଚ୍ଚୋଟ କର୍ମଚାରୀଙ୍କ ବିରୋଧରେ ଯାଉଥିଲେ । ସେ ସମୟରେ ସୂର୍ଯ୍ୟ ନାରାୟଣ ମହାପାତ୍ର ନାମକ ଜଣେ ସଚ୍ଚୋଟ ରେଭିନ୍ୟୁ ସୁପରଭାଇଜର୍ ଥିଲେ । ଦେଓ୍ୱାନ ତାଙ୍କ ସର୍ଭିସ୍ ବୁକ୍‌ରେ ମତ ଦେଲେ - **He roosts over the nest.** କିନ୍ତୁ ତା'ପରେ ରାଜକୁମାର କିଶୋର ଚନ୍ଦ୍ର ନାଲି ଅକ୍ଷରରେ ମନ୍ତବ୍ୟ ଦେଲେ - **"But he lays golden eggs".** ଯୁବରାଜ କିଶୋର ଚନ୍ଦ୍ର ପରେ **"The Rajah and ruling Chief of Daspalla and Jodum estate"** ହୋଇଥିଲେ । ପରେ ଯୋଡୁମ୍ ଅଂଚଳ କଟକ ଜିଲା ନରସିଂହପୁରକୁ ଚାଲି ଯାଇଥିଲା । ସେ ବ୍ରିଟିଶ ସରକାରଙ୍କ ଠାରୁ ରାଜ ବାହାଦୁର ଉପାଧି ପାଇଥିଲେ । ପ୍ରଥମ ଦୁଇଥର ବିଧାୟକ ହୋଇଥିବା କିଶୋର ଚନ୍ଦ୍ର ଦେଓ ଭଂଜ ମନ୍ତ୍ରୀ ମଧ୍ୟ ହୋଇଥିଲେ । ତାଙ୍କ ପୁତ୍ର ପୂର୍ଣ୍ଣଚନ୍ଦ୍ର ଦେଓଭଂଜ ଭୁବନେଶ୍ୱର ଲୋକସଭା ଆସନରୁ ସାଂସଦ ହୋଇଥିଲେ । ସାଂସଦ ପୂର୍ଣ୍ଣଚନ୍ଦ୍ରଙ୍କ ଜାମାତା ଆନ୍ଧ୍ର କୁରୁପମ ରାଜା ଭି. କିଶୋର ଚନ୍ଦ୍ର ଦେଓ କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ଥିଲେ । ଦଶପଲ୍ଲାର ପ୍ରଥମ ବିଧାୟକ ଆଜି ନାହାନ୍ତି କିନ୍ତୁ ତାଙ୍କର କୀର୍ତ୍ତୀ ରହିଛି । ଏପରିକି ମହାନଦୀ କୂଳ ଗଣିଆ ନିକଟବର୍ତ୍ତୀ କିଶୋର ନଗର ଗ୍ରାମ ତାଙ୍କ ନାମରେ ନାମିତ ହୋଇ ସ୍ମୃତି ହୋଇ ରହିଛି ।

ନୟାଗଡ଼ ଜିଲାର ୪ଟି ନିର୍ବାଚନ ମଣ୍ଡଳୀରୁ ପ୍ରଥମ ଦୁଇ ଥର (୧୯୫୨ ଓ ୧୯୫୭) କେବଳ ରାଜ ପରିବାର ସଦସ୍ୟମାନେ ନିର୍ବାଚିତ ହୋଇଛନ୍ତି । ସେମାନେ ମଧ୍ୟ ମନ୍ତ୍ରୀ ହୋଇଛନ୍ତି । ରଣପୁର ରାଜମାତା ବସନ୍ତ ମଞ୍ଜରୀ ଦେବୀ ପ୍ରଥମ ୫ ବର୍ଷ ସ୍ୱାସ୍ଥ୍ୟ ବିଭାଗ ଉପମନ୍ତ୍ରୀ ଓ ଦ୍ୱିତୀୟ ୫ ବର୍ଷ ସ୍ୱାସ୍ଥ୍ୟ ବିଭାଗ ମନ୍ତ୍ରୀ ହୋଇଥିଲେ । ସେହିପରି ଦଶପଲ୍ଲା ରାଜା ରାଜ ବାହାଦୁର କିଶୋର ଚନ୍ଦ୍ର ଦେଓଭଂଜ ୧୯୫୨-୫୭ ଓଡ଼ିଶାର ପରିବହନ ବିଭାଗ ମନ୍ତ୍ରୀ ଥିଲେ । ଖଣ୍ଡପଡ଼ା ରାଜା ହରିହର ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ ୧୯୫୭ ରୁ ୧୯୬୨ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ମନ୍ତ୍ରୀ ଥିଲେ । ଖଣ୍ଡପଡ଼ା ରାଜା ହରିହର ସିଂହ ମର୍ଦ୍ଦରାଜଙ୍କ ପୁତ୍ର ବିଭୁତି ଭୂଷଣ ସିଂହ ମର୍ଦ୍ଦରାଜ ଭ୍ରମରବର ରାୟ ଓଡ଼ିଶା ବିଧାନସଭାରେ ଉପ ବାଚସ୍ପତି ଥିଲେ । ରାଜନ୍ୟବର୍ଗଙ୍କ ପରେ ସାଧାରଣ ବର୍ଗରୁ ଦଶପଲ୍ଲାର ବିଧାୟକ ହରିହର କରଣ ଓଡ଼ିଶାର ସ୍ୱାସ୍ଥ୍ୟ ମନ୍ତ୍ରୀ ହୋଇଥିଲେ । ତାଙ୍କ ପରେ ନୟାଗଡ଼ରୁ ଭାଗବତ ବେହେରା, ରଣପୁରରୁ ରମାକାନ୍ତ ମିଶ୍ର, ଶ୍ରୀମତୀ ସୁରମା ପାଢ଼ୀ ମନ୍ତ୍ରୀପଦ ଅଳଂକୃତ କରିଥିଲେ । ରମାକାନ୍ତ ମିଶ୍ର ଓଡ଼ିଶା ବିଧାନସଭାରେ ବିରୋଧୀଦଳ ନେତା ମଧ୍ୟ ଥିଲେ । ଓଡ଼ିଶା ବିଧାନସଭାରେ ବିରୋଧୀଦଳ ନେତା ପଦ ପାଇବାରେ ରମାକାନ୍ତ ମିଶ୍ର ନୟାଗଡ଼ ଜିଲାର ପ୍ରଥମ ବ୍ୟକ୍ତି । ସମ୍ପ୍ରତି ନୟାଗଡ଼ର ବିଧାୟକ ଅରୁଣ କୁମାର ସାହୁ ଓଡ଼ିଶା ସରକାରଙ୍କର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆଇନ ଓ ପଂଚାୟତରାଜ ବିଭାଗ ଦାୟିତ୍ୱରେ ଥାଇ ନୟାଗଡ଼ ଜିଲାର ସାମଗ୍ରିକ ବିକାଶରେ ବ୍ରତୀ ଅଛନ୍ତି ।

ନୟାଗଡ଼ ଜିଲାର ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଲୋକସଭା ନିର୍ବାଚନ ମଣ୍ଡଳୀ ମଧ୍ୟରେ ରହି ଆସିଛି । ରଣପୁର ଓ ନୟାଗଡ଼ ଏବେ ପୁରୀ ଲୋକସଭା ନିର୍ବାଚନ ମଣ୍ଡଳୀ, ଖଣ୍ଡପଡ଼ା, କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ଏବଂ ଦଶପଲ୍ଲା, କନ୍ଧମାଳ ଲୋକସଭା ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ ହୋଇଛି । ଏହି ଜିଲାର ପୂର୍ଣ୍ଣଚନ୍ଦ୍ର ଦେଓଭଂଜ (ଦଶପଲ୍ଲା ରାଜା) ଭୁବନେଶ୍ୱର ଲୋକସଭା, ରୁଦ୍ର ମାଧବ ରାୟ (ଦଶପଲ୍ଲା) ହେମେନ୍ଦ୍ର ନାରାୟଣ ସିଂହ (ନୟାଗଡ଼ ରାଜକୁମାର) ଓ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ କନ୍ଧମାଳ ଲୋକସଭା ସାଂସଦ ହୋଇ ପାରିଛନ୍ତି । ସେହିପରି ରାଜ୍ୟସଭା ସାଂସଦ ହେବାର ସୌଭାଗ୍ୟ ପାଇଛନ୍ତି ମହାତ୍ମା ଗାନ୍ଧୀଙ୍କ ଅନ୍ତରଙ୍ଗ ଗୋବିନ୍ଦ ଚନ୍ଦ୍ର ମିଶ୍ର (ଦଶପଲ୍ଲା) ଏବଂ ରବି ନାରାୟଣ ମହାପାତ୍ର (ରଣପୁର) ।


ନୟାଗଡ଼ ମହୋତ୍ସବ ପାଳନ ଅବସରରେ ଆମେ ଜିଲାର ପ୍ରଥମ ବିଧାୟକ, ମନ୍ତ୍ରୀ ତଥା ସାଂସଦମାନଙ୍କୁ ସ୍ମରଣ କରି ନୟାଗଡ଼ ଜିଲାର ପ୍ରଗତି କାମନା କରୁଛୁ ।

*ଗଡ଼ବାଣୀକିଲୋ,*
*ଭାୟା-ରାଜ ରଣପୁର-୭୫୨୦୨୬*
*ଦୂରଭାଷ: ୯୨୩୭୦୮୯୫୦୯*

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର, ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯

# ବେଦନାର ବେଦ (୩୪)

ଧାରାବାହିକ ଉପନ୍ୟାସ





**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍: khirod65@gmail.com

ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

- "**କ**'ଣ କହିଲ ଭାଇ ? ମତେ କିଛି କହିଲ କି ?" ମଦ ନିଶାରେ ନଇଁ ଯାଉଥିବା ମୁଣ୍ଡକୁ କୌଣସି ପ୍ରକାରେ ଉପରକୁ ଟେକି ପଚାରିଲା ରିକ୍ସାବାଲା ଓରଫ ଜଗନ୍ନାଥ।

କାନ୍ଦ କାନ୍ଦ ହୋଇ ଚକ୍ରଧର ହାତ ଯୋଡ଼ିଲା- "ହେ ଭାଇ ଜଗନ୍ନାଥ, ମୋ ଭାଇ, ମୋ ଧନ, ତୁମ ଭଡ଼ାଟଙ୍କା ନ ନେଲେ ନାଇଁ, ଦୟାକରି ମତେ ଛାଡ଼ିଦିଅ। ମୋର ଅନେକ କାମ... ଅନେକ ଦୁଃଖ ! ମତେ ଛାଡ଼ିଦିଅ ଭାଇ.. ତୁମ ଗୋଡ଼ହାତ ଧରୁଚି... ତମକୁ ନେହୁରା ହଉଚି... ମତେ ଛାଡ଼ିଦିଅ !!"

ଜଗନ୍ନାଥ ମୁହଁ ଉଠାଇ ଚାହିଁଲା ଚକ୍ରଧରକୁ। ଅଳ୍ପ ଟିକେ ବଙ୍କା ହସ ହସିଲା। ତା' ମାଟିଆ ସାର୍ଟପକେଟରୁ ପୁଣି ଦି'ଖଣ୍ଡ ବିଡି ବାହାର କରି ନିଜେ ଗୋଟାକରେ ନିଆଁ ଧରାଇଲା, ଅନ୍ୟଟିକୁ ଚକ୍ରଧର ଆଡକୁ ବଢ଼ାଇଦେଇ କହିଲା- "ହେ ଭାଇ, ଏତେ ଉଚ୍ଛନ୍ନ ହେଉଚ କାଇଁ ? ନିଅ, ଆଉ ଗୋଟାଏ ବିଡି ଲଗାଇ ଦି'ଢୋଠ ଟାଣିନିଅ। ଧୂଆଁପରି ଫସ୍ ଫସ୍ ହୋଇ କୁଆଡ଼େ ଉଡିଯିବ ଛାତି ଭିତରେ ଜମିଥିବା ଦୁଃଖ ! ଭାରି ହାଲ୍‌କା ଲାଗିବ। ବୁଝିଲ ଭାଇ... ତୁମେ ମୋ ଭାଇ ନା ନାଇଁ.... ? ମୁଁ ତୁମ ଭାଇ ନା ନାଇଁ... ? ତୁମେ ମୋ ଭାଇ... ମୁଁ ତୁମ ଭାଇ...। ତମ ଦୁଃଖ ମାନେ ମୋ ଦୁଃଖ।"

ଚକ୍ରଧରର ଧୈର୍ଯ୍ୟଚ୍ୟୁତି ହୋଇସାରିଥିଲା। ତା'କାନକୁ ଆଉ କିଛି ଶୁଭୁନଥିଲା। ତା'ଆଖିକୁ ଆଉ କିଛି ଦେଖାଯାଉ ନଥିଲା। ରିକ୍ସାବାଲାଟି ତାକୁ ଏକରକମର ନିଃଶେଷ କରିପକାଇବାକୁ ସତେଯେପରି ବଦ୍ଧପରିକର ଥିଲା।

"ହେ ଭାଇ... ତମେ ମୋ ଭାଇ... ତା' ଅର୍ଥ ... ମୁଁ ତୁମ ଭାଇ... ତମ ଦୁଃଖ... ମାନେ ମୋ ଦୁଃଖ.... ହେଇଟି ଭାଇ... ଏ ଟଙ୍କାତକ ରଖ। ମନା କରନି ଜମା... ତମେ ପା' ମୋ ... ମାନେ ... ମୁଁ.... ପା'... ତମ....।" ଜଗନ୍ନାଥର ମୁଣ୍ଡ ନିଶାରେ ଝୁଙ୍କି ପଡିଥିଲା ତଳକୁ। ସେ ଆଉ ଠିଆହେବା ଅବସ୍ଥାରେ ନଥିଲା। ତଥାପି ପ୍ରଳାପ କରି ଚାଲିଥିଲା... ଏ ଭାଇ... ଭାଇ... ମ ... ତମେ ପା'... ମୋ ଭାଇ... ମୁଁ ପା'... ତମ...।

ଗୋଟେ ମଇଳା ଜରି ପୁଡ଼ିଆ। ଗୋଟେ କାଳିଆ କିଟିକିଟି ଝାଳମୁଖା ହାତ। ଉଦ୍ୟତ ହୋଇ ରହିଥିଲା ଚକ୍ରଧର ଆଡକୁ। ସେଇ ମଇଳା ଜରିପୁଡିଆ ଭିତରେ ଦୁନିଆର ଯାବତୀୟ ଦୁଃଖ, ଯନ୍ତ୍ରଣା, ଅଭାବ ଅସୁବିଧାକୁ ଦୂର କରିପାରିବାର ସାମର୍ଥ ବହନ କରୁଥିବା ପୁଳାଏ ମଇଳା ନୋଟ୍ !

ନୋଟ୍ ନୁହେଁ ତ ଆଞ୍ଜୁଳାଏ ଐଶ୍ୱର୍ଯ୍ୟ !!

ବିବାକ୍ ଚମକି ପଡିଲା ଚକ୍ରଧର। ତା'ର ପ୍ରତିଟି ରକ୍ତ କଣିକା ଭିତରେ, ଅଣୁ ପରମାଣୁ ଭିତରେ ପ୍ରବାହିତ ହୋଇଯାଉଥିଲା ଏକ ଶକ୍ତିଶାଳୀ ବୈଦ୍ୟୁତିକ ତରଙ୍ଗ। ସେ ନିଘୋଡ ନିଦରେ ଶୋଇ ରହି ସ୍ୱପ୍ନଟିଏ ଦେଖୁନାଇଁ ତା ! ସେ ନିଦ୍ରିତ ନା ଜାଗ୍ରତ ? ତା' ଆଖି ସାମ୍ନାରେ, ଏଇ ମୁହୂର୍ତ୍ତରେ, ଅର୍ବାଚୀନଟିଏ, ଭେଳିକି ଦେଖାଇ ତା' ଦୁଃଖ, ଦାରିଦ୍ର୍ୟ ଓ ଅସହାୟତା ପ୍ରତି ତାସଲ୍ୟ ପ୍ରକାଶ କରୁଛି କି ? କେହି ତାକୁ ପୁଣିଥରେ ଦୟନୀୟ ଭାବରେ ପ୍ରତାରିତ କରିବାକୁ ଜଘନ୍ୟ ଚକ୍ରାନ୍ତଟିଏ ଆରମ୍ଭ କରିଦେଇଛି କି ?

ଚକ୍ରଧର କାଶିଲା। ନିଜର ସ୍ଥିତି ଜାହିର କରିବାକୁ ଏପାଖ ସେପାଖ ଚାହିଁଲା, ଡାହାଣ ହାତରେ ବାମ ହାତକୁ ଚିମୁଟିଲା, ଆକାଶ ଆଡକୁ ଅନାଇଲା। ଆକାଶରେ ପଶ୍ଚିମ ଦିଗରେ ନରମ ସୂର୍ଯ୍ୟ। ଅତଏବ ସେ ଜାଗ୍ରତ ଅଛି। ସେ ରାସ୍ତାକୁ ଅନାଇଲା। ରାସ୍ତା ଉପରେ ଅସଂଖ୍ୟ ମଣିଷ ଓ ପେଁ ପାଁ ଆବାଜ କରି ଛୁଟି ଯାଉଥିବା ଗାଡିମଟର। ଜୀବନ ପ୍ରବାହ ଅବ୍ୟାହତ ରହିଛି। ଅତଏବ ସେ ବଞ୍ଚିଛି। ବଞ୍ଚିଛି ମାନେ ଆଖି ସାମ୍ନାରେ ଯାହା ଯାହା ଘଟି ଯାଉଛି, ତାହା ସତ। ବାସ୍ତବ।

ଚକ୍ରଧରର ତଣ୍ଟି ଶୁଖି ଯାଉଥିଲା। ଧପ୍‌ଧପ୍ ହେଉଥିଲା ଛାତି। ସଂଜ୍ଞାତୀତ ଏକ ଭୟ ସହସା ତାକୁ କାବୁ କରିନେଲା। ସେ କିଛି ଗୋଟାଏ ଅନୈତିକ କାମ କରିପକାଇଛି କି ? ତା' ଦେହରୁ ଗମ୍ ଗମ୍ ଝାଳ ବାହାରି ଆସୁଥିଲା। କେଉଁ ବିଶ୍ୱାସ, କେଉଁ ସମ୍ପର୍କର ଦୁହାଇ ଦେଇ, ମଳିମୁଣ୍ଡିଆ ମଦୁଆ ରିକ୍ସାବାଲାଟି ତା' ଆଡକୁ ବଢ଼ାଇ ଦେଉଛି ପୁଳାଏ କୁଟୁମ୍ବ ? କ'ଣ କରିବ ସେ ? ନବ ନା ନେବ ନାଇଁ ? ଏଠି ଠିଆହେବ ନା ଦୌଡ଼ି ପଳାଇବ ?

ଚକ୍ରଧରର ଆଗପଛ ଭାବନା ଦେଖି ଜଗନ୍ନାଥ ନୋଟ୍ ବିଡାଟିକୁ ଜବରଦସ୍ତ ତା' ହାତରେ ଗୁଞ୍ଜିଦେଇ କହିଲା- "ହେ ଭାଇ, ଏ ଦୁନିଆରେ ମୋର କେହି ନାହିଁ ? ସ୍ତ୍ରୀ ଥିଲା ... ମରିଗଲା। ଝିଅଟିଏ ଥିଲା.... ସେ ବି....। ଏ ଭାଇ.... ଏ ଦୁନିଆରେ ମୁଁ ବିଲ୍‌କୁଲ୍ ଏକା... କ'ଣ ହେବ ମୋର ଏ ଟଙ୍କା ? ଭାଇ ମ, ଏ ଦୁନିଆରେ ସିନା ମୁଁ ଏକା... ହେଲେ ମତେ ଲାଗେ ଏ ସାରା ଦୁନିଆଟା ମୋର। ଜୀବନରେ ରିକ୍ସା ଟାଣି ଟାଣି ବିଡା ବିଡା ଟଙ୍କା ରୋଜଗାର କଲି ମୁଁ। ସବୁ ଚାଲିଗଲା ମଦ ଗଞ୍ଜେଇ ଅଫିମରେ ! କିଛି ତ ଲାଗୁ ପୁଣ୍ୟ କାମରେ... ! ଏ ଭାଇ... ଏ ଟଙ୍କାତକ ରଖ... ତମେ ପା' ମୋ.. ଭାଇ... ମାନେ ମୁଁ... ପା'... ତୁମ....

ଛାନିଆ ହୋଇଯାଉଥିଲା ଚକ୍ରଧର। ତା' ସମଗ୍ର ଶରୀର ଆହୁରି ଜୋର୍‌ରେ ଥରିବା ଆରମ୍ଭ କରିଦେଇଥିଲା। ମୁଣ୍ଡ ଉପରର ଆକାଶଟି ଖୁବ୍ ବେଗରେ ଖସସି ଆସୁଚି କି ତା' ଆଡକୁ ! ପାଦତଳର ମାଟି ତା'ଆଡୁ ଖସିଯାଉଚି କି ତଳକୁ ତଳକୁ ! ଏବେ ତା'ର ଆଉ କିଛି ମନେ ପଡୁନଥିଲା। ମନେପଡୁ ନଥିଲା ସେ କିଏ ? କ'ଣ ତା'ର ପରିଚୟ ? ସେ ଆସିଛି କେଉଁଠୁ ? ଯିବ ବି କୁଆଡେ ?

ବିକଳରେ ଦୁଇ ଆଖିକୁ ଦୁଇ ପାପୁଲିରେ ମକଚି ପକାଇଲା ଚକ୍ରଧର।

ଆଖି ସାମ୍ନାରେ ସେଇ ମୁହୂର୍ତ୍ତରେ ଅଭିନୀତ ହେଉଥିବା ଏ ଅତିନ୍ଦ୍ରୀୟ ଦୃଶ୍ୟ ବାସ୍ତବ ନା ମୁଠାଏ ମରୀଚିକା ? ପରେ ପରେ ପରମ ତୃପ୍ତି କି ସୀମାହୀନ ଆନନ୍ଦ, ନାହିଁ ନଥିବା ଆଶଙ୍କା କି ସଂଜ୍ଞାହୀନ ଦୁଃଖଟେ ସହସା ଆକ୍ରାନ୍ତ କରିପକାଇଲା ତା' ଉଦ୍‌ଭ୍ରାନ୍ତ ମସ୍ତିଷ୍କକୁ। ଅଥଳତଳ ବିସ୍ତୀର୍ଣ୍ଣ ପାଣିର ପିଠି ଉପରେ ଭାସି ଯାଉଥିବା ଏକ କ୍ଷୁଦ୍ର ଡଙ୍ଗା ଭିତରେ କ୍ଷୁଦ୍ରାତିକ୍ଷୁଦ୍ର ଜୀବଟିଏ ପରି ସେ ଭାସି ଯାଉଥିଲା ଏକ ଅଜଣା ଠିକଣାକୁ। ବଡ ଅଜବ, ବଡ ଅବର୍ଣ୍ଣନୀୟ ସେ ଗତି। ସେ ଗତିରେ ନାହିଁ କୌଣସି ନିର୍ଦ୍ଦିଷ୍ଟତା, ନାହିଁ କୌଣସି ଲକ୍ଷ କି ଅଭିଳାଷ। ସାରା ଜୀବନ କେବଳ ଭାସିବା ଏବଂ ଭାସି ଏକ ଲକ୍ଷହୀନ, ଅଜ୍ଞାତ ପଥରେ ଅଗ୍ରସର ହେବା ହିଁ ବୋଧେ ସେ ଗତିର ଏକମାତ୍ର ଲକ୍ଷ !

*କ୍ରମଶଃ...*

## ବିଶେଷ କବିତା



**ସୁରେନ୍ଦ୍ର ପାଣିଗ୍ରାହୀ**

### ଗଙ୍ଗାଜଳ

ଦୂରରୁ ଗଙ୍ଗା ମୋତେ ଦିଶୁଥିଲା
ଶ୍ୟାମଳୀ ସୁନ୍ଦରୀଟେ ଭଳି
ପାଖକୁ ଯାଇ ତାକୁ ଛୁଇଁଲି
ସେ କେବଳ କାନ୍ଦୁଥିଲା ଲହରେଇ
ବୋହି ନପାରି ତା'ଦେହରେ
ସାରା ସଂସାରର କଳୁଷ କାଳିମା।

### ପାପ

ଅମାନିଆ ଆଖିମୋର ଲାଖିଥିଲା
ଗଙ୍ଗାରେ ଗାଧୋଉଥିବା ବିଦେଶିନୀର
ଶଙ୍ଖ ମଳମଳ ସ୍ତନ ଓ ନିତମ୍ବରେ
କିଛିକ୍ଷଣ ଆଗରୁ ମୁଁ ଗାଧୋଇ ସାରି
ଗୋଟେ ପତ୍ରଠୋଲାରେ ଫୁଲ, ଦୀପ
ଧୂପ ଓ ଚନ୍ଦନ ଦେଇ ଗଙ୍ଗାପାଣିରେ
ଭସେଇ ଦେଇଥିଲି ମୁଁ ଅର୍ଜିଥିବା
ଅତୀତର ପାପ
ଏବେ ମୁଁ ନିଷ୍ପାପ।

### ସୂର୍ଯ୍ୟାସ୍ତ

ଗୋଟେ କାବ୍ୟନାୟିକା ଭଳି
ଲଛମନ ଝୁଲାତଳେ ଶୋଇଥିବା
ଗଙ୍ଗାକୂଳରେ ପାହାଡ ଉପରେ ଥାକ ଥାକ
ଜଙ୍ଗଲୀ ଗଛ ଗହଳରେ / କିଛି ସମୟ ଆଗରୁ
ଲୁଚକାଳି ଖେଳୁଥିଲା ଧଳା ବଗଟିଏ,
ସୁନେଲି କିରଣ ବିଞ୍ଚିଦେଇ / ଚକ୍‌ମକ୍ ହେଇ
ପାଣି ଝାଡିଲା ଦେହରୁ / ହଠାତ୍ ଆକାଶରୁ
ଉଭେଇଗଲା କେଉଁଆଡ଼େ / ଡୁବ୍‌କିମାରି
କାଚଭଳି ଚକ୍‌ମକ୍ କରୁଥିବା
ଗଙ୍ଗାର ପାଣିରେ।

### ତାରା

ଶୀତ ସଞ୍ଜର କଳା ଚାଦରଟିଏ ଘୋଡ଼ି
ହେଇଥିବା ପାହାଡୀ ବସ୍ତିରେ
ଖଞ୍ଜା ହେଇଥିଲା ଡିବିରି ଆଲୁଅର ତାର
କିଛି ଜୁଳୁଜୁଳିଆ ପୋକଙ୍କର
ଜଙ୍ଗଲ ପହରା / ହାତପାଆନ୍ତାରେ ଥିବ
ତାରାସବୁ ଆକାଶର
ସାମିଆନା ତଳେ ଦିଶୁଥିଲେ
'ଏକସ୍ୟୈବ ବହୁଷ୍ୟାମଃ' ପରି।

### ଦୁଃଖ

ଅତୀତର ସମସ୍ତ ପାଉଣା ତୁଟେଇ
ଦେଇ
ପାହାଡ ଉପରର ମନସାଦେବୀଙ୍କୁ
ପତ୍ନୀ ମାଗିଲେ ମୋର ପ୍ରମୋସନ
ମା'ମାଗିଲେ ବାପାଙ୍କର ଶରୀର କୁଶଳ
ମୁଁ ମାଗିଲି କିଛି ପାପ
ଆଉଥରେ ଜନନୀର ଜଠରେ ଶୟନ
ଆଉକିଛି ଦୁଃଖ, ଜରା, କାମନା,
ମରଣ....

*ରାଜଭାଷା ଅଧିକାରୀ, ଦି ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍ସ କଂ.ଲିଃ,*
*ଭୁବନେଶ୍ୱର-୭୫୧୦୦୭*
*ମୋବାଇଲ-୯୪୩୭୨୮୨୯୮୪*

## କୁନାବାପାଙ୍କ କୁନିକଥା ୧୭



**ର**ବିବାରିଆ ମଧ୍ୟାହ୍ନ ଭୋଜନ ସାରି ଆରାମ ଚଉକିରେ ବସି ଟିକେ ଘୁମେଇ ପଡିଥିଲେ କୁନାବାପା। ସାନଭାଇର ଡାକରେ ଛାଇନିଦଟା ଭାଙ୍ଗିଗଲା। କୁନାକକା କହିଲେ, ଭାଇନା, ଗୋଟେ ମସ୍ତବଡ ଦୁର୍ଘଟଣାର ଖବର ସୋସିଆଲ ମିଡିଆରେ ଆସଛି, ସତ କି ମିଛ ଟିକେ ବୁଝିଲ। କୁନାବାପା ଟିଭି ଖୋଲି ଦେଖିଲେ, କଟକ ରୋଡ ଠାରେ ନିର୍ମାଣାଧୀନ ଫ୍ଲାଏ ଓଭରର ସଦ୍ୟ ଯୋଡାଯାଇଥିବା ଅଂଶଟି ଭୁଶୁଡି ପଡିଛି, ଆହତମାନଙ୍କୁ ଡାକ୍ତରଖାନା ବୁହା ହେଉଛି ଆମ୍ବୁଲାନ୍ସରେ ଆଉ ଦମକଳ ସହ ଓଡ୍ରାଫ୍ ଟିମ୍ ମିଶି ଉଦ୍ଧାର କାର୍ଯ୍ୟରେ ବ୍ୟସ୍ତ। ଭାରି ଜିନିଷ ସବୁ ଉଠେଇବା ପାଇଁ ବଡ କ୍ରେନ୍ ସହ ମିଶି ପାଣି ଢାଳି କଂକ୍ରିଟକୁ ନରମ ରଖିବାର ପ୍ରଚେଷ୍ଟାରେ ଲାଗିଥାନ୍ତି ଦମକଳ ବାହିନୀ। ଖବର ପ୍ରସାରଣ କରୁଥିବା ଚାନେଲ ଗୁଡିକ ତାଙ୍କ ଚିତ୍ରକୁ ପ୍ରଥମ ବୋଲି ଲେଖିବା ସହ ବିଭିନ୍ନ ଚାନେଲର ଖବର ମଧ୍ୟ ଅଲଗା ଆସୁଥାଏ। ତେବେ ସଂଧ୍ୟା ସୁଦ୍ଧା ଜଣକର ମୃତ୍ୟୁ ଓ ଦଶରୁ ଊର୍ଦ୍ଧ୍ୱ ଆହତ କ୍ୟାପିଟାଲ ହସ୍ପିଟାଲରେ ଚିକିସାଧୀନ ଥିଲେ, ତେଣୁ ମାଡି ଆସିଲେ ମୁଖ୍ୟମନ୍ତ୍ରୀ। ଦି ଫୁଟ ଦୂରରୁ ସବୁ ଆହତଙ୍କୁ ଦେଖିଲେ, ହେଲେ କ'ଣ ପଚାରିଲେ ଓ କ'ଣ ଉତ୍ତର ପାଇଲେ ଜଣାପଡିଲାନି। କାରଣ, ମୁଖ୍ୟମନ୍ତ୍ରୀ ଓଡ଼ିଆରେ କହନ୍ତିନି ଓ ପୀଡିତମାନେ ମାତୃଭାଷା ଓଡ଼ିଆ ବ୍ୟତୀତ କିଛି ଜାଣନ୍ତିନି। ଆଉ ଯେତେବେଳେ ମୃତାହତଙ୍କୁ ସମବେଦନା ଜଣାଇଲେ, ତା'ବି ପୁଣି ଇଂରାଜୀ ଲେଖା ଚିଠାରୁ ପଢ଼ିଲେ ମିଡିଆର କ୍ୟାମେରା ଆଗରେ। ତାକୁନେଇ ରାଜନୀତି ପୁଣି ସରଗରମ ହେଲା ଆଉ ଭିନ୍ନମୋଡ ନେଲା। ଦୁଇଜଣ କର୍ମଚାରୀଙ୍କୁ ନିଲମ୍ବନ ଆଦେଶ ମିଳିଲା। ଗୋଟେ କମିଟି ବସିବ ଘଟଣାର ତଦନ୍ତ ପାଇଁ, ତା'ବି ଘୋଷଣା ହେଲା। ହେଲେ ଏସବୁ ଭିତରେ ଯାହା ସମସ୍ତଙ୍କ ମନକୁ ଆନ୍ଦୋଳିତ କରୁଥିଲା, ସେ ହେଉଛି, ମୃତକଙ୍କ ଆଠ ବର୍ଷର ଆହତ ଝିଅଟି। ଯେ ବାରମ୍ବାର ନିଜ ବେଡ୍ ପାଖରେ ବାପାଙ୍କ ଉପସ୍ଥିତି ଖୋଜୁଥିଲା, ମାଆଙ୍କ ଆଗରେ। କ'ଣ କହି ବୁଝେଇବା ତାକୁ।

ରାତିରେ ସେଜ ପାଖ ଚେୟାରରେ ବସି କିଛି ଭାବୁଥିବା ବେଳେ କୁନାବୋଉ ବଡ ଅଖାଡୁଆ ପ୍ରଶ୍ନକଲେ କୁନାବାପାଙ୍କୁ। କୁନା ଶୋଇ ପଡିଥିଲା। କୁନା ମୁଣ୍ଡରେ ହାତ ବୁଲେଇଦେଇ କୁନାବୋଉ କହିଲେ, ହେଇ ଶୁଣ, ତୁମକୁ ମୋ ରାଣ, ଯେତେ କାମ ଥାଉପଛେ, ଜମା ସେ ଓଭରବ୍ରିଜ୍ ଗୁଡା ତଳେ ଯିବନି ଟି। ଏଇ ଲାଭଖୋର, ଲମ୍ପଟଗୁଡା ଲୁହାଛଡ ଆଉ ସିମେଣ୍ଟ କଂକ୍ରିଟରେ ବ୍ରିଜ୍ ତିଆରି ନକରି ବୋଧେ ରଙ୍ଗମରା ବାଉଁଶ ଆଉ କମ୍ ସିମେଣ୍ଟ ଅଧିକ ବାଲି ଦେଇ ତିଆରି କରୁଛନ୍ତି ଯେ, ଶହେ ବର୍ଷର ଭାଲିଡିଟି ବାଲା ବ୍ରିଜ୍‌ଗୁଡା କିଛି ବର୍ଷରେ ଧସି ଯାଉଛି। ଆଉ ଏବେତ ଘୋର କଳିକାଳ, କାମ ଆରମ୍ଭରୁ ଭୁଶୁଡି ପଡୁଛି। ଏମାନଙ୍କୁ କେମିତି ଧର୍ମ ସହୁଛି କେଜାଣି ? କୁନାବାପା କହିଲେ, ରାତି ବହୁତ ହେଲାଣି, ଶୋଇପଡ, କାଲି କଥାହେବା। ହେଲେ ନିଦ ଆସୁନଥାଏ ତାଙ୍କୁ। ଭାବୁଥାନ୍ତି ଦୋଷ କାହାର ? ଠିକା ନେଇଥିବା ବିଲ୍ଡରର, ଠିକା କାମ ଠିକରେ ଚାଲିଛି କି ନାହିଁ ଦେଖିବାକୁ ଥିବା କର୍ମଚାରୀଙ୍କର, କାମ କରୁଥିବା ଶ୍ରମିକ ମାନଙ୍କର ନା କାମ ଦେଇଥିବା ସରକାରଙ୍କର। ଏଠି କେବଳ ଶ୍ରମିକଙ୍କୁ ଛାଡ଼ି ଅନ୍ୟ ସମସ୍ତେ ପରସେଣ୍ଟେଜ ପାଇବାର ଦାବିଦାର ହୋଇପାରନ୍ତି। ତେବେ ଦୁନିଆରେ ହେଉଥିବା ସବୁ ଦୁର୍ଘଟଣା ପଛରେ ପର୍ସେଣ୍ଟେଜ ନଥାଏ, କିନ୍ତୁ ସର୍ପେଣ୍ଟେଜ କାରବାର ଯେଉଁଠି ଥାଏ, ଦୁର୍ଘଟଣା ଅବଶ୍ୟମ୍ଭାବୀ। ତେବେ ଯଦି ଏଠି ସମ୍ପୃକ୍ତ ବ୍ୟକ୍ତିଙ୍କ ଭିତରୁ କେହି ମୃତାହତ ହୋଇଥାନ୍ତେ, ବା ତାଙ୍କ ପ୍ରିୟଜନ କେହି ମୃତାହତ ହୋଇଥାନ୍ତେ, ତେବେ ?

ସର୍ବେ ଭବନ୍ତୁ ସୁଖୀନଃ।

**- ଶାରଦା ପ୍ରସାଦ ମହାପାତ୍ର**
*ଦୂରଭାଷ : ୯୭୭୮୭୬୭୩୭୪*

## ଏହିପରି ବୋଧେ ଜୀଇବାକୁ ପଡ଼େ

**ଅକ୍ଷୟ କୁମାର ରାଉତ**

**ଆ**ଶା ଆଉ ନିରାଶାର ଜୀବନର ନଈ
କେବେଫୁଲ କେବେଶବ ସୁଖଦୁଃଖ ନେଇ
ନିତି ନିତି ଯାଏ ବହି
କେତେ ରୋଗ ରାଗିଣୀର କେତେ କାହାଣୀର
ସମୟର ମହାସ୍ରୋତ ଛୁଟେ ନିରନ୍ତର
ଦୁଇକୂଳ ଛୁଇଁ ଛୁଇଁ।

ଏ ପାଖରେ ଥାଏ କୁହୁ ସେ ପାଖରେ କୋହ
ଏ ପାଖରେ କେବେ ପୁଣି ନିଘୋଡ଼ ଅନ୍ଧାର
ସେ ପାଖ ଆଲୋକମୟ
କିଏ ଆସେ କିଏ ଯାଏ ଆତଯାତ ଏଇ
ଦୁଇକୂଳ ଦୁନିଆରେ ହଜିଯାଏ କେତେ
ଛୋଟ ବଡ଼ ପରିଚୟ।

ମୁଁ ଯେ ତା'ର ଛୋଟ ଏକ ଅଧିର ତରଙ୍ଗ
ସୀମାହୀନ ବେଳା ପରେ ଖେଳି ମୁଁ କ୍ଷଣିକ
ନଥିବି ମୁଁ କାଲି ପାଇଁ
ବେପଥୁର ବିଜନରେ ଜାଣି ଅଜଣାରେ
ତେବେ କିଆଁ ଏତେ ବେଶୀ ଅନାଗତ ପାଇଁ
ଜଳୁଅଛି ନିଆଁ ହୋଇ।

ଆଜି ଯେଉଁ ପଦଚିହ୍ନ ପଡ଼ିଅଛି ମୋର
ଧୂଳି ଧରଣୀରେ କାଲି ଲିଭି ଯାଇଥିବ
ନଥିବ ଗୋ ଅବଶେଷ
ଆଜି ଯେତେ ରାଜକୀୟ ଶୋଷ ଅବସୋସ
ମୋ ବିଦାୟ ପରେ ପରେ ହଜିଯାଇଥିବ
ସେ ସବୁର ଇତିହାସ।

ଛାଡ଼ି ମୋର ମରୁଭୂଇଁ ଆଖି ଜଳମୟ
ତଥାପି ମୁଁ ଶିଡି ଗଢ଼େ ସରଗର ପାଇଁ
ସପନର ସୁନାଘରେ
ଏହିପରି ବୋଧେ ଏଠି ମରଣ ଆଡ଼େଇ
ଦେଉପଛେ ନିମିଷକ ଜୀଇବାକୁ ପଡ଼େ
ମିଛ ସତ ଅଗଣାରେ।

*ସା./ପୋ.ଅ.-ପାରାଦୀପଗଡ଼*
*ଭାୟା-କୁଜଙ୍ଗ, ଜିଲ୍ଲା-ଜଗତସିଂହପୁର*
*ମୋ-୯୯୩୭୬୯୧୪୭୫*

## ସବୁ ପରେ ବି ତୁମେ

**ରନିତା ସ୍ୱାଇଁ**



**ଅ**ଦିନିଆ ବର୍ଷା ଟା କୋଉଠି ଥିଲା କେଜାଣି.... ଅଜାଡି ହୋଇ ପଡିଥିଲା ଧରା ଉପରେ। ସତେ ଯେମିତି ପୃଥିବୀର ଅଭିମାନ ଭାଙ୍ଗିବାକୁ ଆକାଶର ପ୍ରୟାସ। ରାତି ଘନେଇ ଆସୁଥିଲା... ଚାରିଆଡେ ଅନ୍ଧାର। ବିଜୁଳି ଚମକରେ ଦିଶି ଯାଉଥିଲା... ଧରଣୀ ରାଣୀର ଶୀହରିତ ଶରୀର...। ଘଡଘଡି ନାଦରେ... କମ୍ପି ଉଠୁଥିଲା ପୃଥିବୀର ରାଣୀ... ସତରେ ସତେ ଯେମିତି ଲାଗୁଥିଲା ଉଭୟେ ଆକାଶ ଆଉ ଧରା ହଜି ଯାଇଥିଲେ ସେଇ ମହାମିଳନ ପର୍ବରେ। ଝରକାରୁ... ବର୍ଷା ଛିଟାରେ ଚମକି ପଡିଥିଲା ଝରଣା। କେତେବେଳେ ଯେ ସେ ସମ୍ପୂର୍ଣ୍ଣ ଭିଜି ଯାଇଥିଲା ଜାଣି ପାରି ନଥିଲା...। ଅନ୍ୟମନସ୍କ ଝରଣା... ହେଲେ କାହିଁକି... ? ଏମିତି ଯେତେଥର ଅଦିନିଆ ବରଷା ହୁଏ ଝରଣା ଅନ୍ୟମନସ୍କ ହୋଇ ଉଠେ। ହରେଇ ବସେ ନିଜର ଅସ୍ତିତ୍ୱ। ଆନମନା ହୋଇଯାଏ ସେ...। ସେଦିନ ବି ଥିଲା ଏମିତି ଏକ ବର୍ଷା ରାତି... ସାରା ସହରଟା ଭିଜୁଥିଲା ଝିପ୍ ଝିପ୍ ବର୍ଷାରେ... ହଠାତ ଫୋନ୍ କରିଥିଲେ ସାଗର... କାଲି ମୋର ଛୁଟି ସରିଯାଉଛି ଝରଣା...। ମୋତେ ଦେଖା କରିବାକୁ ଆସିବନି... କେଜାଣି ପୁଣି କେତେଦିନ ପରେ ଫେରିବି...। କଥା ଭାଙ୍ଗି ପାରିନଥିଲା ଝରଣା...। ଛତାଧରି ହଷ୍ଟେଲରୁ ବାହାରିଥିଲା ଝରଣା...। କିନ୍ତୁ ପବନ...ଟା କେତେବେଳେ ଯେ ଛତାଟିକୁ ଉଡେଇ ନେଇ ଯାଇଥିଲା ଜାଣିପାରି ନଥିଲା... ପ୍ରିୟତମ ସହ ଦେଖା ହେବ। କ'ଣ କହିବ ସେ... ତାଙ୍କୁ। ନିଜକୁ ସମ୍ଭାଳି ପାରିବତ.... ? ଭାବୁ ଭାବୁ ବିଭୋର ହୋଇ ଉଠୁଥିଲା ଝରଣା...। ହସି... ହସି... ଲୋଟି ପଡୁଥିଲା ସେ। କେତେ କ'ଣ ସ୍ୱପ୍ନ ଦେଖିଥିଲା.. ସେ ସାଗରକୁ ନେଇ... ସାଗର ପାଖରେ ପହଞ୍ଚିଲା ବେଳକୁ ସେ ସମ୍ପୂର୍ଣ୍ଣ ଓଦା ହୋଇ ଯାଇଥିଲା...। ଥରି ଉଠୁଥିଲା ସେ, ସାଗରକୁ ଦେଖି ଲାଜେଇ ଯାଇଥିଲା...। ତଳକୁ ଚାହିଁ ସାଗରର ପାଦ ଛୁଇଁଲା ଝରଣା... ସାଗର ତାକୁ ଆଲିଙ୍ଗନ କଲେ... ଆଙ୍କି ଦେଲେ ଅଜସ୍ର ଅଧରର ଚିହ୍ନ...। ଝରଣା ବାରଣ କରିଥିଲା... ହଠାତ୍... ସାଗର ଜାବୁଡି ଧରିଥିଲେ ଝରଣାକୁ। ନିବେଦନ କରିଥିଲେ... ପ୍ରେମ... ଝରଣା ଆଖିରେ ଲୁହର ଅସୁମାରି ସୁଅ...। ନା ନା.. ଏ ପ୍ରେମ ନୁହେଁ ସାଗର... ଆମର ବିବାହ ହୋଇନାହିଁ... ଆଉ ବିବାହ ପୂର୍ବରୁ ଏ ସବୁ .... ପ୍ରେମ ନୁହେଁ ପାପ...। ସାଗର କିନ୍ତୁ ମାନିବାକୁ ନାରାଜ...। ବାରମ୍ବାର କହି ଚାଲିଥିଲେ... ମୁଁ ତୁମକୁ ଭଲ ପାଏ ଝରଣା। ମୁଁ ତୁମକୁ ବିବାହ କରିବି... ତା'ହେଲେ... ଏ ପାପ କେମିତି କୁହ... ଶେଷରେ ଜିତି ଯାଇଥିଲେ ସାଗର... ହାରି ଯାଇଥିଲା... ଝରଣାର ସ୍ୱାଭିମାନ... ଆଖି ଆଗରେ... ଭାଙ୍ଗି ଚୂନା ହେଉଥିଲା ସ୍ୱପ୍ନ ଆଉ ପ୍ରେମ... ଲାଗୁଥିଲା ସତେ ଯେମିତି ସବୁ କିଛି ହରେଇ ବସିଛି ସେ.. ବାହାରେ.. ଝଡ ଥମି ଯାଇଥିଲା.. ହୃଦୟରେ କିନ୍ତୁ ବହୁଥିଲା... ବିଷର ଅବିଶ୍ୱାସର ଝଡ... ପାଦ ତଳୁ ମାଟି ଖସି ଯାଇଥିଲା। ଭଲ ପାଉଥିବା ମଣିଷଟି ବି ଏମିତି ହୋଇପାରେ... ? ଏମିତି କେତେ କ'ଣ ପ୍ରଶ୍ନ ମନକୁ ବିଚଳିତ କରୁଥିଲା। ସାଗର କହିଲେ... ପ୍ଲିଜ୍ ଫର ଗିଭ୍ ମି ଆମ ସରି.. ଝରଣା ଭାବୁଥିଲା କ୍ଷମା ମାଗିବା କେତେ ସହଜ ସତେ... ? ଫେରିଥିଲା ଝରଣା। ତା' ପରଠାରୁ... ଆଉ ସାଗରର ଫୋନ ଉଠେଇ ନଥିଲା...। ଘୃଣା ଆଉ ଅପମାନର ନିଆଁ ଜଳୁଥିଲା ତା' ଭିତରେ। ...କିଛିଦିନ ପରେ ବାପାଙ୍କ କଥାରେ ରାଜି ହୋଇ ବିବାହ କରିଥିଲା ଝରଣା...। ସ୍ୱାମୀଙ୍କୁ ସବୁ ସତ କଥା କହିଥିଲା... ସ୍ୱାମୀ ଜଣେ ଭଲ ମଣିଷ ହୋଇଥିବାରୁ ସ୍ୱୀକାର କରିଥିଲେ ଝରଣାକୁ... କିନ୍ତୁ ସେଇ ମୁହୂର୍ତ୍ତକୁ ସେ କେବେ ବି ଭୁଲିପାରୁ ନଥିଲେ। ନା କ୍ଷମା କରି ପାରୁଥିଲା ସାଗରକୁ। ଅନେକ ଦିନ ବିତି ଯାଇଥିଲା ହଠାତ୍ ଦିନେ ସାଗର ଭେଟ ହୋଇଥିଲେ କଟକରେ। ଝରଣା ମଥାରେ ସିନ୍ଦୁର ଦେଖି ବିଚଳିତ ହୋଇ ପଡିଥିଲେ....। ଏ କ'ଣ ଝରଣା... ତୁମ ମଥାରେ ସିନ୍ଦୁର। କେତେ ଖୋଜିଛି ତୁମକୁ। କାହିଁକି ତୁମେ ଫୋନ୍ ନଂ ବଦଳେଇ ଥିଲ। ଡରି ଡରି ତୁମ ବାପାଙ୍କୁ ଫୋନ୍ କରିଥିଲି... ସେ କହିଲେ ତୁମର ବିବାହ ସରିଛି...।

ସେଦିନରୁ ପାଗଳ ପରି ଖୋଜୁଛି ତୁମକୁ... କାହିଁକି ଏମିତି କଲ... ? କ'ଣ ମୋର ଭଲ ପାଇବାରେ ବିଶ୍ୱାସ ନଥିଲା... ? ଏବେବି ମୁଁ ତମ୍ଭ ଅପେକ୍ଷା....ରେ। ଫେରିଆସ ଝରଣା ତୁମ ବିନା ଏ ସାଗର... ଅସମ୍ପୂର୍ଣ୍ଣ.. ତୁମେ ବିବାହିତ ନା...ତଥାପି... ମୁଁ... ତୁମେ... ମୋର... ସବୁ ପରେ ବି ତମେ କେବଳ ମୋର...। ଝରଣା... କିଛି ନକହି... କ୍ଷିପ୍ର ଗତିରେ ଚାଲିଥିଲା ଆଗକୁ... ଠିଆ ହୋଇ ରହିଥିଲେ ସାଗର... ଚାହିଁ ରହିଥିଲେ ଅପଲକ ନୟନରେ ଝରଣାକୁ...। କୋଉଠି ଥିଲା କେଜାଣି ସେ ଅଦିନିଆ ବର୍ଷା...ଟା ଅଜାଡି ହୋଇ ପଡିଥିଲା... ଝରଣା ଦୁନିଆଁରେ.... ଠିକ୍ ସେ ଦିନ ପରି...। ଗୋଟା ପଣେ ସେ ଭିଜି ଯାଇଥିଲା... ଝରଣା ପୃଷ୍ଠା ପରେ ପୃଷ୍ଠା... ଓଲଟି ଚାଲିଥିଲା... ଜୀବନ ବହିର... ସେବେଠୁ ଏବେଯାଏ କିଏ ଭୂଲ ଥିଲା... ଝରଣା... ନା... ସାଗର... କାହାର ଭଲ ପାଇବା... ଦୃଢ଼ ଥିଲା... ସତରେ... କ'ଣ ସେ ଭୂଲ କରିଛି... ? ଏସବୁର ଉତ୍ତର ଆଉ କ'ଣ ହୋଇପାରେ... ? ମନକୁ ବୁଝେଇ ପାରୁ ନଥିଲା... ଝରଣା... ପାଟିରୁ ବାହାରିଗଲା... ମୋତେ... କ୍ଷମା କର... ସାଗର। ବିଜୁଳି ଚମକରେ... ଦିଶିଗଲା... ସାଗରର ମୁହଁ... ଝରକା.. ସେପଟୁ... ଆଉ ସାଗର କହୁଥିଲେ... କାନ୍ଦନି ପାଗଳୀ... ସବୁ ପରେ ବି ତୁମେ... କେବଳ ତୁମେ...।

*ମୋ : ୯୬୬୮୪୩୪୮୯୪*






# ତ୍ରୁଟିପୂର୍ଣ୍ଣ ଖବର ନେଇ ଟାଇମ୍ସ ଅଫ୍ ଇଣ୍ଡିଆକୁ ପ୍ରେସ୍ କାଉନସିଲର ତାଗିଦ

**ଭୁବନେଶ୍ୱର :** ତ୍ରୁଟିପୂର୍ଣ୍ଣ ଖବର ପ୍ରକାଶକୁ ନେଇ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ଟାଇମ୍ସ ଅଫ୍ ଇଣ୍ଡିଆ ଖବରକାଗଜକୁ ତାଗିଦ୍ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦୧୬ ମସିହା ଜୁଲାଇ ୭ ତାରିଖରେ ଦୈନିକ ଇଂରାଜୀ ଖବରକାଗଜ ଟାଇମ୍ସ ଅଫ୍ ଇଣ୍ଡିଆ (ଭୁବନେଶ୍ୱର ସଂସ୍କରଣ)ରେ ପ୍ରକାଶ ପାଇଥିଲା ଯେ, ମୁମ୍ବାଇ ଅଧିବାସୀ ଓଡ଼ିଆ ବ୍ୟବସାୟୀ ବିପିନ ମିଶ୍ରଙ୍କ କନ୍ୟା ସେଲ୍‌ଭି ମିଶ୍ର ପ୍ରଥମ ଓଡ଼ିଆ ପାଇଲଟ ଭାବେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଏହା ଏକ ଭ୍ରମାତ୍ମକ ଖବର ହୋଇଥିବାରୁ ଏହାକୁ ବିରୋଧ କରି ପ୍ରାକ୍ତନ ଜୁଡିସିଆଲ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ତଥା ଆୟକର ବିଭାଗ ଆପିଲେଟ ଟ୍ରିବ୍ୟୁନାଲର ଅବସରପ୍ରାପ୍ତ ରେଜିଷ୍ଟ୍ରାର ମୁମ୍ବାଇ ନିବାସୀ ନଳିନୀ ଏନ୍ ନାୟକ ଟାଇମ୍ସ ଅଫ୍ ଇଣ୍ଡିଆର ସମ୍ପାଦକଙ୍କୁ ଜଣାଇଥିଲେ। ସେଥିରେ ସେ ଉଲ୍ଲେଖ କରିଥିଲେ ଯେ, ସେଲ୍‌ଭିଙ୍କ ପୂର୍ବରୁ ଗିରିବାଳା ମହାନ୍ତି ପ୍ରଥମ ଓଡ଼ିଆ ପାଇଲଟ୍ ଭାବେ ଘରୋଇ ବିମାନରେ କାର୍ଯ୍ୟ କରିଥିଲେ। ତାଙ୍କ ପରେ ଗୀତାଞ୍ଜଳୀ ନାୟକ ୧୯୯୨ ମସିହାରେ ପାଇଲଟ ହେବାର ଯୋଗ୍ୟତା ହାସଲ କରି ୧୯୯୩ ମସିହାରେ ବ୍ୟବସାୟିକ ବିମାନ କମ୍ପାନୀ ବମ୍ବେ ରାଜ ଆଭିଏସନରେ କାର୍ଯ୍ୟ ଆରମ୍ଭ କରିଥିଲେ। ଉଲ୍ଲେଖଯୋଗ୍ୟ, ଗୀତାଞ୍ଜଳୀଙ୍କ ପାଇଲଟ୍ ହେବା ପଛରେ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ କରହିଛି। ହେଲେ ଟାଇମ୍ସ ଅଫ୍ ଇଣ୍ଡିଆର କର୍ତ୍ତୃପକ୍ଷ ଏକଥାକୁ ଅଣଦେଖା କରିବାରୁ ଏଥିରେ ମର୍ମାହତ ହୋଇ ଶ୍ରୀ ନାୟକ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆର ଦ୍ୱାରସ୍ଥ ହୋଇଥିଲେ। ଗତ ୨୧.୬.୧୭ରେ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ଏହାର ବିଚାର କରିବା ସହ ଏଭଳି ତ୍ରୁଟିପୂର୍ଣ୍ଣ ଖବର ପ୍ରକାଶ କରିଥିବାରୁ ଟାଇମ୍ସ ଅଫ୍ ଇଣ୍ଡିଆକୁ ଭର୍ତ୍ସନା କରିବା ସହିତ ଏନେଇ କ୍ଷମାପ୍ରାର୍ଥନା କରିବାକୁ କହିଥିଲେ। ଏଥିସହିତ ଭବିଷ୍ୟତରେ ଏଭଳି ତ୍ରୁଟିପୂର୍ଣ୍ଣ ଖବର ପ୍ରକାଶ ନକରିବାକୁ ମଧ୍ୟ ସେ ଉକ୍ତ ଖବରକାଗଜକୁ ତାଗିଦ କରିବା ସହ ପିସିଆଇ ଶୁଣାଣିର ଏକକିତା ନକଲ ମଧ୍ୟ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଡିଏଭିପିକୁ ଦେଇଛନ୍ତି। ଏକ ଦାୟିତ୍ୱ ସମ୍ପନ୍ନ ଇଂରାଜୀ ଖବରକାଗଜର ଏତାଦୃଶ ଦାୟିତ୍ୱହୀନତାକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଥିବା ବେଳେ ଶ୍ରୀ ନାୟକ ରାୟ ପାଇଁ ପ୍ରେସ୍ କାଉନ୍‌ସିଲକୁ ସାଧୁବାଦ ଜଣାଇଛନ୍ତି।

# ଅସହାୟ ପୋଲିସ : ନ୍ୟାୟ ପାଇଁ ଧାରଣାରେ ମହିଳା

**ତିର୍ତ୍ତୋଲ :** ଏବେ ପୂଜା ଓ ପାର୍ବଣ ଋତୁ ଆରମ୍ଭ ହୋଇଯାଇଛି। ଚାରିଆଡେ ଗଣେଶ ମେଢ, ଖୁଦୁରୁକୁଣୀ ମେଢ, ଭୋଜିଭାତ ଓ ଶୋଭାଯାତ୍ରା ହେଉଥିଲେ ମଧ୍ୟ ପୋଲିସ ପାଖରେ ଏହାର କୌଣସି ସୂଚନା ନାହିଁ। ଏହାରି ସୁଯୋଗରେ ଗଣ୍ଡଗୋଳ ଓ ଅପରାଧ ଘଟିବା ଯୋଗୁଁ ଥାନା ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ତିର୍ତ୍ତୋଲ ଥାନା ଅଞ୍ଚଳରେ ଘଟୁଥିବା ଛୋଟ ବଡ ଘଟଣା ମଧ୍ୟରୁ ସାଇଲୋ ପଞ୍ଚାୟତର ବେହେରଡା ଗ୍ରାମର ଘଟଣାକୁ ନେଇ ମହିଳା ମାନେ ନ୍ୟାୟ ପାଇବା ପାଇଁ ଥାନା ଆଗରେ ଧାରଣା ଦେଇଛନ୍ତି। ଅସହାୟ ପୋଲିସ ଗ୍ରାମର ଶତାଧିକ ମହିଳାଙ୍କୁ ନ୍ୟାୟ ଦେବାରେ ବିଫଳ ହୋଇଥିବା ଜଣାପଡିଛି। ତିର୍ତ୍ତୋଲ ଥାନାର ଦକ୍ଷ ପୋଲିସ ଗାଁରେ ଗଣ୍ଡଗୋଳ କରୁଥିବା ଜଣେ ଯୁବକକୁ ଧରିବା ପାଇଁ ମୋବାଇଲ ଟ୍ରାକିଂର ସହାୟତା ନେଉଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଯେ ଗତ ୧୦ ତାରିଖ ରାତିରେ ବେହେରଡା ଗ୍ରାମର ଜନୈକ ବିବାହିତ ଝିଅ ଏବଂ ଯୁବତୀମାନେ ଖୁଦୁରୁକୁଣୀ ପୂଜା ସାରି ଭୋଜି କରୁଥିଲେ। ଏହି ସମୟରେ ସେହି ଗ୍ରାମର ଅଖିଳ ଦାସ(ଗାଣ୍ଡୁଆ) ଘଟଣା ସ୍ଥଳରେ ପହଞ୍ଚି ଖାଦ୍ୟ ସାମଗ୍ରୀ ଫିଙ୍ଗିଦେବା ସହ ଅଶାଳୀନ ଭାଷାରେ ଗାଳି କରିଥିଲା। ଉପସ୍ଥିତ ଥିବା ଶତାଧିକ ମହିଳା ଏବଂ ଝିଅମାନେ ଭୟଭୀତ ହୋଇ ଘରକୁ ଦୌଡି ପଳାଇଥିଲେ। ଗାଁର ମୁରବୀ ଉକ୍ତ ଯୁବକ ଏଭଳି ଘଟଣା ଘଟାଇବା ସଂପର୍କରେ ପଚାରିବା ପାଇଁ ଅଭିଯୁକ୍ତ ଘର ନିକଟରେ



ପହଞ୍ଚିଥିଲେ। ଗ୍ରାମର ମୁରବୀ ଲୋକ ଆସିବା ଜାଣି ଯୁବକ ଜଣକ ଫେରାର ହୋଇଯାଇଥିଲା। ଘଟଣା ସଂପର୍କରେ ଗାଁର ମହିଳାମାନେ ୧୧ ତାରିଖ ଭୋର ୪ଟାରେ ତିର୍ତ୍ତୋଲ ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ହେବାର ୪ ଦିନ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଦ୍ୱାରା ଏହି ଉନ୍ମତ୍ତ ଯୁବକ ଉତ୍ସାହିତ ହୋଇ ଗାଁରେ ମାରଣାସ୍ତ୍ର ଧରି ଅଶାଳୀନ ଭାଷାରେ ମହିଳାମାନଙ୍କୁ ଗାଳି କରୁଥିବାରୁ ମହିଳାମାନେ ପୁଣି ଥାନାରେ ନ୍ୟାୟ ପାଇଁ ଧାରଣା ଦେଇଥିବା ଦେଖିବାକୁ ମିଳିଥିଲା। ରିପୋର୍ଟ ଲେଖାହେବା ବେଳକୁ ବେହେରଡା ଗ୍ରାମର ଡେଜାଲିନ ସ୍ୱାଇଁ, ନିରୁପମା ଦାସ, ସଂଯୁକ୍ତା ଦାସ, ଟୁନି ସ୍ୱାଇଁ, ପୁଷ୍ପଲତା ସ୍ୱାଇଁ, ଗାୟତ୍ରି ସ୍ୱାଇଁ, ଲକ୍ଷ୍ମୀପ୍ରୀୟା ଦାସ, ସରସ୍ୱତୀ ଦାସ, ବାସନ୍ତି ଦାସ, ଲତିକା ଦାସ, ରୀତାଞ୍ଜଳୀ ଦାସ, କଲ୍ୟାଣୀ ସ୍ୱାଇଁ, ମମତା ମହାନ୍ତି, ଦ୍ରୌପଦୀ ସ୍ୱାଇଁଙ୍କ ସମେତ ଶତାଧିକ ମହିଳା ଥାନା ପରିସରରେ ଧାରଣାରେ ବସିରହିଥିଲେ। ଏ ସଂପର୍କରେ ତିର୍ତ୍ତୋଲ ଥାନା ଅଧିକାରୀ ବଳରାମ ନାୟକଙ୍କୁ ପଚାରିବାରେ ଆସାମୀ ଧରାପଡିନାହିଁ ଏବଂ ଆସାମୀ ଧରା ନପଡିବା ଯାଏ ମହିଳାମାନେ ଥାନାରେ ବସି ରହିବେ ବୋଲି ପ୍ରକାଶ କରିଛନ୍ତି। ୧୧ ତାରିଖରୁ ଦିଆଯାଇଥିବା ଏଫ୍‌ଆଇଆର୍ ଏଣ୍ଟ୍ରି ହୋଇପାରିନାହିଁ ବୋଲି ପ୍ରକାଶ କରିଛନ୍ତି।ଏହି ଥାନା ଅନ୍ତର୍ଗତ କୋଷ୍ଠିମଲିକାପୁର ପଞ୍ଚାୟତର ବାଖରପୁର ଗ୍ରାମରେ ଗତ ଅଗଷ୍ଟ ୨୨ ତାରିଖରେ ସେହି ଗ୍ରାମର ରୋଜିନା ମଲିକା ସ୍ୱାମୀ ସ୍ୱର୍ଗତ ରମେଶ ମଲିକଙ୍କୁ ସେହି ଗ୍ରାମର ଗୌର ପଣ୍ଡା ଦିନ ୧୨ଟା ସମୟରେ ଘରେ ଏକାକି ଥିବା ବେଳେ ଦୁର୍ବ୍ୟବହାର କରିଥିଲେ। ଏଥିନେଇ ତିର୍ତ୍ତୋଲ ଥାନାରେ ଅଗଷ୍ଟ ୨୨ ତାରିଖରେ ଅଭିଯୋଗ କରାଯାଇଥିଲା। ତିର୍ତ୍ତୋଲ ଥାନାରେ ଏହି ଅଭିଯୋଗକୁ ଭିତି କର ୧୦ ଦିନ ପରେ ଥାନା ଏଫ୍ ଆଇ ଆର୍ ନଂ ୨୮୯ ଏବଂ ଡାଇରୀ ନଂ ୧୫୪୨ ତା ୦୨/୦୯/୧୭ ରିଖରେ ଗ୍ରହଣ କରାଗଲା। ଅଭିଯୁକ୍ତ ଗୌର ପଣ୍ଡା ଏବେ ପୋଲିସର କୌଣସି କାର୍ଯ୍ୟାନୁଷ୍ଠାନ ନହେବା ଯୋଗୁଁ ଉତ୍ସାହିତ ହୋଇ ଅଧିକ ଅପରାଧ କରିବା ପାଇଁ ଚେଷ୍ଟା ଚଳାଉଥିବା ବେଳେ ପୋଲିସ ଚୁପ ହୋଇ ବସି ରହିଛି। ଅପରପକ୍ଷରେ ରୋଜିନା ଥାନାରୁ ଉଚିତ ନ୍ୟାୟ ନପାଇ ହତାଶ ହୋଇ ପଡିଥିବା ଜଣାପଡିଛି। ଉଚ୍ଚ କର୍ତ୍ତୃପକ୍ଷ ତିର୍ତ୍ତୋଲ ଥାନାରେ ଥିବା ଏଭଳି ଅନେକ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ପ୍ରବଳ ଦାବି ହେଉଛି।

# 'କ୍ରୀଷ୍ଟା ଆଚାର୍ଯ୍ୟ ସମ୍ମାନ-୨୦୧୭' ଏକ ଅନନ୍ୟ ପରମ୍ପରା

**ଭୁବନେଶ୍ୱର :** କାଳର ଗତିରେ ବର୍ତ୍ତମାନ ମୂଲ୍ୟବୋଧର ଅବକ୍ଷୟ ଘଟିଛି। ଜାତିର ଜୟଗାଥାର ମୂଳପିଣ୍ଡ ହେଉଛି ଜୀବନ। ଜୀବନକୁ ଶୃଙ୍ଖଳିତ, ଶାଣିତ କରିଥାନ୍ତି ଶିକ୍ଷକମାନେ। ଜୀବନ ସୌଧର ମୂଳଭିତ୍ତି ଶିକ୍ଷାଳୟରେ ହିଁ ପଡିଥାଏ। ଆଉ ଏହି ଜୀବନ ନିର୍ମାଣ ନାଆର ମଙ୍ଗ ଧରିଥାଆନ୍ତି ଶିକ୍ଷକ। ଶିକ୍ଷାୟତନକୁ ସତ୍ୟ, ଶିବ ଓ ସୁନ୍ଦର କରିବାରେ ଶିକ୍ଷକମାନେ ନିଜର ଜୀବନକୁ ଉତ୍ସର୍ଗ କରିଥାନ୍ତି। ଏହି ବିରଳ ଆତ୍ମତ୍ୟାଗୀ ମାନଙ୍କୁ ଚିର ଜାଜ୍ୱଲ୍ୟମାନ ପ୍ରଦୀପ ରୂପେ ସମାଜରେ ସମ୍ମାନିତ କରିବା ପାଇଁ 'ଶ୍ରୀ କ୍ରୀଷ୍ଟା ଇଣ୍ଟରନ୍ୟାସନାଲ' ସ୍କୁଲ ଏକ କ୍ରାନ୍ତିକାରୀ ପଦକ୍ଷେପ ନେଇଛି। ଶିକ୍ଷକମାନଙ୍କ ମର୍ଯ୍ୟାଦା ବୃଦ୍ଧି କରିବା ପାଇଁ ଏହି ବିଦ୍ୟାଳୟ ସୃଷ୍ଟି କରିଛି ଏକ ଅନନ୍ୟ ପରମ୍ପରା। ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଦ୍ୟାଳୟର ଡାଇରେକ୍ଟର ଆଚାର୍ଯ୍ୟ ସ୍ୱରୂପାନନ୍ଦ ମିଶ୍ର ଓ ଦେବାଶିଶ ମହାନ୍ତି। ବିଦ୍ୟାଳୟର ଅଧ୍ୟକ୍ଷା ସ୍ମୃତିରେଖା ଷଡଙ୍ଗୀ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ଯୋଗଦେଇଥିଲେ ପୂର୍ବତନ ଭାଇସ୍ ଚାନ୍‌ସିଲର ଡଃ ବିମଳେନ୍ଦୁ ମହାନ୍ତି, ଅବରସ୍ରାପ୍ତ ପ୍ରଶାସକ ଡ ପ୍ରଶାନ୍ତ କୁମାର ପ୍ରଧାନ, କେନ୍ଦ୍ରୀୟ ବିଦ୍ୟାଳୟ



ସଂଗଠନର ଆସିଷ୍ଟାଣ୍ଟ କମିଶନର ଡଃ ଦୁଃଶାସନ ଓଜା, ପରମତ୍ୟାଗୀ ସ୍ୱାମୀ ବୈରାଗୀ ନନ୍ଦ, ଅବସରପ୍ରାପ୍ତ ଶିକ୍ଷକ ତଥା ସମାଜସେବୀ ଜଲିଲ୍ ଖାନ୍, ନାଲ୍‌କୋର ଜେନେରାଲ ମ୍ୟାନେଜର ଜୀବନ ମହାପାତ୍ର ଏବଂ ବିଦ୍ୟାଳୟର ଚେୟାରମ୍ୟାନ୍ ପବିତ୍ର ରାଉତରାଏ। ସମାଜର ଉନ୍ନତି ଓ କଲ୍ୟାଣ ପାଇଁ ଶିକ୍ଷକମାନଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ ଡଃ ବିମଳେନ୍ଦୁ ମହାନ୍ତି। ଡଃ ଓଝା ତାଙ୍କ ବକ୍ତବ୍ୟରେ ସମାଜର ପରିବର୍ତ୍ତନ କେବଳ ଶିକ୍ଷକମାନଙ୍କ ହାତରେ ହୋଇପାରିବ ବୋଲି ଉଲ୍ଲେଖ କରିଥିଲେ। କ୍ରୀଷ୍ଟା ଆଚାର୍ଯ୍ୟ ସମ୍ମାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଚେୟାରମ୍ୟାନ୍ ପବିତ୍ର ରାଉତରାଏ ରେଖାପାତ କରିଥିଲେ। ଏହି ଅବସରରେ ଉପସ୍ଥିତ ପ୍ରାୟ ୫୨ଜଣ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଉପାଧ୍ୟକ୍ଷ ଆଚାର୍ଯ୍ୟ କବୀନ୍ଦ୍ର ଦାଶ ଶିକ୍ଷକମାନଙ୍କ ମଙ୍ଗଳକାମନା କରି ଧନ୍ୟବାଦ ଅର୍ପଣ କରିଥିଲେ।

# ସିଡିପିଓଙ୍କ ଛତୁଆ ବେପାର

## ଜିଲ୍ଲାପାଳଙ୍କ ତଦନ୍ତ ନିର୍ଦ୍ଦେଶ

**ରାୟଗଡ଼ା :** ରାୟଗଡା ଛତୁଆ ବେପାର କରୁଛନ୍ତି ସିଡିପିଓ ଏବଂ ସୁପରଭାଇଜର । ଏଥିପାଇଁ ଛତୁଆ ଯୋଗାଣରୁ ବାଦ ପଡୁଥିବା ଏସଏଚଜିର ସଦସ୍ୟାଙ୍କୁ ପଠାଇ ପ୍ରଶାସନ ଉପରେ ଚାପ ପ୍ରୟୋଗ କରୁଛନ୍ତି । ଏହି ବେଆଇନ୍ କାରବାରରେ ସଂପୃକ୍ତ କର୍ମଚାରୀଙ୍କୁ ଛାବ କରି ପୁଲିସ ଜିମାରେ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ରାୟଗଡା ଜିଲ୍ଲାପାଳ। ରାୟଗଡା ଜିଲ୍ଲାରେ ଅଂଗନୱାଡି କେନ୍ଦ୍ରକୁ ଛତୁଆ ଯୋଗାଣରେ ଶିଶୁ ବିକାଶ ଯୋଜନାର କିଛି ଆଧିକାରୀଙ୍କ ସଂପୃକ୍ତି ନେଇ ଜିଲ୍ଲାପାଳ ଗୁହାପୁନମ ତାପସ କୁମାର ସନ୍ଦେହ ବ୍ୟକ୍ତ କରିଛନ୍ତି । ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରକଳ୍ପ କାର୍ଯ୍ୟାଳୟର କିଛି ଅଧିକାରୀ ଓକର୍ମଚାରୀ ଛତୁଆ ଯୋଗାଣ ପାଇଁ ବାହାର କରାଯାଇଥିବା ସ୍ୱୟଂ ସହାୟକ, ଦଳକୁ ଉସୁକାଇ ବାରମ୍ୱାର ଜିଲ୍ଲାପାଳଙ୍କ କାର୍ଯ୍ୟାଳ୍ୟକୁ ପଠାଇ ଚାପ ସୃଷ୍ଟି କରୁଥିବାରୁ ଆଜି ଜିଲ୍ଲାପାଳ ବିରକ୍ତି ପ୍ରକାଶ କରିଥିଲେ । ସ୍ୱୟଂ ସହାୟକ ଦଳ ଓ ଶିଶୁ ପ୍ରକଳ୍ପ ଅଧିକାରୀଙ୍କ ମଧୁ ଚନ୍ଦ୍ରିକାରେ ଛତୁଆ ବେପାର ଚାଲିଥିବା ତାଙ୍କ ନିକଟରୁ ଅଭିଯୋଗ ଆସିଥିବା ସଂପର୍କରେ ଜିଲ୍ଲାପାଳ ଗୁହାପୁନମ ଦୋହରାଇଥିଲେ। ବିଶେଷ କରି କାଶିପୁର ଓ ପଦ୍ମପୁର ବ୍ଲକ ସମେତ ଅନ୍ୟ ଅଂଚଳରେ ମଧ୍ୟ ଛତୁଆ ଯୋଗାଣ ପଛରେ ଥିବା ରହସ୍ୟ ଓ ଅଧିକାରୀଙ୍କ ସଂପୃକ୍ତି ଉପରେ ତୁରନ୍ତ ତଦନ୍ତ କରିବାକୁ ଉପସ୍ଥିତ ରାୟଗଡା ଉପ-ଜିଲ୍ଲାପାଳ ପ୍ରବୀର କୁମାର ନାୟକ ଏବଂ ଗୁଣପୁର ଉପ-ଜିଲ୍ଲାପାଳ ବସନ୍ତ କୁମାର ସାହୁଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଧରାପଡିବା ବ୍ୟକ୍ତି ବିଶେଷଙ୍କୁ ପୁଲିସ ଜିମା ଦେଇ ମକଦ୍ଦମା ଦାୟର କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସ୍ୱୟଂ ସହାୟକ ଦଳର ମହିଳା ମାନଙ୍କୁ ଆତ୍ମ ନିର୍ଭରଶୀଳ କରାଇବା ସହ ଆର୍ଥିକ ବିକାଶ ପାଇଁ ମିଶନ ଶକ୍ତି ରହିଛି । ଏଥିରେ ଛତୁଆ ଠାରୁ ଶତ ପ୍ରତିଶତ ଲାଭବାନ ପ୍ରକଳ୍ପ ଛତୁଚାଷ, ଟେରାକୋଟା ଭଳି ଅନେକ ଯୋଗାଣ ପାଇଁ କାହିଁକି ଏତେଟା ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ଜିଲ୍ଲାପାଳ ଗୁହା ପୁନମ ପ୍ରଶ୍ନ କରିଥିଲେ । ଉଲ୍ଲେଖଯୋଗ୍ୟ ନିକଟରେ ରାଜ୍ୟ ସରକାର ଛତୁଆ ଯୋଗାଣରେ ନିୟୋଜିତ ସ୍ୱୟଂ ସହାୟକ ଦଳର ସଂଖ୍ୟାକୁ କମ କରିବାକୁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ଯେଉଁ ଗୋଷ୍ଠୀ ନିକଟରେ ଛତୁଆ ତିଆରି ପାଇଁ ଆନୁସାଂଗିକ ଜିନିଷ, ବୈଷୟିକ ବ୍ୟବସ୍ଥା ରହିଛି କି ନାହିଁ ଏବଂ ଖାତା ପତ୍ରରେ ସ୍ୱଚ୍ଛତା ଉପରେ ଯାଂଚ କରି ସେମାନଙ୍କୁ ଛତୁଆ ଯୋଗାଣ ଦାୟିତ୍ୱରୁ ବାଦ୍ ଦିଆଯାଇଥିଲା । ଏହାପରେ କାଶିପୁର ବ୍ଲକର ୩ଟି ଏବଂ ପଦ୍ମପୁର ଅଂଚଳର ୩ଟି ଏସଏଚଜି ବାଦ ପଡିଥିଲେ। ସେହିଦିନ ଠାରୁ ଏହି ଏସଏଚଜିର ମହିଳାମାନେ ପ୍ରାୟ ଦୁଇ ଦିନ ବ୍ୟବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ସମାଜ ମଂଗଳ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଭେଟି ଛତୁଆ ଯୋଗାଣରୁ କାହିଁକି ବାରଣ କରାଯାଇଛି ବୋଲି ପ୍ରଶ୍ନ କରି ଗହଳି ସୃଷ୍ଟି କରୁଥିଲେ । ତାଙ୍କ ପଛରେ କିଛି ଶିଶୁ ଯୋଜନା ପ୍ରକଳ୍ପର ସିଡିପିଓ, ସୁପରଭାଇଜର ଓ କର୍ମଚାରୀ ରହିଥିବା ଜିଲ୍ଲାପାଳ ଜାଣିବାକୁ ପାଇଥିଲେ।

ସୂଚନାଯୋଗ୍ୟଯେ ୨୦୧୬ ମସିହାରେ ଜିଲ୍ଲାରେ ୫୨ଟି ଏସଏଚଜି ଛତୁଆ ଯୋଗାଣରେ ନିୟୋଜିତ ଥିଲେ । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଯାଂଚ ହେବାପରେ ଏବେ ଛତୁଆ ଯୋଗାଉଥିବା ସେଏଚଜି ସଂଖ୍ୟା ୩୨ କୁ ଖସି ଆସିଛି। ନିୟମ ଅନୁଯାଇ ପ୍ରତି ବ୍ଲକରେ ୧ ରୁ ୨ ଟି ଗୋଷ୍ଠୀ କେବଳ ଛତୁଆ ଯୋଗାଇବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। କେବଳ ଦୁର୍ଗମ ଅଂଚଳରେ ଜିଲ୍ଲାପାଳଙ୍କ ସୁପାରିଶରେ ଆଉ ଗୋଟିଏ ସ୍ୱୟଂ ସହାୟକ ଦଳକୁ ଦେଇପାରିବେ । ଆଉ କିଛି ଦିନପରେ ୩୨ଟି ମଧ୍ୟରୁ ୨୨ କୁ କମେଇ ଦିଆଯିବ ବୋଲି ଜଣାପଡିଛି । ଉଲ୍ଲେଖଯୋଗ୍ୟଯେ ଗତ ଦୁଇ ବର୍ଷ ତଳେ କାଶୀପୁର ବ୍ଲକ ସମ୍ପନିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟରେ ୪୦ଲକ୍ଷ ଟଙ୍କାର ଛତୁଆ ଯୋଗାଣ ଘୋଟାଲା ହୋଇଥିଲା। ଭିଜିଲାନ୍‌ସ ବିଭାଗ ପକ୍ଷରୁ ମକଦ୍ଦମା ମଧ୍ୟ ଦାୟର କରାଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିନାହିଁ।

# ଜିଲ୍ଲା ବିଜେଡିର ଜାତି ଓ ଉପଜାତି କର୍ମକର୍ତ୍ତା

**ପାରାଦୀପ :** ସ୍ଥାନୀୟ ସି ପର୍ଲ ହୋଟେଲ ଜଗତସିଂହପୁର ଜିଲ୍ଲା ବିଜୁ ଯୁବଜନତା ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଯୁବ ଛାତ୍ର ଓ ଅନୁସୂଚିତ ଜାତି ଓ ଉପଜାତି କକ୍ଷର ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା । ଏଥିରେ କୁଜଙ୍ଗ ଦଳିତ ସେଲର ସଭାପତି ଭାବେ ଅଭିରାମ ସାମଲ ପାରାଦୀପ ପୌରପାଳିକା ଏସିସେଲର ସଭାପତି ଭାବେ ଯତିନ କୁମାର ମଲ୍ଲିକ, ପାରାଦୀପ ଯୁବଜନତା ଦଳର ସଭାପତି ବିକାଶ ରଞ୍ଜନ ନାୟକ, କୁଜଙ୍ଗ ବିଜୁ ଛାତ୍ର ଦଳର ସଭାପତି ସୂର୍ଯ୍ୟକାନ୍ତ ବେହେରା, ପାରାଦୀପ ବିଜୁ ଜନତା ଦଳର ସଭାପତି ଭାବେ ବୁଦ୍ଧେଶ୍ୱର ହେମ୍ବରମ ମନୋନୀତ ହୋଇଛନ୍ତି । ତେବେ ନୂତନ ଭାବେ ଦାୟିତ୍ୱ ଭାବେ ଗ୍ରହଣ କରିଥିବା ସମସ୍ତ ପଦାଧିକାରୀ ମାନେ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଓ ଜଗତସିଂହପୁର ଜିଲ୍ଲା ବିଜେଡି ସଭାପତି ପ୍ରାକ୍ତନ ମନ୍ତ୍ରୀ ସାଂସଦ ତଥା ବର୍ତ୍ତମାନର ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଶ୍ରୀ ବିଷ୍ଣୁ ଚରଣ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ରାଜ୍ୟ ବିଜେଡି ଯୁବ ସଭାପତି ଛାତ୍ର ସଭାପତି ଓ ଅନୁସୂଚିତ ଯାତୀ କକ୍ଷର ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ୩ ପ୍ରକଳ୍ପକୁ ମଞ୍ଜୁରି: ୨୧୩୫ ଜଣଙ୍କୁ ମିଳିବ ନିଯୁକ୍ତି

**ଭୁବନେଶ୍ୱର :** ରାଜ୍ୟସ୍ତରୀୟ ଏକକ ବାତାୟନ କମିଟି ବୈଠକରେ ରାଜ୍ୟ ସରକାରଙ୍କ ପକ୍ଷରୁ ୩ଟି ପ୍ରକଳ୍ପକୁ ମଞ୍ଜୁରି ମିଳିଛି। ସେଥିମଧ୍ୟରେ ମକା ଉତ୍ପାଦନ ପାଇଁ ବିଜୟନଗର ବାୟୋଟେକ୍ ସଂସ୍ଥା ରହିଥିବାବେଳେ ମାଛ ପ୍ରକ୍ରିୟାକରଣ ପାଇଁ କାଦେର ଆଣ୍ଡ ଟ୍ରେଡିଂକୋ ଏବଂ କାଗଜ ଉତ୍ପାଦନ ପାଇଁ ୱେଷ୍ଟକୋଷ୍ଟ ପେପର ମିଲ୍ସ ରହିଛି। ମୁଖ୍ୟଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକକ ବାତାୟନ କମିଟି ବୈଠକରେ ଏହି ତିନୋଟି ପ୍ରକଳ୍ପକୁ ମଞ୍ଜୁରି ମିଳିଥିବାବେଳେ ରାଜ୍ୟରେ ୮୬୪କୋଟି ଟଙ୍କାର ପୁଞ୍ଜି ନିବେଶ ହେବାର ସମ୍ଭାବନା ହୋଇଛି। ଏହି ପ୍ରକଳ୍ପ ଜରିଆରେ ରାଜ୍ୟରେ ୨୧୩୫ଜଣଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ବୈଠକରୁ ଜଣାଯାଇଛି। ସୂଚନା ଅନୁଯାୟୀ ମୁମ୍ବାଇ ଓ ବେଙ୍ଗାଲୁରୁ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ପରେ ରାଜ୍ୟ ସରକାରଙ୍କୁ ୧୨୪ଟି ପ୍ରସ୍ତାବ ଆସିବାକୁ ରହିଥିବାବେଳେ ଇତିମଧ୍ୟରେ ୭୫ଟି ପ୍ରସ୍ତାବ କାର୍ଯ୍ୟକାରୀ ହୋଇଛି। ସେଥିମଧ୍ୟରୁ ୫୦ଟି ପ୍ରକଳ୍ପ ଏକକ ବାତାୟନ କମିଟି ଜରିଆରେ ମଞ୍ଜୁର ପାଇଥିବାବେଳେ ସ୍ୱାସ୍ଥ୍ୟ ବିଭାଗକୁ ୫ଟି ପ୍ରସ୍ତାବ ଏବଂ ଜିଲ୍ଲାସ୍ତରୀୟ କମିଟି ଜରିଆରେ ୪ଟି ପ୍ରସ୍ତାବ ରହିଛି। ଏହାବାଦ୍ ଇମ୍ଫା, ଗେଲ୍ ଓ ଏନ୍‌ଟିପିସିର ୪ଟି ପ୍ରସ୍ତାବରେ ତ୍ରୁଟି ରହିଥିବାବେଳେ ଆଇଓସିଏଲ୍, ଟାଟା ଏସ୍‌ଇଭେଡ଼୍, ଏମ୍‌ସିଏଲ୍, ପିପିଟି ଓ ଏଏଆଇର ୫ଟି ପ୍ରକଳ୍ପ ଏକକ ବାତାୟନ କମିଟିର ଅନୁମୋଦନ ଆବଶ୍ୟକତା ନଥିବାରୁ ଏହା ମଞ୍ଜୁରି ଲାଭ କରିବାକୁ ରହିଥିବା ଜଣାଯାଇଛି। ତେବେ ବିଜୟନଗର ବାୟୋଟେକ୍ ନବରଙ୍ଗପୁରଠାରେ କରିବାକୁ ଥିବା ମକା ଶିଳ୍ପରେ ୫୯କୋଟି ଟଙ୍କା ଖର୍ଚ୍ଚ କରିବାକୁ ରହିଥିବାବେଳେ ୪୦୦ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ମିଳିବ। ସେହିପରି ଲିବର୍ଟି ଗ୍ରୁପ୍‌ର କାଦେର ଟ୍ରେଡିଂ ସଂସ୍ଥା ବର୍ଷକୁ ୧୦ହଜାର ଟନ୍‌ର ଖାଦ୍ୟ ପ୍ରକ୍ରିୟା କରଣ କରିବ।


# 'ଶିକ୍ଷା ଓ ସଚେତନତା ବାଲ୍ୟବିବାହ ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଥାଏ'

**ଭୁବନେଶ୍ୱର :** ସ୍ଥାନୀୟ ଇଡ଼କଲ୍ ଅଡ଼ିଟୋରିୟମ୍ ଠାରେ ସେଭ୍ ଦି ଚିଲ୍‌ଡ୍ରେନ୍ ଓ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗଙ୍କ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ବାଲ୍ୟବିବାହ ପ୍ରତିରୋଧ ସଂକ୍ରାନ୍ତୀୟ ସମାବେଶ ଆୟୋଜିତ ହୋଇଯାଇଅଛି। ମୁଖ୍ୟ ଅତିଥିଭାବରେ ମହିଳା ଓ ଶିଶୁ ବିକାଶ ବିଭାଗର ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଲେଯେ ଶିକ୍ଷା ଓ ସଚେତନତା ବାଲ୍ୟବିବାହ ରୋକିବା ଦିଗରେ ପ୍ରମୁଖ ଭୂମିକା ନେଇଥାଏ। ଏଥିପ୍ରତି ଆମ୍ଭମାନଙ୍କୁ ଅଧିକରୁ ଅଧିକ ମିଳିତ ଭାବରେ ଉଦ୍ୟମ ଆରମ୍ଭକଲେ ବାଲ୍ୟବିବାହକୁ ପ୍ରତିରୋଧ କରିପାରିବା। ଅନ୍ୟତମ ଅତିଥିଭାବରେ ବିଧାୟକ ପ୍ରିୟଦର୍ଶୀ ମିଶ୍ର କହିଲେଯେ ତୃଣମୂଳ ସ୍ତରରେ ବ୍ୟାପକ ପଦକ୍ଷେପ ଓ ଆଇନ ଉପରେ ସମସ୍ତେ ଜାଣିବା ଦରକାର। ଏହି ଅବସରରେ ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ଅଧ୍ୟକ୍ଷା କସ୍ତୁରୀ ମହାପାତ୍ର କହିଲେଯେ ପ୍ରତ୍ୟେକ ଶିଶୁର ସୁରକ୍ଷା ଆମ ସମସ୍ତଙ୍କ ଦାୟୀତ୍ୱ ହେବା ଦରକାର। ଯାହାଫଳରେ ଶିଶୁର ସର୍ବାଙ୍ଗୀନ ବିକାଶ ସାଥେସାଥେ ବାଲ୍ୟବିବାହକୁ




ଆମ୍ଭେମାନେ ଦୂରକରିପାରିବା। ଆୟୋଜିତ କନ୍‌ଭେନ୍‌ସନରେ ସେଭ୍ ଦି ଚିଲଡ୍ରେନର ଉପ ନିର୍ଦ୍ଦେଶକ ଶାନ୍ତନୁ ଚକ୍ରବର୍ତ୍ତୀ, ରାଜ୍ୟ ମହିଳା କମିଶନ ସଭ୍ୟା ସ୍ନେହାଞ୍ଜଳୀ ମହାନ୍ତି, ଡ଼. ଅଜିତ୍ କୁମାର ମହାନ୍ତି ସହ- ନିର୍ଦ୍ଦେଶକ ପରିବାର କଲ୍ୟାଣ ବିଭାଗ, କଳ୍ପନା ବେହେରା ଉପନିର୍ଦ୍ଦେଶକ ଓପେପା, ଲୋପାମୁଦ୍ରା ତ୍ରିପାଠୀ ୟୁନିସେଫ୍, ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ଼ର ସଭ୍ୟା ନମ୍ରତା ଚଢା, ସୋଆ କମ୍ୟୁନିଟି ରେଡ଼ିଓର ହନି ପଟ୍ଟନାୟକ, ସେଭ୍ ଦି ଚିଲଡ୍ରେନ୍‌ର ରାଧା (ନ୍ୟାସନାଲ୍ ଆଡ୍‌ଭାଇଜର), ଅଳକା ସିଂ (ନ୍ୟାସନାଲ ମ୍ୟାନେଜର) ଡ. ସୌମ୍ୟକାନ୍ତ ମିଶ୍ର ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବକାଶରେ ଷ୍ଟୋଲେନ୍ ଚାଇଲଡ୍ ହୁଡ୍ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏଥିରେ ଆକ୍ସନ୍‌ଏଡ୍, ୱାଲ୍ଡଭିଜନ୍, ଚାଇଲଡ୍ ଫଣ୍ଡ, କ୍ୟାଥୋଲିକ୍ ରିଲିଫ୍ ସର୍ଭିସ, ଅକ୍ସଫାମ୍ ଇଣ୍ଡିଆ, ଭାଇ, ଓପନ୍ ଲର୍ଣ୍ଣିଙ୍ଗ୍ ସିଷ୍ଟମ୍, ସି.ସି.ଡ଼ବ୍ଲୁ.ଡ଼ି, ଆଶା ଓଡ଼ିଶା, ସ୍ୱାତୀ, ନେଚରର୍ସ କ୍ଲବ ଓ ୱାର୍ଡ଼ର ପ୍ରତିନିଧିମାନେ ଯୋଗଦାନ କରିଥିଲେ। ବାଲ୍ୟବିବାହକୁ ନାଁ କରିଥିବା ଓ ବାଲ୍ୟବିବାହକୁ ଦୂରକରିବାପାଇଁ କାର୍ଯ୍ୟରତ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେଭ୍ ଦି ଚିଲଡ୍ରେନର ଓଡ଼ିଶା ଜେନେରାଲ ମ୍ୟାନେଜର ମହାଦେବ ହାଂସଦା କାର୍ଯ୍ୟକ୍ରମର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିବା ବେଳେ ସେଭ୍ ଦି ଚିଲଡ୍ରେନ୍‌ର ଦେବୀ କଲ୍ୟାଣୀ ପଟ୍ଟନାୟକ, ସୌମି ହାଲଦର, ଅଭିଜିତ୍ ଭଦ୍ରା, ଅଜିତ୍ ରାଉତ ପ୍ରମୁଖ ଉପସ୍ଥିତ ରହି ଶିଶୁ ପ୍ରତିଭା ମାନଙ୍କୁ ଉତ୍ସାହିତ କରିଥିଲେ।

# ଗୋଲାପୀ ରଙ୍ଗର ଜଳ



ଉପସ୍ଥାପନା
ଜାହ୍ନବୀସୁତ

ପୃଥିବୀରେ ରହିଛି ବହୁବର୍ଣ୍ଣା ପ୍ରକୃତିର ଅକଳନୀୟ ରୂପ। ପାହାଡ, ଝରଣା ହ୍ରଦ, ସାଗର, ଆକାଶ ଓ ଜୀବ ଜଗତ ବେଳେବେଳେ ତାର ରୂପକୁ ନେଇ ସାଧାରଣ ମଣିଷର ମନରେ ସୃଷ୍ଟି କରିଥାନ୍ତି ରହସ୍ୟ। ଆଉ ମଣିଷ ବି ବିଜ୍ଞାନର ପ୍ରମାଣସିଦ୍ଧ ଯୁକ୍ତିକୁ ଟାଳିଦେଇ ପ୍ରକୃତିର ଏହି ରହସ୍ୟମୟ ରୂପକୁ ନେଇ ଆଶ୍ଚର୍ଯ୍ୟ ହୋଇଥାଏ। ଅଦ୍ଭୁତ ପ୍ରକୃତିକୁ ନେଇ ମଣିଷ ମନରେ ଆସୁଥିବା ବିଭିନ୍ନ ପାର୍ଶ୍ୱ ହିଁ ତାକୁ ଦ୍ୱନ୍ଦରେ ପକାଇଥାଏ। ଆଉ ପ୍ରକୃତିର ଏହି ରୂପବି ଆଜି ନୁହେଁ ଯୁଗଯୁଗରୁ ରହିଛି। କେଉଁଠି ନିର୍ଜୀବ ପଥରରେ ମଣିଷ ଦେଖୁଛି ଅଲୌକିକତା ତ ଆଉ କେଉଁଠାରେ ହ୍ରଦର ଜଳରେ ରହିଛି ଅଲୌକିକ ସତ୍ତା। ସେମିତି ଏକ ହ୍ରଦକୁ ନେଇ ମଣିଷ ମନରେ ରହିଛି ଅନେକ ପ୍ରାନ। ସେହି ହ୍ରଦର ନାଁ ହେଉଛି ଲେକ୍ ହିଲିୟର। ଯାହା ରହିଛି ଅଷ୍ଟ୍ରେଲିଆର ପଶ୍ଚିମଦିଗରେ ଥିବା ଉପକୂଳରେ। ପ୍ରାୟ ୨୦୦୦ ଫୁଟ ଲମ୍ବ ଓ ୮୨୦ ଫୁଟ ଚଉଡାର ଏହି ହ୍ରଦର ଜଳ ଦେଖିବା ପାଇଁ ଗୋଲାପୀ ବର୍ଣ୍ଣର। ସାଧାରଣତଃ ଆମେ ଦେଖୁଥିବା ନଦୀ, ନାଳ, ଝରଣା, ହ୍ରଦ ଓ ସମୁଦ୍ରର ଜଳର ରଙ୍ଗଠାରୁ ଏହି ହ୍ରଦର ଜଳର ରଙ୍ଗ ସମ୍ପୂର୍ଣ୍ଣ ଭିନ୍ନ। ଏହା କେମିତି ସମ୍ଭବ। ଏହି ହ୍ରଦର କୂଳକୁ ଗଲେ ଦେଖିବେ ପୂରା ହ୍ରଦର ଜଳରଙ୍ଗ ରଙ୍ଗ ହେଉଛି ଗୋଲାପୀ ରଙ୍ଗର। ସହଜରେ ଏହା ବିଶ୍ୱାସ ହେଉନଥିଲେ ମଧ୍ୟ ଏହା ସତ। ତେଣୁ ହ୍ରଦ ଜଳ ରଙ୍ଗର ଏପରି ରୂପ ଦେଖି ସାଧାରଣ ମଣିଷ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। କିନ୍ତୁ ଏହି ନଦୀକୁ ନେଇ ବିଜ୍ଞାନୀ ମଣିଷ ବି ଚୁପ୍ ରହିନାହିଁ। ଅନେକ ଗବେଷଣା କରାଯାଇଛି ଏହି ରଙ୍ଗୀନ ହ୍ରଦକୁ ନେଇ। ଗବେଷକ ମାନେ କହିଛନ୍ତି ଯେ ଡୁନାଲିୟେଲା ସାଲିନା ନାମକ ଏକ ଜୀବନକୋଷରୁ ଉପସ୍ଥିତ ଯୋଗୁଁ ହ୍ରଦ ଜଳର ରଙ୍ଗ ଏପରି ଗୋଲାପୀ ଦେଖାଯାଏ। ହେଲେ ମଣିଷର ବିଶ୍ୱାସରେ କିନ୍ତୁ ଏଭଳି ରଙ୍ଗୀନ ଜଳକୁ ନେଇ ରହସ୍ୟ ରହିଥିବ ନିଶ୍ଚୟ। ପ୍ରକୃତରେ ଏହି ରଙ୍ଗୀନ ହ୍ରଦ ଅଷ୍ଟ୍ରେଲିଆର ଯେଉଁ ଅଞ୍ଚଳରେ ରହିଛି ତାହା କମ ଜନସଂଖ୍ୟା ବିଶିଷ୍ଟ ଅଞ୍ଚଳ। ତେଣୁ ଅନେକ ଦିନ ଧରି ଏହି ପ୍ରାକୃତିକ ବିସ୍ମୟ ଲୋକଲୋଚନର ଆଢୁଆଳରେ ରହିଥିଲା। ଆଉ ଏହି ହ୍ରଦକୁ ନେଇ ଚର୍ଚ୍ଚା ମଧ୍ୟ ହୋଇ ନଥିଲେ। ହେଲେ ୧୮୦୨ ମସିହାରେ ମାଥ୍ୟୁ ଫ୍ଲିଣ୍ଡର୍ସ ନାମକ ଜଣେ ବ୍ୟକ୍ତି ଏହି ଅଞ୍ଚଳରେ ପର୍ବାତାରୋହଣ କରିବା ସମୟରେ ଏକ ଉଚ୍ଚ ପାହାଡର ଶୀର୍ଷରୁ ଏହି ଅଦ୍ଭୁତ ହ୍ରଦକୁ ଦେଖିଥିଲେ। ଆଉ ସେହି ହ୍ରଦ ସମ୍ପର୍କରେ ବର୍ଣ୍ଣନା ମଧ୍ୟ କରିଥିଲେ। ଆଉ ଏହି ହ୍ରଦ ସମ୍ପର୍କରେ ସୂଚନା ସେ ଫ୍ଲିଣ୍ଡର୍ସ ଜର୍ଣ୍ଣାଲ ନାମକ ମ୍ୟାଗାଜିନ୍‌ରେ ପ୍ରକାଶ କରିଥିଲେ। ଆଉ ମ୍ୟାଗାଜିନ୍‌ରେ ପ୍ରକାଶ କରାଯାଇଥିବା ତଥ୍ୟ ହିଁ ଏହି ହ୍ରଦ ବିଷୟରେ ପ୍ରଥମ ଐତିହାସିକ ତଥ୍ୟ ବୋଲି ଗ୍ରହଣ କରାଯାଏ। ଆଉ ଯେଉଁ ପର୍ବତର ଶୀର୍ଷରୁ ଫ୍ଲିଣ୍ଡର୍ସ ଏହି ବିସ୍ମୟକର ହ୍ରଦକୁ ପ୍ରଥମେ ଦେଖିଥିଲେ ସେହି ପର୍ବତର ଶୀର୍ଷକୁ ସେହି ଦିନଠାରୁ ଫ୍ଲିଣ୍ଡର୍ସ ପିକ୍ କେଉଁଠି ଜଳରେ ପଡୁଛି ଦାଗ ତ ଆଉ କେଉଁଠାରେ ହ୍ରଦ ଜଳର ରଙ୍ଗ ହେଉଛି ଗୋଲାପୀ। ଏମିତି ବିଚିତ୍ର ପ୍ରକୃତି ସବୁବେଳେ ମଣିଷକୁ କରୁଛି ବିସ୍ମୟ। ଅବିଶ୍ୱସନୀୟ ପ୍ରକୃତିର ରୂପରେ ମଣିଷ ମନରେ ଆସୁଛି ଅନେକ ପ୍ରଶ୍ନ। ଆଉ ଯେଉଁଠାରେ ମନରେ ପ୍ରଶ୍ନ ଆସିବ ସେଠାରେ ଆସିବ ଦ୍ୱନ୍ଦ ଆଉ ଉତ୍କଣ୍ଠା। ସେମିତି ଦ୍ୱନ୍ଦ ରହିଲେ ଆପେ ଆପେ ରହସ୍ୟ ମନ ଭିତରେ ଯାଗା ମାଡିବସି ରହିଯାଏ। ଯେମିତି ଅଷ୍ଟ୍ରେଲିଆର ପଶ୍ଚିମ ଦିଗରେ ଥିବା ଲେକ୍ ହିଲିୟର। ଏହି ହ୍ରଦର ଜଳର ରଙ୍ଗ ହିଁ ଏହାକୁ ନେଇ ମଣିଷ ମନରେ ରହସ୍ୟ ସୃଷ୍ଟି କରୁଛି। ପ୍ରକୃତରେ ଏହି ଜଳକୁ ଆପଣ ହ୍ରଦରେ ଦେଖିଲେ ଯେଭଳି ଗୋଲାପୀ ସେହି ଜଳକୁ କୌଣସି ପାତ୍ରରେ ଆଣି ପାଖରୁ ଦେଖିଲେ ମଧ୍ୟ ତାହା ସେତିକି ଗୋଲାପୀ ଦେଖାଯାଏ। ଜଳର ଏଭଳି ରଙ୍ଗ ପଛରେ କାରଣ ବିଜ୍ଞାନୀ ମଣିଷ ଖୋଜୁଛି ସତ ହେଲେ ସାଧାରଣ ମଣିଷ କିନ୍ତୁ ଜଳର ଏପରି ରଙ୍ଗ ଦେଖି ବୁଡିଯାଏ ରହସ୍ୟରେ। ୧୮୦୨ ମସିହାରେ ଯେତେବେଳେ ଫ୍ଲିଣ୍ଡର୍ସ ପ୍ରଥମେ ଏହି ଜଳକୁ ଏକ ପାହାଡର ଶୀର୍ଷରୁ ଦେଖିଥିଲେ ସେତେବେଳେ ସେ ମଧ୍ୟ ଅନେକ ଭାବନାରେ ବୁଡି ଯାଇଥିଲେ। ଆଉ ଫ୍ଲିଣ୍ଡର୍ସ ପୁଣି ଏକ ବର୍ଷପରେ ଅର୍ଥାତ ୧୮୦୩ ମସିହାରେ ଏହି ଅଞ୍ଚଳକୁ ଆସିଥିଲେ। ଆଉ କୁହାଯାଏ ଏହି ସମୟରେ ସେ ଏହି ହ୍ରଦର ନାମକରଣ କରିଥିଲେ। ଲେକ୍ ହିଲିୟର ନାମରେ। ଏହି ନାମକରଣ ପଛରେ ମଧ୍ୟ ଏକ ଘଟଣା ଥିବା କଥା ସୂଚନା ମିଳିଥାଏ। ୧୮୦୩ ମସିହାରେ ଫ୍ଲିଣ୍ଡର୍ସ ଏହି ଅଞ୍ଚଳକୁ ଗସ୍ତ କରି ଲବଣ ଓ ବିଭିନ୍ନ ଔଷଧୀୟ ରୋଗୀମାନଙ୍କ ପାଇଁ ସଂଗ୍ରହ କରିଥିଲେ। ଆଉ ଏହି ସମୟେ ତାଙ୍କ ସହ ଆସିଥିବା ଜଣେ ଅଭିଯାତ୍ରୀଙ୍କ ହଇଜାରେ ମୃତ୍ୟୁ ଘଟିଥିଲା। ସେହି ସହଯାତ୍ରୀଙ୍କର ନାମ ଥିଲା ଉଇଲାମ ହିଲିୟର ତେଣୁ ଫ୍ଲିଣ୍ଡର୍ସ ତାଙ୍କ ସହଯାତ୍ରୀଙ୍କ ନାମରେ ଏହି ହ୍ରଦର ନାମକରଣ କରିଥିଲେ ଲେକ୍ ହିଲିୟର। ଏହାପରେ ମଧ୍ୟ ଅନେକ ଥର ଏହି ଅଞ୍ଚଳରୁ ଲୁଣ ସଂଗ୍ରହର ଉଦ୍ୟମ ବିଭିନ୍ନ ସମୟରେ ହୋଇଛି ହେଲେ କେହି ବିଶେଷ ଭାବରେ ଏଥିରେ ସଫଳ ହୋଇନାହାନ୍ତି। ଆଉ ୨୦୧୨ ମସିହା ପରଠାରୁ ଏହି ଅଞ୍ଚଳରୁ ପ୍ରତିବନ୍ଧିତ କ୍ଷେତ୍ର ଭାବେ ମାନ୍ୟତା ପ୍ରଦାନ କରାଯାଇଛି। ଏହି ବିସ୍ମୟକର ଲେକ୍ ହିଲିୟର ଉଦ୍ଭାବିତ ହେବା ସମୟରୁ ସବୁବେଳେ ମଣିଷ ମନରେ ଜଳର ରଙ୍ଗକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରି ଆସିଛି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନ୍ୟାୟ ମାଗୁଛି ...

ରାଜ୍ୟ ସରକାର ଯେଭଳି ଫସି ନଯାଆନ୍ତି। ଯଦି ବଂଶଧାରା ଭଳି ମହାନଦୀ ମାମଲାରେ ରାୟ ସେ ଦିଗକୁ ଯାଏ ତେବେ ଓଡ଼ିଶାର ଅବସ୍ଥା ଯେ କ'ଣ ହେବ ତାହା ବିଚାର କରିବାର ସମୟ ଆସିଯାଇଛି। କାରଣ ବର୍ତ୍ତମାନ ଆଶ୍ୱିନ ମାସ ଅଧା ହୋଇଥିଲେ ବି ମହାନଦୀ ଜଳ ଭଣ୍ଡାର ଅଧା ଖାଲିପଡିଛି। ଚଳିତ ବର୍ଷ ରାଜ୍ୟର ୧୦୦ରୁ ଅଧିକ ବ୍ଲକରେ ୧୯%ରୁ ୬୫% ପର୍ଯ୍ୟନ୍ତ କମ୍ ବର୍ଷା ହେବା ଫଳରେ କ୍ଷେତ ଶୁଖିଲା ପଡିଛି। ଏନେଇ ଋଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ଆଗକୁ ବର୍ଷା ନହେଲେ ଋଷୀ ଏକ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହେବ। ଏଭଳି ସ୍ଥିତିରେ ମହାନଦୀ ଜଳଭଣ୍ଡାରରେ ପାଣି କମ୍ ରହିବାକୁ ନେଇ ମଧ୍ୟ ଋଷୀକୁଳରେ ଉଦ୍‌ବେଗ ପ୍ରକାଶ ପାଇବାରେ ଲାଗିଲାଣି। ବିଧାନସଭାରେ ମହାନଦୀକୁ ନେଇ ଯେଉଁସବୁ ତଥ୍ୟ ପ୍ରକାଶ ପାଇଛି ତାହା ଓଡ଼ିଶା ଅପେକ୍ଷା ଛତିଶଗଡ଼କୁ ଅଧିକ ସାହାଯ୍ୟ କରିବ ବୋଲି ଚର୍ଚ୍ଚା ହେଉଛି। ଏ କ୍ଷେତ୍ରରେ ସରକାର ନିଜ ଦୁର୍ବଳତାକୁ ଢାଙ୍କିବା ଅପେକ୍ଷା ମହାନଦୀର ସ୍ୱାର୍ଥରକ୍ଷା ପାଇଁ ଅଣ୍ଟା ଭିଡିବା ଜରୁରୀ ହୋଇପଡିଛି। ଏକ ସ୍ୱେଚ୍ଛାସେବୀ ସଂଗଠନ ଗ୍ରୀନ୍ ଟ୍ରିବ୍ୟୁନାଲରେ ମହାନଦୀ ପ୍ରସଙ୍ଗରେ ଆବଦନ କରିଥିଲା ଏବଂ ଏହି ଆବେଦନ ଉପରେ ଶୁଣାଣି କରି ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର କଲିକତା ବେଞ୍ଚ ଛତିଶଗଡ଼ ସରକାରଙ୍କ ପ୍ରକଳ୍ପ ନିର୍ମାଣ ଉପରେ ରହିତାଦେଶ ଜାରି କରିଛନ୍ତି। ତଥାପି ଏ ସଂକ୍ରାନ୍ତ ରାୟ ଏତେ ସହଜରେ ଆସିବା ସମ୍ଭାବନା କମ୍ ରହିଛି। ସୂଚନାଯୋଗ୍ୟ, ବଂଶଧାରା ନଦୀ ଜଳ ବଣ୍ଟନକୁ ନେଇ ୧୯୬୨ ମସିହା ସେପ୍ଟେମ୍ବର ୩୦ରେ ଆନ୍ଧ୍ରପ୍ରଦେଶ ଓ ଓଡ଼ିଶା ମଧ୍ୟରେ ହୋଇଥିବା ଚୁକ୍ତିନାମା ଅନୁସାରେ ଗୋଟା ବ୍ୟାରେଜର ୧୧୫ ଟିଏମ୍‌ସି ଜଳ ଉପରେ ଉଭୟ ରାଜ୍ୟ ୫୦:୫୦ ପ୍ରତିଶତ ହାରରେ ବଣ୍ଟନ ନିଷ୍ପତ୍ତିକୁ ସଠିକ୍ ବୋଲି କହିଛନ୍ତି ଟ୍ରିବ୍ୟୁନାଲ। ବଂଶଧାରା ବିବାଦରେ ସେପ୍ଟେମ୍ବର ୧୩ ତାରିଖରେ ଓଡ଼ିଶାର ଅଭିଯୋଗକୁ ଖାରଜ କରି ଟ୍ରିବ୍ୟୁନାଲ ଆନ୍ଧ୍ରର ବିବାଦୀୟ କାଟ୍ରାଗଡା ଓ ନେରେଡି ପ୍ରକଳ୍ପ କାର୍ଯ୍ୟ ଚାଲୁ ରଖିବାକୁ ରାୟ ପ୍ରଦାନ କରିଛନ୍ତି। ସୁପ୍ରିମ୍‌କୋର୍ଟର ପୂର୍ବତନ ବିଚାରପତି ତଥା ବଂଶଧାରାଜଳ ବିବାଦ ଟ୍ରିବ୍ୟୁନାଲର ଅଧକ୍ଷ ମୁକୁନ୍ଦକମ୍ ଶର୍ମାଙ୍କ ଅଧକ୍ଷତାରେ ଗଠିତ ୩ ଜଣିଆ ବେଞ୍ଚ ଦୁଇ ରାଜ୍ୟ ମଧ୍ୟରେ ଥିବା ଏହି ବିବାଦର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି।

### ଯୁଦ୍ଧ ଆହ୍ୱାନ ...

ଏହି ଶକ୍ତିଶାଳୀ ବାଲାଷ୍ଟିକ୍ କ୍ଷେପଣାସ୍ତ୍ରରେ ଏକ ଶକ୍ତିଶାଳୀ ଉଦ୍‌ଯାନ ବୋମା ଥିଲା ବୋଲି ଏବେ ଜଣାପଡିଛି। ଫଳରେ ଏହି ପରୀକ୍ଷଣକୁ ମିଶାଇ ଉତ୍ତରକୋରିଆ ଷଷ୍ଠଥର ପାଇଁ ଆଣବିକ ବୋମା ପରୀକ୍ଷଣ କରିସାରିଛି। ଏହାକୁ ନେଇ ଜାପାନରେ ଆତଙ୍କ ଖେଳିଯାଇଛି ଏବଂ ସେଠାରେ ହାଇଆଲର୍ଟ ଜାରି କରାଯାଇଛି। ତେବେ ଉତ୍ତର କୋରିଆ ଦ୍ୱାରା ଉଦ୍‌ଜାନ ବୋମା ପରୀକ୍ଷଣ କରାଯିବା ପରିପ୍ରେକ୍ଷୀରେ ଜାତିସଂଘ ସୁରକ୍ଷା ପରିଷଦ ଏକ ନୂଆ କଟକଣା ଜାରି କରିଛନ୍ତି। ନୂଆ କଟକଣା ଲଗାଇବା ପାଇଁ ଆମେରିକା ଆଣିଥିବା ପ୍ରସ୍ତାବକୁ ସୁରକ୍ଷା ପରିଷଦର ସମସ୍ତ ସ୍ଥାୟୀ ସଦସ୍ୟ ସମର୍ଥନ କରିଥିଲେ। ଗୃହୀତ ପ୍ରସ୍ତାବ ଅନୁଯାୟୀ, ଉତ୍ତରକୋରିଆ ଦ୍ୱାରା ଇନ୍ଧନ ତୈଳ ଆମଦାନୀ ଉପରେ କଟକଣା ଲଗାଯାଇଛି। ଏହାଯୋଗୁ ତା'ଦ୍ୱାରା ତୈଳ ଆମଦାନୀ ୩୦% ହ୍ରାସ ପାଇବ। ଅଶୋଧିତ ତୈଳ ଆମଦାନୀ କରି ଉତ୍ତରକୋରିଆ ତା'କୁ ବିଶୋଧିତ କରେ ଏବଂ ସେଥିରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ପେଟ୍ରୋଲିୟମ ଉତ୍ପାଦ ଅନ୍ୟ ଦେଶକୁ ରପ୍ତାନୀ କରି ବିପୁଳ ଅର୍ଥ ଉପାର୍ଜନ କରେ। ଏବେ କିନ୍ତୁ ଏପରି କାରବାର ହ୍ରାସ ପାଇବ। ସେହପରି ତା'ଦ୍ୱାରା କରାଯାଉଥିବା କପଡା ଓ ପୋଷାକ ରପ୍ତାନୀ ଉପରେ ସମ୍ପୂର୍ଣ୍ଣ ନିଷିଦ୍ଧାଦେଶ ଜାରି କରାଯାଇଛି। କପଡା ରପ୍ତାନୀ ଉତ୍ତର କୋରିଆ ଅର୍ଥନୀତି ପାଇଁ ସବୁଠୁ ଅଧିକ ମହତ୍ୱ ରଖିଥାଏ। କେବଳ ଗତବର୍ଷ କପଡା ରପ୍ତାନୀରୁ ୭୬୦ ନିୟୁତ ଡଲାର ଆୟ କରିଥିଲା ଉତ୍ତର କୋରିଆ। ତେଣୁ ଏହା ଉପରେ ବ୍ୟାନ୍ ଲଗାଇ ଜାତିସଂଘ ଉତ୍ତର କୋରିଆ ଉପରେ ଅଧିକ ଚାପ ସୃଷ୍ଟି କରିବାକୁ ଚାହୁଁଛି। ଏହାଛଡ଼ା ନୂଆ ପ୍ରସ୍ତାବରେ ଉତ୍ତରକୋରିଆ ଦ୍ୱାରା ସମୁଦ୍ର ମଧ୍ୟ ଦେଇ କୋଇଲା ଓ ଲୁହାପଥର ଚୋରା ଚାଲାଣକୁ ରୋକିବା ପାଇଁ ପଦକ୍ଷେପ ନେବାକୁ ସମସ୍ତ ସଦସ୍ୟ ରାଷ୍ଟ୍ରକୁ ଆହ୍ୱାନ କରାଯାଇଛି। ଏଥିସହିତ ଅନ୍ୟ ଦେଶରେ ଉତ୍ତରକୋରିଆର ଶ୍ରମିକଙ୍କୁ ନିଯୁକ୍ତି ଦେବା, ସେଠାକାର କମ୍ପାନୀଙ୍କ ସହ ମିଶି ମିଳିତ ଉଦ୍ୟୋଗ ସ୍ଥାପନ କରାଯିବାକୁ ନିଷିଦ୍ଧ କରାଯିବା ସହିତ ତା'ର କେତେକ ସରକାରୀ ସଂସ୍ଥା ଉପରେ ବି କଟକଣା ଜାରି କରାଯାଇଛି। ଆମେରିକା ପୂର୍ବରୁ କିନ୍ତୁ ଆହୁରି କଠୋର କଟକଣା ଲଗାଇବାକୁ ପ୍ରସ୍ତାବ ଦେଇଥିଲେ। ସିଏ ଚାହୁଁଥିଲା ଯେ ଉତ୍ତରକୋରିଆ ଦ୍ୱାରା କରାଯାଉଥିବା ତୈଳ ଆମଦାନୀ ଉପରେ ସମ୍ପୂର୍ଣ୍ଣ ବ୍ୟାନ୍ ଲଗାଯାଉ। ତା'ସହିତ ସେଠାକାର ଶାସକ କିମ୍ ଜଙ୍ଗ ଉନ, କ୍ଷମତାରେ ଥିବା ୱାର୍କରସ ପାର୍ଟି ଏବଂ ଅନ୍ୟ କେତେକ ସଂସ୍ଥାର ବିଦେଶରେ ଥିବା ସମସ୍ତ ସମ୍ପତ୍ତି ଜବତ କରିବା ପାଇଁ ଆମେରିକା ପ୍ରସ୍ତାବ ଦେଇଥିଲା। ହେଲେ ଏତେ କଠୋର କଟକଣା ଲଗାଇଲେ ପରିସ୍ଥିତି ଆହୁରି ବିଗିଡିଯିବ ବୋଲି ଋଷ ଏବଂ ଚୀନ୍ କହିଲା ପରେ ଆମେରିକା ନିଜ ପ୍ରସ୍ତାବରେ କିଛିଟା ପରିବର୍ତ୍ତନ କରିଥିଲା। ତେବେ ସୁରକ୍ଷା ପରିଷଦ ଦ୍ୱାରା ନୂଆ କଟକଣା ଲଗାଯିବାକୁ ଆମେରିକା ଓ ଜାପାନ ସ୍ୱାଗତ କରିଛନ୍ତି। ଉଭୟ ଦେଶ କହିଛନ୍ତି ଯେ, ଏହାଯୋଗୁ ଉତ୍ତରକୋରିଆ ଉପରେ ଆର୍ଥିକ ଚାପ ଡିବ। କିନ୍ତୁ ବିଶେଷଜ୍ଞମାନେ ଏହା କେତେଦୂର ପ୍ରଭାବଶାଳୀ ହେବ, ସେନେଇ ସନ୍ଦେହ ବ୍ୟକ୍ତ କରିଛନ୍ତି। ସେମାନେ ଦାବି କରିଛନ୍ତି ଯେ, ଆମେରିକା ନିଜେ ବି ଉତ୍ତର କୋରିଆ ଉପରେ ଚାପ ପକାଇବା ପାଇଁ ପୃଥକ୍ ଭାବେ କଟକଣା ଲଗାଉ। ଅନ୍ୟପଟରେ ଉତ୍ତରକୋରିଆ କହିଛି ଯେ, ତା' ଉପରେ କଡା କଟକଣା ଲଗାଯିବାର ଭୟଙ୍କର ପରିଣାମ ଆମେରିକାକୁ ଭୋଗିବାକୁ ପଡିବ।

### ୬ ଜିଲ୍ଲାରେ ...

ବିରୋଧୀ ଦଳ ନେତା ନରସିଂହ ମିଶ୍ର ଓ ବିଜେପି ବିଧାୟକ ଦଳ ନେତା କନକବର୍ଦ୍ଧନ ସିଂହଦେଓ ଉଗ୍ର ଭାବରେ ସରକାରଙ୍କୁ ଅପାରଗ ବୋଲି ପ୍ରମାଣ କରିବାକୁ ଛାଡ଼ି ନାହାନ୍ତି । ମରୁଡ଼ି ପରିସ୍ଥିତି ଉପୁଜି ନାହିଁ ବୋଲି ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ମନ୍ତ୍ରୀ ଯାହା କହୁଛନ୍ତି ତାହା ଡ଼ାହା ମିଛ ବୋଲି ଅଭିଯୋଗ କରିଛନ୍ତି ଶ୍ରୀ ମିଶ୍ର। ସେ କହିଛନ୍ତି ଯେ ବଲାଙ୍ଗୀର ଜିଲ୍ଲାର ଅଧିକାଂଶ ବ୍ଲକ୍‌ରେ ଗତ ୩ ବର୍ଷ ହେଲା କମ୍ ବର୍ଷା ହେଉଛି । ସେହିପରି ସୋନପୁର, ବୌଦ୍ଧ, ଝାରସୁଗୁଡ଼ା ଜିଲ୍ଲାର ଆଂଶିକ ଅଞ୍ଚଳ ଅନୁରୂପ ସମସ୍ୟାର ସମ୍ମୁଖୀନ ହେଉଛି। ଚାଷୀ ମରୁଡ଼ି ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି, ଅଫିସର କ୍ଷେତ୍ର ପରିଦର୍ଶନରେ ଯାଉ ନାହାନ୍ତି। ସରକାର ଯାହା କହୁଛନ୍ତି ସେହି ହିସାବରେ ରିପୋର୍ଟ ଆସୁଛି। ରାଜସ୍ୱ-କୃଷି ଓ ପରିସଂଖ୍ୟାନ ବିଭାଗର ଫସଲ କଟା ରିପୋର୍ଟରେ ତାଳମେଳ ନାହିଁ ବୋଲି ଅଭିଯୋଗ କରିଥିଲେ। ସେହିପରି ଶ୍ରୀ ସିଂହଦେଓ ଏହି ବର୍ଷା ନ ହେବା ନେଇ ସରକାରଙ୍କୁ ଦୋଷ ଦିଆଯାଉ ନାହିଁ, ମାତ୍ର ୧୭ ବର୍ଷ କ୍ଷମତାରେ ରହିବା ସତ୍ତ୍ୱେ ପ୍ରତିଶ୍ରୁତି ଅନୁସାରେ ୩୫% ଅଞ୍ଚଳକୁ ଜଳସେଚନ କରା ନ ଯିବାର ଅପାରଗତା ସରକାରଙ୍କୁ ଦିଆଯାଉଛି। ଲୋୟର ଶୁକତେଲ, ଅପରକୋଲାବ, ରେତ୍, ରୁକ୍ରା, ଲୋୟର ଇନ୍ଦ୍ର ଆଦି ପ୍ରକଳ୍ପ ବର୍ଷବର୍ଷ ହେଲା ସରୁନାହିଁ। ଏହାର ବ୍ୟୟ ଅଟକଳ ବଢ଼ିବଢ଼ି ୪ ଗୁଣ ହେଲାଣି। ମହାନଦୀ ଜଳ ପ୍ରସଙ୍ଗରେ ଏକାଏକା ଲଢ଼ିବ ବୋଲି କହିଲ, ଅଦାଲତ ଗଲ, ମାତ୍ର ଫଳ କ'ଣ ହେଲା? ଚାଷୀଙ୍କୁ ସାର, ବିହନ, ପାଣି ଦରକାର ଏ କଥା ସରକାରଙ୍କୁ ଜଣାନାହିଁ। ଏତକ ଯୋଗାଇ ଦେଲେ ଜୋତା, ଛତା ଚପଲ ଚାଷୀ କିଣି ପାରିବ। ଏ କଥା ସରକାର ବୁଝନ୍ତୁ ବୋଲି ଶ୍ରୀ ସିଂହଦେଓ କହିଥିଲେ। ସେହିପରି ବିଧାୟକ ନବ ଦାସ, ତାରାପ୍ରସାଦ ବାହିନୀପତି, ପ୍ରଦୀପ ପୁରୋହିତ ପ୍ରମୁଖ ସରକାରଙ୍କୁ ସମାଲୋଚନା କରିଥିଲେ।ଅପରପକ୍ଷରେ ବିରୋଧୀଙ୍କ ଅଭିଯୋଗକୁ ବି କଡ଼ା ଜବାବ ଦେଇଛନ୍ତି ଶାସକ ଦଳ ସଦସ୍ୟ। ପଦ୍ମନାଭ ବେହେରା, ମଙ୍ଗଳା କିଷାନ, ସଞ୍ଜୀବ ସାହୁ, ଆୟୁବ ଖାଁ ପ୍ରମୁଖ ବିରୋଧୀଙ୍କୁ ସେମାନଙ୍କ ଅସ୍ତ୍ରରେ ଜବାବ ଦେଇଛନ୍ତି । ୧୭ବର୍ଷ ଧରି ବିଜେଡ଼ି କ୍ଷମତାରେ ଥିଲେ ବି ଏଥିରୁ ୯ ବର୍ଷ ବିଜେପି ଅଂଶୀଦାର ଥିଲା ଓ ରାଜସ୍ୱ ବିଭାଗ ଦାୟିତ୍ୱ ନିଜ ହାତରେ ରଖିଥିଲା । ଏହା ସତ୍ତ୍ୱେ ସେମାନେ ମରୁଡ଼ି ଆକଳନ କିପରି ହୁଏ ସେ କଥା କ'ଣ ଜାଣନ୍ତି ନାହିଁ ବୋଲି ପଦ୍ମନାଭ କହିଥିଲେ। ସେହିପରି ମଙ୍ଗଳା କିଷାନ ହୀରାକୁଦ ବନ୍ଧ ପରେ କେନ୍ଦ୍ର ସରକାର ଜଳସେଚନ ନିମନ୍ତେ ଆଉ କେଉଁ ପ୍ରକଳ୍ପ ନିମନ୍ତେ ସହାୟତା ଦେଇଛନ୍ତି ବୋଲି ବିରୋଧୀଙ୍କୁ ପ୍ରଶ୍ନ କରିବା ସହ ଖାଲି ଅଭିଯୋଗ କଲେ ହେବ ନାହିଁ, ଏଥିପାଇଁ ଆବଶ୍ୟକ ସହଯୋଗ କରିବା ଆବଶ୍ୟକ ବୋଲି ମତ ଦେଇଥିଲେ।

### ପିଲାଙ୍କୁ ଜଗିବ ...

ରଞ୍ଜନା ଚୋପ୍ରାଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଶାସନ ସଚିବ ବିଭୁ ପ୍ରସାଦ ଷଡଙ୍ଗୀ ସବୁ ପ୍ରାଥମିକ ବିଦ୍ୟାଳୟ, ମାଧ୍ୟମିକ ବିଦ୍ୟାଳୟ ଓ ଓପେପା ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ତୁରନ୍ତ ଉକ୍ତ ମାର୍ଗଦର୍ଶିକାକୁ କଡାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଗଦର୍ଶିକାରେ କୁହାଯାଇଛି ଯେ ଏଣିକି ବିଦ୍ୟାଳୟ ପରିସରରେ କୌଣସି ବ୍ୟକ୍ତି ଓ ବାହାର ଦୋକାନୀ ପଶିପାରିବେ ନାହିଁ। ବାହାର ଖାଦ୍ୟ ଖାଇ ଅନେକ ସମୟରେ ଛାତ୍ରଛାତ୍ରୀ ପେଟ ଯନ୍ତ୍ରଣାରେ ପଡୁଥିବାରୁ ଏହାକୁ ଦୃଷ୍ଟିରେ ରଖି ଶିକ୍ଷକମାନେ କଡ଼ା ଦୃଷ୍ଟି ଦେବାକୁ କୁହାଯାଇଛି। ସେହିପରି ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ପାଇଁ ପରିଚୟ ପତ୍ର ଲାଗୁ କରାଯିବାକୁ ମାର୍ଗଦର୍ଶିକାରେ କୁହାଯାଇଥିବାବେଳେ ପରିଦର୍ଶକ ପାସ୍‌ର ବ୍ୟବସ୍ଥା କରାଯିବାକୁ ରହିଛି। ବିଦ୍ୟାଳୟ ଭିତରକୁ ଯାଉଥିବା ସବୁ କାର, ବସ୍ ଓ ଅନ୍ୟାନ୍ୟ ଗାଡିଗୁଡିକୁ ଯାଞ୍ଚ କରାଯିବ। ଏମିତିକି ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଦ୍ୟାଳୟ ପରିସର ଓ ଗାଡି ମାନଙ୍କରେ ସିସି କ୍ୟାମେରା ଓ ଜିପିଏସ୍ ଲଗାଯିବ। ଏହାକୁ ବିଦ୍ୟାଳୟର ଦାୟିତ୍ୱସମ୍ପନ୍ନ ବ୍ୟକ୍ତି ତଦାରଖ କରିବେ। ପ୍ରଶାସନିକ ଅଧିକାରୀମାନେ ନିୟମିତ ବ୍ୟବଧାନରେ ଶୌଚାଳୟ, ମଧ୍ୟାହ୍ନଭୋଜନ, ଶ୍ରେଣୀଗୃହ ଏବଂ ଖୋଲା ପଡିଆ ଆଦିକୁ ଯାଞ୍ଚ କରିବେ। ଯଦି ଛାତ୍ରଛାତ୍ରୀ ପରିଚୟପତ୍ର ଆଣି ନଥିବେ ତେବେ ଅଭିଭାବକ ଦରଖାସ୍ତ ଦେଇ କାରଣ ସମ୍ପର୍କରେ ଜଣାଇବା ପରେ ଯାଇ ବିଦ୍ୟାର୍ଥୀକୁ ଭିତରକୁ ଛଡାଯିବ। ସ୍କୁଲ ସମୟ ଶେଷରେ ଅଭିଭାବକଙ୍କୁ ହିଁ ଛାତ୍ରଛାତ୍ରୀ ହସ୍ତାନ୍ତର କରାଯିବ। ତେବେ ବାହାରୁ ଯେଉଁ ଗାଡିଗୁଡିକ ବିଦ୍ୟାଳୟ କାର୍ଯ୍ୟରେ ନିୟୋଜିତ ହେବେ ସେଥିରେ ଥିବା ଗାଡ଼ି ଚାଳକ, ହେଲପର ଓ ଅନ୍ୟମାନଙ୍କ ଚରିତ୍ର ପଞ୍ଜିକାକୁ ପୁଲିସ ଯାଞ୍ଚ କରିବାପରେ ଯାଇ ରଖାଯିବ। ସବୁ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ପାଇଁ ଅଲଗା ଶୌଚାଳୟ ରହିବ। ବିଦ୍ୟାର୍ଥୀମାନେ ଶୌଚାଳୟ ଯିବାବେଳେ ସଙ୍ଗରେ ଆୟାମାନଙ୍କୁ ଯିବାକୁ ପଡିବ। ସ୍କୁଲ ବସ୍‌ଗୁଡିକୁ ଟ୍ରାକିଂ କରିବାପାଇଁ ସିସିଟିଭି ଓ ଜିପିଏସ୍ ଲଗାଯିବ। ଜଣେ ଲେଖାଏଁ ଶିକ୍ଷକ ବସ୍‌ରେ ଯାତାୟାତ କରିବେ। ସୁରକ୍ଷା କର୍ମୀ ଏହିସବୁ କାର୍ଯ୍ୟରେ ନିୟୋଜିତ ରହିବେ। ଯେଉଁ ସବୁ ଗାଡ଼ି ବିଦ୍ୟାଳୟରେ ଲାଗିବ ସେଗୁଡିକର ଫିଟ୍‌ନେସ୍ ଓ ଅନ୍ୟାନ୍ୟ କାଗଜପତ୍ର ସବୁ ଠିକ୍ ଥିବା ଆବଶ୍ୟକ। ଏ ସମ୍ପର୍କରେ ବିଭାଗୀୟ ସଚିବ ରଞ୍ଜନା ଚୋପ୍ରା କହିଛନ୍ତି ଯେ ବିଭିନ୍ନ ସମୟରେ ଛାତ୍ରଛାତ୍ରୀମାନେ ଅସୁବିଧାର ସମ୍ମୁଖୀନକୁ ଦୃଷ୍ଟିରେ ରଖି ବିଭାଗ ଏହି ନିଷ୍ପତ୍ତି ନେଇଛି। ଆଗାମୀ ଦିନରେ ଏହାକୁ କଡାକଡି ଭାବେ କାର୍ଯ୍ୟକାରୀ କରାଯିବ ବୋଲି ଶ୍ରୀମତୀ ଚୋପ୍ରା ସୂଚନା ଦେଇଛନ୍ତି।

### ହଜିଗଲେ ...

କିନ୍ତୁ ସେମାନଙ୍କ ମଧ୍ୟରୁ ମାତ୍ର ୯ଲକ୍ଷ ଚାଷୀ ନିଜର ଉତ୍ପାଦିତ ଧାନ ବିକ୍ରି କରିଛନ୍ତି। ବିଭାଗର ସମୀକ୍ଷାବେଳେ ଏହି ତଥ୍ୟ ପଦାକୁ ଆସିଛି। ତେବେ ୧୦ଲକ୍ଷ ଚାଷୀଙ୍କ ଧାନ ତଥା ଉତ୍ପାଦିତ ଫସଲର ପତ୍ତା ମିଳୁନି। ସେମାନେ ସରକାରଙ୍କୁ ଧାନ ବିକ୍ରି କରିନାହାନ୍ତି, ହୁଏତ ଫସଲ ଋଣ ନେଇ ଅନ୍ୟ କାର୍ଯ୍ୟରେ ଲଗାଇଥିବେ। ସେହି ଚାଷୀମାନଙ୍କୁ ଖୋଜି ବାହାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି ଓ ସେମାନଙ୍କଠାରୁ ବ୍ୟବସାୟିକ ଋଣ ଆକାରରେ ସୁଧ ଆଦାୟ ହେବ। ରାଜ୍ୟ ସରକାର ମୁଣ୍ଡପିଛା ୩ ବସ୍ତା ଛାଡ଼ି ସବୁ ଚାଷୀଙ୍କଠାରୁ ଧାନ କିଣିବେ ବୋଲି ଗାଇଡ୍‌ଲାଇନ୍ ଜାରି କରିଛନ୍ତି। କେଉଁମାନେ ଧାନ ବିକ୍ରି କରିବେ ଓ କେତେ ପରିମାଣର ବିକିବେ ସେ ସମ୍ପର୍କରେ ଚାଷୀମାନଙ୍କୁ ଅବଗତ କରାଯିବ। ଭାଗଚାଷୀମାନେ ଗାଁ କମିଟି, ସରପଞ୍ଚ ଓ ସମିତି ସଭ୍ୟଙ୍କ ମଧ୍ୟରୁ ଯାହାଠୁ ବି ଲିଖିତ ଆକାରରେ ଆଣିଲେ ସେମାନେ ଧାନ ବିକ୍ରି ପାଇଁ ନିଜ ନାମ ପଞ୍ଜୀକରଣ କରିପାରିବେ। ଏନେଇ ବ୍ୟାପକ ସଚେତନତା କରାଯିବା ସହ ପ୍ରତି ଆରଏମ୍‌ସି ଅଧୀନରେ ଗୋଟିଏ ପ୍ରଚାର ରଥ ବୁଲିବାକୁ ନିଷ୍ପତ୍ତି ହୋଇଛି। ଯଦି ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରଠାରୁ କମ୍ ଦାମରେ କୌଣସି ମିଲ୍‌ର କିମ୍ବା ବାହାର ବ୍ୟବସାୟୀ ଧାନ କିଣନ୍ତି ତା'ହେଲେ ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ। ଯଦି ଚାଷୀ ଅଧିକ ଦାମରେ ବାହାରେ ଧାନ ବିକ୍ରି କରିବେ, ସେଥିରେ ସରକାରଙ୍କ ଆପତ୍ତି ରହିବ ନାହିଁ।

### ପ୍ରତି ୱାର୍ଡକୁ ...

ପୁରୀ ରାସ୍ତା ପଟରେ ଥିବା ଦୟା କୂଳରେ ଗୋଟିଏ ଲେଖାଏଁ ଅସ୍ଥାୟୀ ପୋଖରୀ ଖୋଳାଯିବ। ବିଏମ୍‌ସି ପକ୍ଷରୁ ସଂପୃକ୍ତ ପୋଖରୀଗୁଡ଼ିକ ନିକଟରେ ଆଲୋକୀକରଣ କରାଯିବାକୁ ବିଦ୍ୟୁତ୍ ଡିଭିଜନ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ରାଜଧାନୀର ସମସ୍ତ ୱାର୍ଡରେ ପୂଜା ପୂର୍ବରୁ ରାସ୍ତାଗୁଡ଼ିକର ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ତାଲିକା ପ୍ରସ୍ତୁତ କରିବାକୁ ହୋଇଯାଇଛି। ୱାର୍ଡଗୁଡ଼ିକରେ ରହିଥିବା ଖାଲଖମା ମରାମତି କରିବା ପାଇଁ ୱାର୍ଡ ପିଛା ୫ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ବଜେଟ୍ ନିର୍ଦ୍ଧାରିତ ହୋଇଛି। ବିଭିନ୍ନ ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍‌କୁ ନେଇ ରହିଥିବା ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସ୍ଥିର ହୋଇଛି। ଏଥିପାଇଁ ଅଧିକ କର୍ମଚାରୀ ବ୍ୟବହାର କରିବା ସହ ଦିନରାତି ସମୟ ଦେଇ ଷ୍ଟ୍ରିଟ୍ ଲାଇଟ୍ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ, ରାଜଧାନୀରେ ବିଏମ୍‌ସି ପକ୍ଷରୁ ୩୫ ହଜାର ଏଲ୍‌ଇଡି ଷ୍ଟ୍ରିଟ୍ ଲାଇଟ୍ ଲାଗିଥିବା ବେଳେ ୨ୟ ପର୍ଯ୍ୟାୟରେ ବଳକା ୬ହଜାର ସ୍ଥାନରେ ନୂତନ ଏଲ୍‌ଇଡି ଲାଇଟ୍ ଲାଗିବା କାର୍ଯ୍ୟ ଜାରି ରହିଛି। ବିଏମ୍‌ସି କାର୍ଯ୍ୟାଳୟରେ ମେୟର ଅନନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଦଶହରା ପାଇଁ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଇଞ୍ଜିନିୟରିଂ ଡିଭିଜନ୍ ଠାରୁ ଆରମ୍ଭ କରି ବିଦ୍ୟୁତ ବିଭାଗ, ପରିବେଶ, ନଗର ସ୍ୱାସ୍ଥ୍ୟ ବିଭାଗ ସହିତ ଅନ୍ୟାନ୍ୟ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର, ସମସ୍ତ ଷ୍ଟାଣ୍ଡିଂ କମିଟର ଅଧ୍ୟକ୍ଷ, ବିଏମ୍‌ସି ଅତିରିକ୍ତ କମିଶନର, ଜୋନାଲ୍ ଡେପୁଟି କମିଶନର ବିନୟ ଦାଶ, ଶୁଭ୍ରାଂଶୁ ମିଶ୍ର, ସିଟି ଇଂଜିନିୟରଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ଭାରତ-ଜାପାନ ...

ଜୀବନଧାରଣରେ ଉନ୍ନତି ଆଣିପାରିଛି। ମୋଦି ଆବେଙ୍କ ସହ ମିଳିତ ଭାବେ ପ୍ରକଳ୍ପର ଶୁଭାରମ୍ଭ କରି ଆହୁରି କହିଲେ, ଏହା ଦ୍ୱାରା ଭାରତର ବହୁ ଦିନର ସ୍ୱପ୍ନ ସାକାର ହୋଇଛି। ବୁଲେଟ୍ ଟ୍ରେନ୍ ବେଗରେ ଯେତିକି ଉନ୍ନତି ଆଣିବ, ନିଯୁକ୍ତି କ୍ଷେତ୍ରରେ ମଧ୍ୟ ତତୋଧିକ ସୁଯୋଗ ସୃଷ୍ଟି କରିବ। ଜାପାନ ଏଥିପାଇଁ ବୈଷୟିକ ସହାୟତା ଏବଂ ୮୮ ହଜାର କୋଟି ଟଙ୍କାର ଋଣ କମ୍ ସୁଧରେ ଯୋଗାଇ ଦେଉଥିବାରୁ ମୋଦି ପ୍ରଧାନମନ୍ତ୍ରୀ ଆବେଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି ଉତ୍ସବରେ ମୋଦି ଓ ଆବେଙ୍କ ବ୍ୟତୀତ ରେଳବାଇ ମନ୍ତ୍ରୀ ପୀୟୂଷ ଗୋଏଲ, ରେଳ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା, ଗୁଜରାଟ ରାଜ୍ୟପାଳ ଓପି କୋହଲି, ମୁଖ୍ୟମନ୍ତ୍ରୀ ବିଜୟ ରୁପାନୀ ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନାବିଶ୍ ପ୍ରମୁଖ ଉପସ୍ଥିତ ଥିଲେ। ଜାପାନ ଏହି ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ୬ ହଜାର କୋଟି ଟଙ୍କା ଖୁବ୍‌ଶୀଘ୍ର ମଞ୍ଜୁର କରିବ।

### ଛାଡ଼ପତ୍ର ...

ନଚେତ ୬ମାସ ପରେ ଛାଡପତ୍ର ଚୂଡାନ୍ତ ହେଉଥିଲା। ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ବିବାହକୁ ବଞ୍ଚାଇବା ଲାଗି ସବୁ ପ୍ରକାର ପ୍ରୟାସ ହେବା ଆବଶ୍ୟକ। ଦମ୍ପତି ଏକାଠି ରହିବାର ସମ୍ଭାବନା ନଥିଲେ କିମ୍ବା ସାନି ଥଇଥାନ ହେବାର ସମ୍ଭାବନା ଥିଲେ ତାକୁ ଦୃଷ୍ଟିରେ ରଖି ସେମାନଙ୍କୁ ୬ମାସ ସମୟ ଦିଆଯାଇଥାଏ। ତା'ସହିତ ଭରଣପୋଷଣ ଓ ପିଲାଙ୍କ ଲାଳନପାଳନ ଆଦି ବିବାଦ ମଧ୍ୟ ଏହି ସମୟ ଭିତରେ ସମାଧାନ ହୋଇଥାଏ। କିନ୍ତୁ ଯଦି ଏସବୁ ବିବାଦ ତୁଟିଥାଏ ସେ କ୍ଷେତ୍ରରେ ଆଉ ୬ମାସ ଅପେକ୍ଷା କରିବାର ଆବଶ୍ୟକତା ନଥାଏ। ଦିଲ୍ଲୀର ଏକ ଦମ୍ପତିଙ୍କ ପକ୍ଷରୁ ଆଗତ ଆବେଦନ ଉପରେ ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହା କହିଛନ୍ତି। ଦମ୍ପତି ଦର୍ଶାଇଥିଲେ ଯେ ସେମାନେ ୮ ବର୍ଷ ହେଲା ଅଲଗା ରହୁଛନ୍ତି। ସାନି ଏକାଠି ହେବାର କିମ୍ବା ବୁଝାମଣା କରିବାର କୌଣସି ସମ୍ଭାବନା ନାହିଁ। ତେଣୁ ସେମାନଙ୍କୁ ଆଉ ୬ମାସ ଅପେକ୍ଷା କରିବାର ସମୟ ଦିଆ ନଯାଉ। ଦିଲ୍ଲୀ ହାଇକୋର୍ଟ ସେମାନଙ୍କର ଏହି ଅନୁରୋଧକୁ ଅଗ୍ରାହ୍ୟ କରିଦେବା ପରେ ଦମ୍ପତି ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲେ।

ଏକମାତ୍ର
ଅନୁସନ୍ଧାନ ପରେ ଖବର
ଭୁବନେଶ୍ୱର, ୧୮ - ୨୪ ସେପ୍ଟେମ୍ବର, ୨୦୧୭
Bhubaneswar, 18th -24th September, 2017







# ୪ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିବ ସହିଦ ନଗର ଦୁର୍ଗାପୂଜା ସମିତି



**ଭୁବନେଶ୍ୱର :** ଆସନ୍ତା ଦୁର୍ଗାପୂଜା ଅବସରରେ ସ୍ଥାନୀୟ ସହିଦ ନଗର ଦୁର୍ଗାପୂଜା ସମିତି ପକ୍ଷରୁ ୪ ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହି ଚାରି ଜଣ କ୍ରୀଡ଼ା କ୍ଷେତ୍ରରେ ବିଶେଷ ସଫଳତା ପାଇଥିବାରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରିବା ସକାଶେ ସମିତି ନିଷ୍ପତ୍ତି ନେଇଛି ବୋଲି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ସେମାନଙ୍କ ମଧ୍ୟରେ ବିଶିଷ୍ଟ ମହିଳା କ୍ରିକେଟ୍ କୋଚ୍ ରଶ୍ମିତା ମହାନ୍ତି, ଯୁବ କ୍ରିକେଟ୍ ଭାଷ୍ୟକାର କୁମାର ଅଭିଷେକ ଦାସ, ବିଶିଷ୍ଟ କରାଟେ ପ୍ରତିଯୋଗୀ ଦିଲୀପ ଜେନା ଓ ବିଶିଷ୍ଟ କ୍ରୀଡ଼ା ସଂଗଠକ ତଥା ପୂର୍ବତନ ସହକାରୀ କ୍ରୀଡ଼ା ନିର୍ଦ୍ଦେଶକ ଅଶୋକ ମହାନ୍ତି। ୪୫ ବର୍ଷୀୟା ରଶ୍ମିତା ପୂର୍ବରୁ ଓଡ଼ିଶା ମହିଳା କ୍ରିକେଟ୍ ଦଳର କୋଚ୍ ଦାୟିତ୍ୱ ତୁଲାଇସାରିଛନ୍ତି। ନିଜ କ୍ୟାରିୟରରେ ଜଣେ ବ୍ୟାଟ୍‌ସଓମ୍ୟାନ୍ ସହ ଅଫ୍‌ବ୍ରେକ୍ ବୋଲର୍ ରହିଥିବା ରଶ୍ମିତା ଏବେ କିଟ୍‌ରେ ସହକାରୀ କ୍ରୀଡ଼ା ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି। ସେହିପରି ଯୁବ ଭାଷ୍ୟକାର ଭାବେ କୁମାର ଅଭିଷେକ ଦାସ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ସର୍ବକନିଷ୍ଠ କ୍ରିକେଟ୍ ଭାଷ୍ୟକାର ଭାବେ ଲିମ୍କା ବୁକ୍ ରେକର୍ଡ୍‌ସରେ ମଧ୍ୟ ସ୍ଥାନ ପାଇଛନ୍ତି। ଏହାଛଡ଼ା କରାଟେକା ଦିଲୀପ ରାଜ୍ୟ ପାଇଁ ଜାତୀୟ ସ୍ତରରେ ଏକାଧିକ ପଦକ ପାଇବା ସହ ସଂପ୍ରତି ଉତ୍କଳ କରାଟେ ସ୍କୁଲ୍‌ରେ ପ୍ରଶିକ୍ଷଣ ଦେଉଛନ୍ତି। ତା'ଛଡ଼ା ସେ ଏସିଆନ୍ କରାଟେ ଚାମ୍ପିଅନ୍‌ଶିପ୍‌ରେ ମଧ୍ୟ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ସେହିପରି ଅଶୋକ ମହାନ୍ତି ଜଣେ ବିଶିଷ୍ଟ କ୍ରୀଡ଼ା ସଙ୍ଗଠକ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସମିତିର ଉପଦେଷ୍ଟା ଜଗନ୍ନାଥ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ନାରାୟଣ ମହାପାତ୍ର, ସୁରେଶ ଦାସ, ପଙ୍କଜ ପଟ୍ଟନାୟକ, ହରିଶ ପ୍ରସାଦ ରଥ ଓ ଉମାନାଥ ମିଶ୍ର ଉପସ୍ଥିତ ଥିଲେ।




**ଭୁବନେଶ୍ୱର :** ଜୟଦେବ ଭବନରେ ଦିଲ୍ଲୀପ ବଳବନ୍ତରାୟଙ୍କ 'ବୋଉ' ଏବଂ 'ଅଣୁକବିତା' ପୁସ୍ତକ ଲୋକାର୍ପଣ ଅବସରରେ ବିଶିଷ୍ଟ ଲେଖକ ଏବଂ ଅଧ୍ୟାପକ ବିଶ୍ୱରଞ୍ଜନ, ପ୍ରାବନ୍ଧିକା ଡ. ସଙ୍ଘମିତ୍ରା ମିଶ୍ର, ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଆଡଭୋକେଟ୍ ଦିଲ୍ଲୀପ କୁମାର ନନ୍ଦ ଏବଂ ଅଧ୍ୟାପିକା ଉଷା ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।




## ଆଞ୍ଚଳିକ ଖବର




# ପରମ୍ପରା ସହିତ ଶୃଙ୍ଖଳାକୁ ଗୁରୁତ୍ୱ

**ବଡଗଡ଼ :** ସବୁବର୍ଷ ପରି ଚଳିତ ବର୍ଷ ବଡ଼ଗଡ଼ ଗାଁ ଦୁର୍ଗାପୂଜା କମିଟି ଶ୍ରଦ୍ଧାଳୁ ଭକ୍ତମାନଙ୍କ ପାଇଁ ଶାରଦୀୟ ଦୁର୍ଗାପୂଜାରେ ନୂତନତ୍ୱ ଆଣିବାକୁ ଅନେକ ପ୍ରକାର ନୂଆ ପ୍ରୟାସ କରିଛି। କମିଟି ପକ୍ଷରୁ ୩୩ତମ ଦୁର୍ଗାପୂଜା ପାଳନ ଅବସରରେ ମୀନାର ପ୍ୟାଲେସ୍ ତୋରଣର ମୁଖ୍ୟ ଆକର୍ଷଣ ବୋଲି କମିଟିର କର୍ମକର୍ତ୍ତା କହିଛନ୍ତି। ଏହି ପ୍ୟାଲେସ୍ ତାମ୍ର ରଙ୍ଗରେ ଝଲସି ଉଠିବା ସହିତ ଏହାର ଚାରୋଟି ଦିଗରେ ୪ଟି ସୁଉଚ୍ଚ ଆଲୋକ ତୋରଣ ନିର୍ମାଣ ହେବାର କାର୍ଯ୍ୟ ମଧ୍ୟ ଜୋରସୋରରେ ଆଗେଇ ଚାଲିଛି। ଏଥିପାଇଁ ବ୍ୟୟ ବରାଦ ୭ଲକ୍ଷ ଟଙ୍କା ବୋଲି ଜଣାପଡିଛି। ସେହିଭଳି ଆକର୍ଷଣୀୟ ମେଢ଼ ଏବଂ ମୂର୍ତ୍ତି ତିଆରି ଉପରେ ଗୁରୁତ୍ୱ ଦେଇଛି ବଡଗଡ଼ ପୂଜା କମିଟି। ପାରମ୍ପରିକ ରୀତିନୀତି ଅନୁସାରେ ସୁନିଆ ଦିନ ମାଟି ଅନୁକୂଳ ହେବା ପରେ ମୂର୍ତ୍ତି ତିଆରି କାର୍ଯ୍ୟ ଆରମ୍ଭ କରାଯାଇଛି। ରୌପ୍ୟ ନଗରୀ କଟକରୁ ଏଥିପାଇଁ ସୁନାମଧନ୍ୟ ମୂର୍ତ୍ତି କାରିଗର ନିଜ ସହକର୍ମୀମାନଙ୍କ ସହିତ ଆସି ମୂର୍ତ୍ତି ତିଆରିରେ ନିମଗ୍ନ ଅଛନ୍ତି। ଏହାର ମୁଖ୍ୟ କାରିଗର ଭାବେ ପଦ୍ମନାଭ ମୁଦୁଲି ମା'ଙ୍କ ମୂର୍ତ୍ତିକୁ କିଭଳି ଅଧିକ ଆକର୍ଷଣୀୟ ତଥା ଲୋଭନୀୟ କରାଯାଇପାରିବ ସେ ଦିଗରେ ଯଥେଷ୍ଟ ସତର୍କ ରହିଛନ୍ତି। ନଡା ଉପରେ ମାଟିର ପ୍ରଲେପ ଦିଆଯାଇ ପାର୍ଶ୍ୱ ଦେବାଦେବୀଙ୍କ ତିଆରି ମଧ୍ୟ ସମାନ ଭାବେ ଚାଲିଥିବା ଦେଖିବାକୁ ମିଳିଛି। ଏଥିରେ କଟକ ବଙ୍ଗାଳି ସାହିର ମୂର୍ତ୍ତି କାରିଗର ସୁଜିତ ମହାରଣା ୧୮ ଫୁଟ୍ ଉଚ୍ଚର ମେଢ଼ କାମ ମଧ୍ୟ ଅତ୍ୟନ୍ତ ନିଷ୍ଠାର ସହ କରୁଛନ୍ତି। ପରମ୍ପରା ଅନୁସାରେ ବଡଗଡ଼ ପୂଜା କମିଟି ସମସ୍ତ କାର୍ଯ୍ୟକୁ ନୀତିନିଷ୍ଠ ହୋଇ କରୁଥିବା ଜଣାପଡିଛି। ନିମାପଡ଼ାର ପଣ୍ଡିତ ସଦାଶିବ ରଥଙ୍କ ପରାମର୍ଶ ଏହି ପୂଜାକୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ପରିପୁଷ୍ଟ କରିବ ବୋଲି ମଧ୍ୟ ସୂଚନା ମିଳିଛି। ଚଳିତ ବର୍ଷ ଦୁର୍ଗାପୂଜା ଅବସରରେ ଏହି ଅଞ୍ଚଳର ମାଟ୍ରିକ୍ ପରୀକ୍ଷା, କ୍ରୀଡ଼ା ଓ ସମାଜ ସେବାକ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ୫ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ପୂଜା କମିଟି ତରଫରୁ ମନୋନୀତ କରାଯାଇ ଦଶମୀ ଦିନ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ସେହିପରି ଭସାଣି ଉତ୍ସବକୁ ଅଧିକ ମନୋରଞ୍ଜନଧର୍ମୀ ଓ ଜାକଜମକରେ ପାଳନ କରିବା ପାଇଁ ଦୁଲଦୁଲି, ପଞ୍ଜାବୀ ବାଦ୍ୟ, ଘଣ୍ଟଘଣ୍ଟା, ଶଙ୍ଖ, ବ୍ୟାଣ୍ଡପାର୍ଟି, ସମ୍ବଲପୁରୀ ନୃତ୍ୟ ସହ ଡିଜେ ଭଳି ଅତ୍ୟାଧୁନିକ ବାଦ୍ୟ ଏବଂ ହାତୀ, ଘୋଡ଼ା, ରାଜାରାଣୀ, ନାଗା, ବଗବଗୁଲି ନୃତ୍ୟ ପରିବେଷଣ କରାଯିବ। କମିଟି ପକ୍ଷରୁ ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ୪ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ପ୍ରତ୍ୟେହ ସଂଧ୍ୟାରେ ଶ୍ରଦ୍ଧାଳୁ ମାନଙ୍କୁ ଖେଚୁଡ଼ି ଭୋଗ ଦିଆଯିବ। ବିଧି ଅନୁସାରେ ଅଷ୍ଟମୀରେ ମା'ଙ୍କ ପୀଠରେ ପାଣି କଖାରୁ ବଳି ଓ ଅଷ୍ଟମୀରୁ ଦଶମୀ ପର୍ଯ୍ୟନ୍ତ ମଣ୍ଡପ ନିକଟରେ ଗାଡ଼ିପୂଜା କରାଯିବ। ବଡ଼ଗଡ଼ ଗାଁ, ବ୍ରିଟ୍ କଲୋନୀ, ବିଜେବି ନଗର, କଳ୍ପନା ଏରିଆ, ପୁରୁଣାଷ୍ଟେସନ ବଜାର, ପତିତପାବନ ନଗର ବାସିନ୍ଦାଙ୍କୁ ନେଇ ଆୟୋଜିତ ଏହି ଦୁର୍ଗାପୂଜା ସମ୍ପୂର୍ଣ୍ଣ ଶୃଙ୍ଖଳିତ ପୂଜା ବୋଲି ଜଣାପଡିଛି। ଏହାର ଭିନ୍ନତା ଏଇଥିପାଇଁ ଯେ, ଏହି ପୂଜା ଆୟୋଜନ ପାଇଁ କାହାଠାରୁ ଜୋରଜବରଦସ୍ତ ବା ବଳପୂର୍ବକ ଚାନ୍ଦା ଆଦାୟ କରାଯାଏନାହିଁ। ପୂଜା ସହିତ ସଂଶ୍ଲିଷ୍ଟ ସମସ୍ତ କର୍ମକର୍ତ୍ତା ଅତ୍ୟନ୍ତ ଶୃଙ୍ଖଳିତ ଏବଂ ପୂଜା ପରେ ଅନୁଷ୍ଠିତ ଭଷାଣୀ ଉତ୍ସବରେ କେହି ନିଶା ସେବନ କରନ୍ତି ନାହିଁ ବୋଲି କମିଟିର ସଭାପତି କହିଛନ୍ତି। କମିଟିର ଏହି ନିଷ୍ପତ୍ତି ଅନୁସାରେ ପୋଲିସ ଉପସ୍ଥିତ ରହିଲେ ବି କମିଟି ପକ୍ଷରୁ ୨୦ ଜଣ ସ୍ୱେଚ୍ଛାସେବୀ ଏବଂ ୬ ଜଣ ସୁରକ୍ଷାକର୍ମୀ ମଣ୍ଡପ ପରିସରରେ ଶୃଙ୍ଖଳା ରକ୍ଷା କରିବା ପାଇଁ ମୁତୟନ କରାଯିବେ ଏବଂ ପୂଜାର ସମସ୍ତ ଦୃଶ୍ୟ ସିସିଟିଭି କ୍ୟାମେରାରେ ରେକର୍ଡ କରାଯିବ ବୋଲି କମିଟି ପକ୍ଷରୁ ଜଣାପଡିଛି।



### ଯାହା କହନ୍ତି ...



***ପ୍ରତାପ ଜେନା(ସଭାପତି):*** ରାଜଧାନୀରେ ବଡଗଡ ଗାଁ ଦୁର୍ଗାପୂଜା ସ୍ୱତନ୍ତ୍ର। ଏଠାରେ ପରମ୍ପରା ବଜାୟ ରହିବା ସହିତ ସମସ୍ତ କାର୍ଯ୍ୟକ୍ରମ ଓ ରୀତିନୀତି ଶୃଙ୍ଖଳାର ସହିତ ପାଳନ କରାଯାଇଥାଏ। ତେଣୁ ପୂଜାର ବୈଶିଷ୍ଟ୍ୟ ହେଉଛି ଶୃଙ୍ଖଳା। ମା'ଦୁର୍ଗାଙ୍କ ପୂଜା ଉତ୍ସବ ଆୟୋଜନ ପାଇଁ କାହାଠାରୁ ବଳପୂର୍ବକ ଚାନ୍ଦା ଆଦାୟ କରାଯାଏନାହିଁ। କମିଶନରେଟ୍ ପୋଲିସ ନିର୍ଦ୍ଧାରଣ କରିଥିବା ସମସ୍ତ ଆଇନ୍ କାନୁନ୍ ଅନୁସାରେ ଆମେ ଆମର ଏହି ଉତ୍ସବକୁ ପାଳନ କରିଥାଉ। କମିଟି ପକ୍ଷରୁ ପୂଜା ମଣ୍ଡପ ପରିସରରେ ଶୃଙ୍ଖଳା ରକ୍ଷା କରିବାକୁ ସ୍ୱେଚ୍ଛାସେବୀଙ୍କୁ ମୁତୟନ କରାଯାଏ। ଫଳରେ ଏଠାରେ କୌଣସି ଗଣ୍ଡଗୋଳ ବା ଅପରାଧ ଘଟିବା ଏଯାବତ୍ ଦେଖାଯାଇନି। ପୋଲିସ ଉପସ୍ଥିତ ଥିଲେ ବି ଶୃଙ୍ଖଳା ରକ୍ଷା କରିବା ପାଇଁ ବଡଗଡ଼ ପୂଜା ପୋଲିସର ଆବଶ୍ୟକତା ଅନୁଭବ କରେନାହିଁ। ଏହି ପୂଜାର ନୀତିନିୟମ ଠିକ୍ ରହିବା ଦ୍ୱାରା ଏହା ଶ୍ରଦ୍ଧାଳୁମାନଙ୍କୁ ଆକର୍ଷିତ କରିଥାଏ ଏବଂ ସେମାନେ ନିଜର ଭକ୍ତି ମା'ଙ୍କ ନିକଟରେ ଅର୍ପଣ କରିବାର ସୁଯୋଗ ପାଆନ୍ତି। ତେଣୁ ଆମ ପୂଜା ସ୍ୱତନ୍ତ୍ର ଓ ଅନ୍ୟ ପୂଜାଠାରୁ ଭିନ୍ନ ବୋଲି ଅନୁଭବ ହୋଇଥାଏ।



***ଅଶୋକ ପାତ୍ର (ସମ୍ପାଦକ) :*** ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ଭୁବନେଶ୍ୱରକୁ ଆମ ଗାଁ ବଡଗଡ଼ର ଅବଦାନ ଯଥେଷ୍ଟ ରହିଛି। ଏଠାକାର ଭାଇଭାରା ଏବଂ ନିବିଡ ସମ୍ପର୍କ ଏ ସହରର ଅନ୍ୟ କେଉଁଠି ଦେଖିବାକୁ ମିଳେନାହିଁ। ବର୍ଷ ସାରା ବାରମାସ ତେର ପର୍ବ ଗାଁ ଲୋକଙ୍କ ସମ୍ପର୍କକୁ ବାନ୍ଧି ରଖିଥାଏ। ଏହି ଦୃଷ୍ଟିକୋଣରୁ ବଡଗଡ଼ ଗାଁର ସାର୍ବଜନୀନ ଦୁର୍ଗାପୂଜା ବିଶେଷ ମହତ୍ୱ ରଖିଥାଏ। ଆମେ ଅତ୍ୟନ୍ତ ନିଷ୍ଠାର ସହିତ ମା' ଦୁର୍ଗାଙ୍କ ପୂଜା ଉତ୍ସବ ପାଳନ କରିବା ସହିତ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଦିଗ ପ୍ରତି ଯଥେଷ୍ଟ ଗୁରୁତ୍ୱ ଦେଇଥାଉ। ତେଣୁ ଆମ ପୂଜା ଏକ ନିଆରା ଓ ପାରମ୍ପରିକ ପୂଜା ବୋଲି ମୁଁ ବିଶ୍ୱାସ କରେ।

# ଡମଣା : ମୂର୍ତ୍ତିରେ ନାହିଁ ରାସାୟନିକ ରଙ୍ଗ

**ଡମଣା :** ରାଜଧାନୀର ଏକ ପ୍ରମୁଖ ଅଞ୍ଚଳ ଭାବେ ଡମଣା ଗାଁର ଭାଇଚାରାରେ ଭିନ୍ନତା ରହିଛି। ଏହି ଗାଁର ଶାନ୍ତିପ୍ରିୟ ଗ୍ରାମବାସୀ ଏଠାରେ ଅନୁଷ୍ଠିତ ସମସ୍ତ ପର୍ବପର୍ବାଣୀକୁ ଅତ୍ୟନ୍ତ ଆଗ୍ରହ ଓ ନିଷ୍ଠାର ସହିତ ପାଳନ କରନ୍ତି। ଚଳିତ ବର୍ଷ ଷଷ୍ଠଥର ପାଇଁ ଶାରଦୀୟ ଦୁର୍ଗାପୂଜା ଓ ରାବଣପୋଡି ଉତ୍ସବ ପାଳନ ହେବାକୁ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଯାଇଛି। ଏବର୍ଷ ମଧ୍ୟପ୍ରଦେଶର ଗୋବିନ୍ଦ ମହଲ ଢାଞ୍ଚାରେ ଦୁର୍ଗାପୂଜା ତୋରଣ ନିର୍ମାଣ କରାଯାଉଛି। ଏହି ତୋରଣରେ ଉତ୍କଳୀୟ କଳା ସଂସ୍କୃତିର ଝଲକ ରହିବା ସହିତ ଅଧିକ ଆକର୍ଷଣୀୟ ଦେଖାଯିବା ପାଇଁ ରଙ୍ଗ ବେରଙ୍ଗୀ କପଡାର ବ୍ୟବହାର କରାଯାଉଛି। ତୋରଣର ଉଚ୍ଚତା ୬୫ଫୁଟ୍ ଏବଂ ଚଉଡା ୧୦୦ ଫୁଟ୍ ବୋଲି ଜଣାପଡିଛି। ଆୟୋଜକମାନେ କହିଛନ୍ତି ଯେ, ତୋରଣ କାର୍ଯ୍ୟ ପାଇଁ ୨୦ ଜଣ କାରିଗର ଅନ୍ୟ ରାଜ୍ୟରୁ ଆସିଛନ୍ତି। ଏଠାରେ ଦୀର୍ଘ ଏକମାସରୁ ଊର୍ଦ୍ଧ୍ୱ ରହି କାର୍ଯ୍ୟ କରୁଛନ୍ତି। ସେହିଭଳି ଚଳିତ ବର୍ଷ ଡମଣା ଦୁର୍ଗାପୂଜାର ମୂର୍ତ୍ତି ୧୪ଫୁଟ୍ ଉଚ୍ଚତା ବିଶିଷ୍ଟ ବୋଲି ଜଣାପଡିଛି। ସବୁଠୁ ବଡକଥା ହେଉଛି ଏହି ମୂର୍ତ୍ତିରେ କୌଣସି ପ୍ରକାର ରାସାୟନିକ ରଙ୍ଗ ବ୍ୟବହାର କରାନଯାଇ କେବଳ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଉଛି। ମୂର୍ତ୍ତିକୁ ଖାପ ଖାଇଲା ଭଳି ଆକର୍ଷଣୀୟ ସୁନେଲୀ ରଙ୍ଗର ମେଢ଼ ମଧ୍ୟ ନିର୍ମାଣ କରାଯାଉଛି। ଡମଣା ଦୁର୍ଗା ପୂଜାର ସ୍ୱତନ୍ତ୍ରତା ଏଇଆ ଯେ, ଏଠାରେ ଅଷ୍ଟମୀ ଦିନ ଖେଚୁଡି ଭୋଗ, ନବମୀ ଦିନ ଦହି ପଖାଳ ଏବଂ ଦଶମୀ ଦିନ ଶ୍ରଦ୍ଧାଳୁ ଭକ୍ତମାନଙ୍କ ନିମନ୍ତେ ଅନ୍ନଛତ୍ରର ବ୍ୟବସ୍ଥା କରାଯାଇଛି। ଡମଣା ରାବଣ ପୋଡି ଉତ୍ସବ ଏଠାକାର ଅଞ୍ଚଳର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଦିଗ। କାରଣ ନଡ଼ାରେ ତିଆରି ୫୦ଫୁଟ୍ ଉଚ୍ଚତାର ରାବଣ ପ୍ରତିମୂର୍ତ୍ତିରେ କୌଣସି ଆତସବାଜି ବ୍ୟବହାର କରା ନ ଯାଇ ଏହା ସମ୍ପନ୍ନ ହୋଇଥାଏ। ଦୁର୍ଗାପୂଜା ବେଳେ ପୂଜା କମିଟି ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷା ଯୋଗାଇ ଦେବା ପ୍ରତି ଅଧିକ ଧ୍ୟାନ ଦିଆଯାଇ ୧୦୦ଜଣ ସ୍ୱେଚ୍ଛାସେବୀ, ୭ଜଣ ସିକ୍ୟୁରିଟି ଗାର୍ଡ଼, ୪ଟି ସିସିଟିଭି କ୍ୟାମେରା, ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯିବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଏଥିସହିତ ଗ୍ରାମର ବଉଦେଇ ମହିଳା ସମିତି, ଗୋପୀନାଥ କ୍ଲବ , ଲକ୍ଷ୍ମୀନାରାୟଣ କ୍ଲବ, କ୍ରିଷ୍ଣା କ୍ଲବ, ଜୁନିୟର ଗୋପୀନାଥ କ୍ଲବ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କମିଟିର ନିୟମ ଅନୁଯାୟୀ ଭସାଣି ଉତ୍ସବ ଅକ୍ଟୋବର ୧ ତାରିଖରେ କରାଯିବ। ଭସାଣି ଉତ୍ସବ ଦିନ ପାରମ୍ପରିକ ସିଂହବାଜା, ଘୋଡ଼ା ନାଚ, ଭାଲୁ ନାଚ, ପଞ୍ଜାବୀ ବାଜା ଏବଂ କାଳିନାଚର ଆୟୋଜନ କରାଯାଇଥିବା ଜଣାପଡିଛି।





***ନିଶାକର ସାହୁ, ପ୍ରତିଷ୍ଠାତା ସଭାପତି :*** ପରମ୍ପରାକୁ ଧ୍ୟାନ ଦେଇ ଆମେ ଗତବର୍ଷ ଭଳି ଚଳିତ ବର୍ଷ ଆମର ଦୁର୍ଗାପୂଜାକୁ ସୂଚାରୁରୂପେ ସମ୍ପାଦନ କରିବାକୁ ଚେଷ୍ଟା କରୁଛୁ। ପୂଜା ବେଳେ ମଣ୍ଡପ ପରିସରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ବିଶେଷ ଗୁରୁତ୍ୱ ଦେବା ସହିତ ଏଠାକୁ ଆସୁଥିବା ସମସ୍ତ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ପୂଜା କରିବାର ସୁଯୋଗ ଦେବା ଉପରେ ଧ୍ୟାନ ରଖିଛୁ। ଆମ ପୂଜାର ବିଧି ଅନୁସାରେ ଅଷ୍ଟମୀରେ ଖେଚୁଡ଼ି ଭୋଗ, ନବମୀରେ ଦହି ପଖାଳ ଓ ଦଶମୀ ଦିନ ମିଷ୍ଟାନ୍ନ ବଣ୍ଟନ କରିବାର ବ୍ୟବସ୍ଥା କରାଯାଉଛି। ଏହାସହିତ ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରିବା ନିମନ୍ତେ ମଧ୍ୟ କମିଟି ନିଷ୍ପତ୍ତି ନେଇଛି।

Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : **ବିଭୁତି ଭୂଷଣ ପାତ୍ର**
Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**
Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**